R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୪୨
ତିଥି : ଅଷ୍ଟମୀ
୨୪ ଫେବୃଆରୀ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 142
24 February 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଡ୍ରଗ୍ ମାଫିଆର ମୃତ୍ୟୁରୁ ହିଂସା, ଜଳୁଛି ମେକ୍ସିକୋ

ମେକ୍ସିକୋ ସିଟି, ୨୩।୨ : କୁଖ୍ୟାତ ଡ୍ରଗ୍ ମାଫିଆ ନେମେସିଓ "ଏଲ୍ ମେଞ୍ଚୋ" ଓ ସେଗୁଏରାର ମୃତ୍ୟୁ ପରେ ସାରା ମେକ୍ସିକୋରେ କାର୍ଟେଲ୍ ହିଂସାର ଭୟଙ୍କର ରୂପ ଦେଖିବାକୁ ମିଳିଛି। ମେଞ୍ଚୋର ସମର୍ଥନରେ ବନ୍ଧୁକଧାରୀମାନେ ବିଭିନ୍ନ ସହରରରେ ହିଂସାକାଣ୍ଡ ଘଟାଇଛନ୍ତି। ସେମାନେ ଶହଶହ ଗାଡ଼ିରେ ନିଆଁ ଲଗାଇ ଦେଇଥିବା ବେଳେ ହାଇୱେ ବ୍ଲକ୍ କରିଛନ୍ତି ଓ ଦେଶର ସବୁଠାରୁ ବଡ଼ ବିମାନବନ୍ଦରରେ ଆତଙ୍କ ଖେଳାଇଛନ୍ତି।ସୁରକ୍ଷାକର୍ମୀଙ୍କ ଗୁଳିରେ ମେଞ୍ଚୋ ନିହତ ହୋଇଥିବାରୁ ସାରା ଦେଶରେ ଏହାର ପ୍ରତିଶୋଧ ପାଇଁ



ତା'ର ସମର୍ଥକମାନେ ଏପରି ହିଂସାକାଣ୍ଡ ଘଟାଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ମେକ୍ସିକୋ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଦେଶର ଶକ୍ତିଶାଳୀ 'ଜଲିସ୍କୋ ନ୍ୟୁ ଜେନେରେସନ କାର୍ଟେଲ୍'ର ମୁଖ୍ୟ ଥିଲା ୬୦ ବର୍ଷୀୟ ଓସେଗୁଏରା।ତେବେ ଜଲିସ୍କୋର ଟପାଲପାରେ ମେକ୍ସିକାନ ସ୍ପେଶାଲ ଫୋର୍ସର ସ୍ୱତନ୍ତ୍ର ଅପରେସନରେ ସେ ପ୍ରାଣ ହରାଇଛି। ଅପରେସନ ବେଳେ ମେଞ୍ଚୋ ଦେହରେ ଗୁଳିମାଡ଼ ହୋଇଥିଲା। ତା'କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଉଥିବା ବେଳେ ତା'ର ମୃତ୍ୟୁ ହୋଇଥିଲା। ଏହି ଖବର ସାମ୍ନାକୁ ଆସିବା ପରେ ଡ୍ରଗ କାରବାରରେ ଲିପ୍ତ ଥିବା କାର୍ଟେଲ ପକ୍ଷରୁ ପୋଡ଼ାଜଳା ଆରମ୍ଭ ହୋଇଛି। ସୁରକ୍ଷା ଅଧିକାରୀଙ୍କ ଅନୁଯାୟୀ, ରବିବାର ଦିନ କାର୍ଟେଲ୍ ଗୁଣ୍ଡାମାନେ ଅତି କମରେ ୨୦ଟି ରାଜ୍ୟରେ ୨୫୦ଟି ସ୍ଥାନରେ ପୋଡ଼ାଜଳା କରି ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ପରିବହନ ବ୍ୟବସ୍ଥା ସଂପୂର୍ଣ୍ଣ ଠପ୍ ହୋଇଯାଇଛି। ବ୍ୟାପକ ହିଂସାକାଣ୍ଡ ଯୋଗୁ ଲୋକମାନେ ଘରୁ ବାହାରି ପାରି ନାହାନ୍ତି। ପ୍ୟୁର୍ଟୋ ଭାଲାର୍ଟା ରିସର୍ଟରେ ପର୍ଯ୍ୟଟକମାନେ ପୋଷ୍ଟ କରିଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ ବନ୍ଧୁକଧାରୀଙ୍କ ଆତଙ୍କ ଯୋଗୁ ଲୋକମାନେ ବିମାନବନ୍ଦରରୁ ପ୍ରାଣ ବିକଳରେ ଅନ୍ୟତ୍ର ( ୯ ପୃଷ୍ଠାରେ)

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଭୟ

## ଇରାନ ଛାଡ଼ିବାକୁ ଭାରତୀୟଙ୍କୁ ପରାମର୍ଶ

ତେହେରାନ, ୨୩।୨ : ଆମେରିକା-ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ଓ ଛାତ୍ର ଆନ୍ଦୋଳନ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ଘନେଇବାରେ ଲାଗିଛି। ଇରାନରେ ସ୍ଥିତି ଅଶାନ୍ତ ରହିଥିବାବେଳେ ଭାରତ ସୋମବାର ଏହାର ନାଗରିକଙ୍କୁ ତୁରନ୍ତ ତେହେରାନ ଛାଡ଼ିବାକୁ କହିଛି। ଇରାନରେ ରହୁଥିବା ଭାରତୀୟ ଯେକୌଣସି ପରିବହନ ମାଧ୍ୟମ ଦେଇ ସେଠାରୁ ଚାଲିଆସିବାକୁ କୁହାଯାଇଛି। ତେହେରାନରେ ଥିବା ଭାରତୀୟ ଦୂତାବାସ ସଦ୍ୟତମ ପରାମର୍ଶବଳୀ ଜାରି କରିଛି। ଏହାପୂର୍ବରୁ ଚଳିତ ମାସ ଜାନୁଆରି ୫ ତାରିଖରେ ମଧ ଭାରତୀୟ ଦୂତାବାସ ପକ୍ଷରୁ ଏପରି ପରାମର୍ଶବଳୀ ଜାରି କରିଥିଲା। ଜାନୁଆରି ୧୪ରେ ଭାରତୀୟ ନାଗରିକ ଓ ଭାରତୀୟ ବଂଶୋଦ୍ଭବଙ୍କୁ ସତର୍କତା ଅବଲମ୍ବନ କରିବା, ବିରୋଧ ପ୍ରଦର୍ଶନ ଚାଲିଥିବା ଅଞ୍ଚଳଠାରୁ ଦୂରେଇ ରହିବାକୁ ସତର୍କ କରାଇଥିଲା। ସୋମବାର ତେହେରାନସ୍ଥିତ ଭାରତୀୟ ଦୂତାବାସ ବର୍ତ୍ତମାନ ଇରାନରେ ଥିବା ସମସ୍ତ ଭାରତୀୟ ନାଗରିକ, ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କୁ ବାଣିଜ୍ୟିକ ବିମାନ ସମେତ ଯେକୌଣସି ଉପଲବ୍ଧ ପରିବହନ ମାଧ୍ୟମରେ ଦେଶ ଛାଡ଼ିବାକୁ କହିଛି। ଏହାସହିତ ଭାରତୀୟ ନାଗରିକଙ୍କୁ ସେମାନଙ୍କର ପରିଚୟପତ୍ର ଏବଂ ପାସପୋର୍ଟ ଭଳି ଇମିଗ୍ରେସନ ଏବଂ ଯାତ୍ରା ଡକ୍ୟୁମେଣ୍ଟଗୁଡ଼ିକ ନିଜ ପାଖରେ ରଖିବାକୁ ଏବଂ ଯେକୌଣସି ସହାୟତା ପାଇଁ ଦୂତାବାସ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଦୂତାବାସ ପକ୍ଷରୁ ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ମଧ୍ୟ ଜାରି କରାଯାଇଛି। ଏହାସହିତ ଦୂତାବାସ ସହିତ ନିଜକୁ ପଞ୍ଜିକୃତ କରିବାକୁ କୁହାଯାଇଛି। ଯଦି ଇରାନରେ ଥିବା ବ୍ୟକ୍ତି ନିକଟରେ ଇଣ୍ଟରନେଟ୍ ବ୍ୟବସ୍ଥା ନ ଥିବ ତେବେ ସେମାନଙ୍କ ପରିବାର ଲୋକ ମଧ୍ୟ ପଞ୍ଜିକରଣ କରିପାରିବେ। ତେହେରାନରେ ଶନିବାର ଓ ରବିବାର ବଡ଼ଧରଣ ଛାତ୍ର ଆନ୍ଦୋଳନ ଦେଖାଯିବା ପରେ ଭାରତ ପକ୍ଷରୁ ଏହି ପରାମର୍ଶ ଜାରି କରାଯାଇଛି। ଅନ୍ୟପକ୍ଷରେ ଆମେରିକା ଓ ଇରାନ ମଧ୍ୟରେ ( ୯ ପୃଷ୍ଠାରେ)

## ଆତଙ୍କବାଦ ମୁକାବିଲା ଲାଗି ନୂଆ ନୀତି 'ପ୍ରହାର'

ନୂଆଦିଲ୍ଲୀ, ୨୩।୨ : ଆତଙ୍କବାଦର ମୁକାବିଲା ଲାଗି କେନ୍ଦ୍ର ସରକାର ପ୍ରହାର ନାମରେ ଏକ ନୂତନ ନୀତି ଆଣିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ନୂଆ ନୀତି ଅନୁଯାୟୀ ଗୁଇନ୍ଦା ବିଭାଗ ସୂଚନା ଆଧାରକୁ ସମନ୍ୱିତ କରାଯାଇ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରାଯିବ।

ଜାତୀୟ ଆତଙ୍କବାଦ ପ୍ରତିରୋଧ ନୀତି ଓ ରଣନୀତିର ନାମକୁ ପ୍ରହାର ରଖାଯାଇଛି। ଭାରତ ପକ୍ଷରୁ ଏ ନେଇ ସୀମାପାର ଆତଙ୍କବାଦ ଓ ଜିହାଦିମାନଙ୍କ ନେଟୱାର୍କକୁ ପ୍ରତିରୋଧ କରିବା ଲାଗି ଯୋଜନା କରାଯାଇଛି। ଯେଉଁଭଳି ଭାବରେ ଡ୍ରୋନ ମାଧ୍ୟରେ ଚୋରା ଚାଲାଣ କରାଯିବା ସହ ସାଇବର ଅପରାଧ ବୃଦ୍ଧି ପାଇଛି। ଏହାର ମୁକାବିଲା ପାଇଁ ସରକାର ପଦକ୍ଷେପ ନେବେ। ଏହି ନୂଆ ନୀତିରେ ଭାରତ ସୀମା ଦେଶଗୁଡିକ ଆଡୁ ଯେଉଁଭଳି ଭାବେ ଆତଙ୍କବାଦକୁ ପ୍ରାୟୋଜିତ କରାଯାଉଛି, ଏହାକୁ ଚିହ୍ନଟ କରାଯିବ। ବିଶେଷ କରି ସଂଗଠିତ ଅପରାଧ ସିଣ୍ଡିକେଟ, ଅସ୍ତ୍ରଶସ୍ତ୍ର ଯୋଗାଣ, ଆତଙ୍କୀ ସଂଗଠନରେ ନିଯୁକ୍ତି, ଡ୍ରୋନ ବ୍ୟବହାର ବୃଦ୍ଧି ଉପରେ ନଜର ରଖାଯିବ। ପ୍ରଥମ ଥର ଲାଗି ଏଭଳି ଏକ ସମନ୍ୱିତ ନୀତି ଗ୍ରହଣ କରାଯାଇଛି। ପ୍ରଥମ ଥର ଲାଗି ସରକାରଙ୍କ ପକ୍ଷରୁ ରସାୟନ, ବାୟୋଲିଜିକାଲ, ରେଡିଓଲୋଜିକାଲ, ଡିଜିଟାଲ ଏବଂ ବିସ୍ଫୋରଣ ନେଇ ଯେଉଁ ଆହ୍ୱାନ ରହିଛି ତାହାର ମୁକାବିଲା କରାଯିବ। ପ୍ରହାରରେ ଗୁଇନ୍ଦା ସୂଚନାର ଗୋପନୀୟତା ନେଇ ଏକ ମଡେଲ ପ୍ରସ୍ତୁତ କରାଯିବ। ବହୁମୁଖୀ ସଂସ୍ଥା, କେନ୍ଦ୍ର ଏବଂ ଗୁଇନ୍ଦା ଯୁଗ୍ମ ଟ୍ୟାକ୍ସଫୋର୍ସ , ଗୁଇନ୍ଦା ବ୍ୟୁରୋରେ ସ୍ଥାପିତ ହେବ। କେନ୍ଦ୍ର ସରକାର ବାସ୍ତବ ସମୟ ମଧ୍ୟରେ ଆତଙ୍କର ମୁକାବିଲା କରିବା ପାଇଁ ପଦକ୍ଷେପ ନେବେ। କେନ୍ଦ୍ରୀୟ ସଂସ୍ଥା ଓ ରାଜ୍ୟ ପୋଲିସବାହିନୀ ମିଳିତ ଭାବେ ତଥ୍ୟ ପ୍ରଦାନ କରିବେ। ବିଶେଷ କରି ଆତଙ୍କବାଦ ସଂଗଠନକୁ ତୃଣମୂଳ ସ୍ତରରେ ଯେଉଁ ଆର୍ଥିକ ସହାୟତା ଦିଆଯାଉଛି ତାହା ଉପରେ ରୋକ ଲଗାଯିବ। ଏଥିଲାଗି ସବୁ ଦିଗରୁ ବ୍ୟବସ୍ଥା କରାଯାଇଛି। ଏହାଛଡା ଇଣ୍ଟରନେଟ୍ ଜରିଆରେ ଯେଉଁଭଳି ନିଯୁକ୍ତି ଲାଗି ଅପବ୍ୟବହାର କରାଯାଉଛି ତାହା ଉପରେ ସ୍ୱତନ୍ତ୍ର ଫୋକସ ରହିବ। ସ୍ଥାନୀୟ ଥାନାଗୁଡିକୁ ମଧ୍ୟ ଆଲର୍ଟ କରାଯିବ। ଆତଙ୍କୀ ଘଟଣାର ପ୍ରଥମ ରିପୋର୍ଟ ସ୍ଥାନୀୟ ଥାନାରୁ ( ୯ ପୃଷ୍ଠାରେ)

## ଲୋକାଭିମୁଖୀ ବଜେଟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନାର ସୁଅ

ଭୁବନେଶ୍ୱର, ୨୩।୨ (ସବ୍ୟୁ) : ଆଜି ସନ୍ଧ୍ୟାରେ ଭୁବନେଶ୍ୱର ରାଜ୍ୟ ଅତିଥିଭବନ ଠାରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ବାସିନ୍ଦା, କଟକ ଜିଲ୍ଲା ନିଆଳୀ ଅଞ୍ଚଳର ବାସିନ୍ଦା ଏବଂ ଭାରତୀୟ ମଜଦୂର ସଂଘର ସଦସ୍ୟମାନେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବଜେଟ୍‌ରେ ପ୍ରତ୍ୟେକ ଅଞ୍ଚଳ ଓ ପ୍ରତ୍ୟେକ ବର୍ଗର ବିକାଶ ପାଇଁ ପ୍ରାବଧାନ କରିଥିବାରୁ ସମ୍ବର୍ଦ୍ଧିତ କରି ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ।

ସୂଚନାଯୋଗ୍ୟ ଯେ, ୨୦୨୬-୨୭ ବଜେଟରେ କେନ୍ଦ୍ରାପଡ଼ାରେ ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ, ଫୁଲନଖରା-ନିଆଳି ମାଧବ ୪-ଲେନ ରାସ୍ତା



ଉନ୍ନତିକରଣ ଏବଂ ଏପ୍ରିଲ ପହିଲାରୁ ପ୍ରଫେସନାଲ ଟ୍ୟାକ୍ସ ପ୍ରତ୍ୟାହାର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

୨୦୨୬-୨୭ ବର୍ଷର ଏହି ବଜେଟ ସବୁ ବର୍ଗର ଜନସାଧାରଣଙ୍କ ଆଶା, ଆକାଂକ୍ଷା ପୂରଣ କରି ରାଜ୍ୟ ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ମତ ପ୍ରକାଶ କରିଥିଲେ।

ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ କହିଥିଲେ ଯେ, ସ୍ୱାଧୀନତା ପରଠାରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଉଚ୍ଚ ଶିକ୍ଷାର ବିକାଶ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇନଥିଲା, କିନ୍ତୁ ଏହି ବଜେଟରେ ବିଶ୍ୱବିଦ୍ୟାଳୟ ସ୍ଥାପନ ନିଷ୍ପତ୍ତି ଜିଲ୍ଲାବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣ କରିଛି। ସେ ଆହୁରି କହିଥିଲେ ଯେ, ବଳଦେବଜୀଉ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ କେନ୍ଦ୍ରାପଡ଼ାରେ ଜାହାଜ ନିର୍ମାଣ କାରଖାନା ସ୍ଥାପନ ପ୍ରସ୍ତାବ ଜିଲ୍ଲାର ( ୯ ପୃଷ୍ଠାରେ)

## ବଜେଟ ଅଧିବେଶନ ଚାଲିବାରେ ବିରୋଧୀ ଅନ୍ତରାୟ ସୃଷ୍ଟି କରୁଛନ୍ତି : ସୁରେଶ

ଭୁବନେଶ୍ୱର, ୨୩।୨ (ସବ୍ୟୁ): ବିରୋଧୀଙ୍କ ଆନ୍ଦୋଳନ ପାଇଁ ବଜେଟ ଅଧିବେଶନ ଚାଲି ପାରୁନାହିଁ । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଭଳି ଅଭିଯୋଗ କରିଛନ୍ତି ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ବିଧାନସଭା ଏକ ସ୍ଥାନ ଯେଉଁଠି ରାଜ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଯାଇପରିବ । ଲୋକଙ୍କ ସମସ୍ୟାକୁ ବିଧାନସଭାରେ ଉପସ୍ଥାପନ କରିପାରିବେ । ତର୍କ ବିତର୍କରେ ସମାଧାନର ସୂତ୍ର ବାହାରିବ । ଚାଷୀ ପ୍ରସଙ୍ଗ ଏକ ମହତତ୍ୱପୂର୍ଣ୍ଣ ଆଲୋଚନା । ବିରୋଧୀ ମୁଲତବୀ ଆଣିଥିଲେ ସରକାର୍ ପ୍ରସ୍ତୁତ ଥିଲେ ଆଲୋଚନା ହୋଇଥାନ୍ତା ।



ନିଜେ ନୋଟିସ ଦେଇ ନିଜେ ମୂଳତବୀ ଆଲୋଚନା କରାଇନଦେବା କେଉଁ ଆଡ଼କୁ ଇଙ୍ଗିତ କରୁଛି ।ଚାଷୀ ପ୍ରସଙ୍ଗରେ ଆମ ସରକାର୍ ସର୍ବଦା ତତ୍ପର ଅଛନ୍ତି । ପୂର୍ବ ସରକାର ଠୁ ଆମ ସରକାର୍ ଅଧିକ ଧାନ ସଂଗ୍ରହ କରିଛନ୍ତ । ଏବେ ରବି ଆସିନାହିଁ । ମାର୍ଚ୍ଚ ୩୧ ଯାଏଁ ଧାନ ସଂଗ୍ରହ ଚଳିବ । ଉତ୍ତରାଧିକାରୀ ସୂତ୍ରରେ ଯେଉଁ ଭିତ୍ତିଭୂମି ଆମେ ପାଇଛୁ । ସେ ଭିତ୍ତିଭୂମି ରେ ଆମେ ଏତେ ସଂଖ୍ୟକ ଅନ୍ନ ଦାତାଙ୍କୁ ସେବା ଯୋଗାଇବା କଷ୍ଟ । ମଣ୍ଡି ପାଇଁ ଭିତ୍ତିଭୂମି କାମ ଆରମ୍ଭ ହୋଇଛି । ୨୨୦ ମଣ୍ଡି କାମ ଶେଷ ହୋଇଛି । ୬୦ ମଣ୍ଡି କାମ ଶେଷ ହେବା ଉପରେ । ୧୦୦ ମଡେଲ ମଣ୍ଡି ପାଇଁ ମଧ୍ୟ ସରକାର୍ କାମ କରୁଛନ୍ତି । ବିରୋଧୀ ଭୟ କରୁଛନ୍ତି । ଯଦି ଆଲୋଚନା ହେବ ପୂର୍ବ ସରକାର କଥା ଉଠିବ । ଭୟରେ ସେମାନେ ଆନ୍ଦୋଳନ ଏବଂ ପ୍ରତିବାଦ କରୁଛନ୍ତି। ଆଲୋଚନା କରୁନାହାନ୍ତି ।ସରକାର୍ ପ୍ରସ୍ତୁତ ଅଛନ୍ତି ବିଧାନସଭାରେ ଭୁଲ ପ୍ରମାଣିତ କରନ୍ତୁ ଆପଣଙ୍କୁ ରାସ୍ତା ମିଳିବ। ଗଣତନ୍ତ୍ରକୁ ସହଭାଗିତା କରିବା, ଆପଣଙ୍କ ଅନୁଭବକୁ ( ୯ ପୃଷ୍ଠାରେ)

## ଜାତୀୟ ପତାକାର ବ୍ୟବହାର ନେଇ ନିର୍ଦ୍ଦେଶନାମା

ଭୁବନେଶ୍ୱର, ୨୩।୨ (ସବ୍ୟୁ) : କେନ୍ଦ୍ର ଗୃହ ବିଭାଗ ଜାତୀୟ ପତାକାର ବ୍ୟବହାର ଏବଂ ସମ୍ମାନ ପ୍ରଦର୍ଶନ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

'ଜାତୀୟ ସମ୍ମାନର ଅପମାନ ନିବାରଣ ଆଇନ, ୧୯୭୧' ଏବଂ 'ଭାରତୀୟ ଜାତୀୟ ପତାକା ସଂହିତା, ୨୦୦୨ (୨୦୨୧ ଏବଂ ୨୦୨୨ ରେ ସଂଶୋଧିତ) ରେ ଜାତୀୟ ପତାକାର ବ୍ୟବହାର/ଉତ୍ତୋଳନ/ପ୍ରଦର୍ଶନକୁ ନିୟନ୍ତ୍ରଣ କରାଯାଇଛି । ସଂଶୋଧିତ ଆଇନ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ଜାତୀୟ, ସାଂସ୍କୃତିକ ଏବଂ କ୍ରୀଡା କାର୍ଯ୍ୟକ୍ରମ ଅବସରରେ ସାଧାରଣ ଜନତା କାଗଜରେ ତିଆରି ଜାତୀୟ ପତାକା ଉଡ଼ାଇପାରିବେ। ଏହି ବ୍ୟବହୃତ କାଗଜରେ ତିଆରି ପତାକା କାର୍ଯ୍ୟକ୍ରମ ପରେ ଫୋପାଡ଼ି ( ୯ ପୃଷ୍ଠାରେ)

## ଆଇଆର୍ଏସ୍ ଅଫିସରଙ୍କ ଦୁଷ୍କର୍ମ ମାମଲା

## ଅତିରିକ୍ତ ଡିସିପିଙ୍କୁ ତଦନ୍ତ ଦାୟିତ୍ୱ

ଭୁବନେଶ୍ୱର, ୨୩।୨ (ସବ୍ୟୁ) : ସହିଦନଗର ଥାନା ଅଞ୍ଚଳ ସରକାରୀ କ୍ୱାର୍ଟର୍ସରେ ଜଣେ ଆଇଆର୍ଏସ୍ ଅଫିସର ଜଣେ ମହିଳାଙ୍କୁ ବଳାତ୍କାର କରିବା ଘଟଣାକୁ ନେଇ ଅଡୁଆରେ ପଡ଼ିଛି କମିଶନରେଟ୍ ପୋଲିସ । ୧୫ ତାରିଖରୁ ଅଭିଯୋଗ ହୋଇଥିବା ବେଳେ ଅଭିଯୁକ୍ତ ଅଫିସରଙ୍କ ଉପରେ କୌଣସି ପଦକ୍ଷେପ ନନେଇ ପୋଲିସ ମାମଲା ରୁଜୁ କରି କେବଳ ଡାକ୍ତରୀ ମାଇନା କରାଇଛି । ପୋଲିସ ଜବତ କରିଥିବା ମୋବାଇଲ, ଲାପ୍‌ଟପ୍ ପ୍ରଭୃତିକୁ ପରୀକ୍ଷା କରିବା ପାଇଁ ପଠାଇଛି । ଖବରକୁ ନେଇ ଜାତୀୟ ମାନବାଧିକାର କମିଶନ ହସ୍ତକ୍ଷେପ କରିବା ସହ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରି ପୀଡିତାକୁ ସହଯୋଗ କରାଯାଉ ବୋଲି କହିଛନ୍ତି। ଅଭିଯୁକ୍ତ ଜିଏସ୍‌ଟି ଯୁଗ୍ମ କମିଶନର ହୋଇଥିବାରୁ ଅଭିଯୋଗକୁ ଗମ୍ଭୀରତାର ସହ ବିଚାର କରୁଛି କମିଶନରେଟ୍ ପୋଲିସ । ଖବର ପ୍ରକାଶ ପାଇବା ପରେ କାହିଁକି ତାଙ୍କୁ ପୋଲିସ ଗିରଫ କରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ପୀଡିତା ମହିଳାଙ୍କ ନଗ୍ନ ଫଟୋକୁ ଉତ୍ତୋଳନ କରି ଭାଇରାଲ ଧମକ ଦେଇ ତାଙ୍କୁ ବାରମ୍ବାର ଅଭିଯୁକ୍ତ ବଳାତ୍କାର କରିଥିବା ସେ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୀଡିତାଙ୍କ ସମେତ ୩ଜଣଙ୍କ ବୟାନ ରେକର୍ଡ କରାଯାଇଥିବା କୁହାଯାଉଛି । ଜଣେ ସମ୍ପର୍କୀୟ ଭଉଣୀଙ୍କ ଘରକୁ ପୀଡିତା ୩୮ ବର୍ଷୀୟା ମହିଳା ଆସିଥିଲେ । ସେହି ମହିଳାଙ୍କ ସହ ଭଉଣୀଙ୍କ ସ୍ୱାମୀର ଖରାପ ସମ୍ପର୍କ ଥିବା ଅଭିଯୁକ୍ତ ଅଫିସର ଜାଣିବା ପରେ ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲା । ସମ୍ପର୍କୀୟ ଭଉଣୀ ଓ ଅଭିଯୁକ୍ତଙ୍କ ପତ୍ନୀ କୌଣସି କାମରେ ବାହାରକୁ ଯାଇଥିବା ସୁଯୋଗରେ ସେ ପୀଡିତାଙ୍କୁ ପାଖକୁ ଡାକି ମୋବାଇଲରେ ସିନେମା ଦେଖିବାକୁ କହିଥିଲା । ସିନେମା ଦେଖାଇବା ପରିବର୍ତ୍ତେ ତାଙ୍କୁ ଆପତ୍ତିଜନକ ଫଟୋ ଦେଖାଇଥିଲା । ସେ ଆପତ୍ତିଜନକ ଫଟୋ ଦେଖି ପ୍ରତିବାଦ ନକରିବାରୁ ଅଭିଯୁକ୍ତ ତାଙ୍କୁ ସାହାସ କରିଥିଲା ବଳାତ୍କାର କରିବାକୁ । ବଳାତ୍କାର ସମୟରେ ଭିଡିଓ ଉତ୍ତୋଳନ କରି ରଖିଥିଲା । ପରେ ତାଙ୍କୁ ସେସବୁ ଦେଖାଇ ବାରମ୍ବାର ବଳାତ୍କାର କରିଥିଲା । ପୀଡିତା ( ୯ ପୃଷ୍ଠାରେ)

## ଗୃହରେ ଅଚଳାବସ୍ଥା ଜାରି

## ଚାଷୀ ପ୍ରସଙ୍ଗ ନେଇ ବିଜେଡିର ହଙ୍ଗାମା

ଭୁବନେଶ୍ୱର, ୨୩।୨ (ସବ୍ୟୁ): ବିଧାନସଭାର ବଜେଟ ଅଧିବେଶନ ଷଷ୍ଠ ଦିନରେ ବି ଅଚଳାବସ୍ଥା ଜାରି ରହିଛି । ବିଜେଡି ଧାନ କିଣା ଅବ୍ୟବସ୍ଥା ପ୍ରସଙ୍ଗ କରିଥିବା ବେଳେ ସଂସଦରେ ରାହୁଲ ଗାନ୍ଧିଙ୍କୁ ଅପଶବ୍ଦ ବ୍ୟବହାର, ଏପଷ୍ଟିନ୍ ପ୍ରସଙ୍ଗରେ କଂଗ୍ରେସ ହଙ୍ଗାମା କରିଛି । ଫଳରେ ପ୍ରଥମାର୍ଦ୍ଧ ସମ୍ପୂର୍ଣ୍ଣ ଧୋଇଯାଇଥିବା ବେଳେ ଦ୍ୱିତୀୟାର୍ଦ୍ଧ ଗୃହ ବାରମ୍ବାର ମୁଲତବୀ ହୋଇଥିଲା ।



**ରାହୁଲ ଗାନ୍ଧୀଙ୍କ ପ୍ରତି ସଂସଦରେ ଅପଶବ୍ଦ ବ୍ୟବହାର ପ୍ରସଙ୍ଗ ଉଠାଇଲା କଂଗ୍ରେସ**

**ରିପୋର୍ଟର ଟେବୁଲ୍ ଉପରେ ଚଢ଼ି ପ୍ରତିବାଦ କଲେ ବିଜେଡି ସଭ୍ୟ**

**ସର୍ବଦଳୀୟ ବୈଠକ ବିଫଳ, ଗୃହ ବାରମ୍ବାର ମୁଲତବୀ**

ବାଚସ୍ପତି ସର୍ବଦଳୀୟବୈଠକ ଡାକିଥିଲେ ମଧ୍ୟ ତାହା ବି ବିଫଳ ହୋଇଥିଲା ।

ସୋମବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ସଦସ୍ୟମାନେ ଗୃହ ମଧ୍ୟ ଭାଗକୁ ଚାଲିଆସିଲେ । ହାତରେ ଥିଲା ପୋଷ୍ଟର, ନାରା ଥିଲା କଟନି ଛଟନି ବନ୍ଦ କର... ଚାଷୀ ମାରଣ ନୀତି ଚଳିବ ନାହିଁ.... କହିଥିଲ ଠନ ଠନ୍ କେବେ ଦବ ଠନ ଠନ୍ ? ସ୍ଲୋଗାନ ଦେଇ ଗୃହ କମ୍ପାଇଥିଲେ । ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଚେୟାର ପକେଇ ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପୋଷ୍ଟର ଦେଖାଇଥିଲେ । ହୋହାଲ୍ଲା ଭିତରେ ଯୋଗେଶ ସିଂ ହଠାତ ରିପୋର୍ଟର୍ସ ଟେବୁଲ୍ ଉପରେ ଚଢ଼ିଯାଇଥିଲେ । ଟେବୁଲ୍ ଉପରେ ଘୁରି ବୁଲି ବିରୋଧ ପ୍ରଦର୍ଶନ କରିଥିଲେ ।

ସେହିପରି କଂଗ୍ରେସ ସଭ୍ୟମାନେ ହାତରେ ପ୍ଲାକାର୍ଡ ଧରି ଗୃହର ମଧ୍ୟ ଭାଗକୁ ମାଡ଼ି ଆସିଥିଲେ । କିନ୍ତୁ ଆଜିର ପ୍ରସଙ୍ଗ ଥିଲା ପୁରା ଅଲଗା । ଚାଷୀ ପ୍ରସଙ୍ଗ ଛାଡ଼ି ଆଜି କଂଗ୍ରେସ ଗୃହରେ ଏପଷ୍ଟିନ୍ ପ୍ରସଙ୍ଗକୁ ଆୟୁଧ କରିଥିଲେ। ଏଥିସହିତ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ସଂସଦରେ ଅପଶବ୍ଦ ବ୍ୟବହାର ପ୍ରସଙ୍ଗରେ ହଙ୍ଗାମା କରିଥିଲେ। ସେହିପରି ଆମେରିକା ସହ ଭାରତର ବାଣିଜ୍ୟ ଚୁକ୍ତି ଚାଷୀଙ୍କ ପ୍ରତି ଉପହାସ ବୋଲି କହି ସ୍ଲୋଗାନ ଦେଇଥିଲେ ।

ଗୃହର ଅସ୍ୱାଭାବିକ ପରିସ୍ଥିତିକୁ ଦେଖି ବାଚସ୍ପତି ବିରୋଧୀ ଦଳର ସଦସ୍ୟମାନଙ୍କୁ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ହେଲେ ବିରୋଧୀ ସଦସ୍ୟମାନେ ହଙ୍ଗାମା ଜାରି ରଖିଥିଲେ । ହୋହାଲ୍ଲା ମଧ୍ୟରେ ବିଜେପି ବିଧାୟକ ବିଜୟ ଦଳ ବେହେରାଙ୍କ ପ୍ରଶ୍ନର ( ୯ ପୃଷ୍ଠାରେ)

## ରାଜ୍ୟରେ ୪୦ ମାଓବାଦୀ ସକ୍ରିୟ

ଭୁବନେଶ୍ୱର, ୨୩।୨ (ସବ୍ୟୁ) : ରାଜ୍ୟରେ ମାଓବାଦୀ ସମସ୍ୟାର ସ୍ଥିତି ଏବେ କ'ଣ, ଏବେ ରାଜ୍ୟରେ କେତେ ସକ୍ରିୟ ମାଓବାଦୀ କେଉଁ କେଉଁ ଜିଲ୍ଲାରେ ସକ୍ରିୟ ଅଛନ୍ତି ଏନେଇ ବିଧାୟକ ଧ୍ରୁବଚରଣ ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲିଖିତ ପ୍ରଶ୍ନ ପଚାରିଥିଲେ । ଏହା ସହିତ ମାଓବାଦୀ ସମସ୍ୟାର କେବେ ସୁଦ୍ଧା ସମାଧାନ ହେବ ବୋଲି ସରକାର ଭାବୁଛନ୍ତି ସେ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ବୋଲି ପ୍ରଶ୍ନ ରଖିଥିଲେ । ଏହାର ଲିଖିତ ଉତ୍ତରରେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ମାଓବାଦୀ ସମସ୍ୟା ଜନିତ ସ୍ଥିତିରେ କ୍ରମାଗତ ଭାବରେ ଉନ୍ନତି ହେଉଛି । ରାଜ୍ୟରେ ମାଓବାଦୀ ସମସ୍ୟା ସ୍ଥିତି ଉପରେ ରାଜ୍ୟ ସରକାର ଦୃଢ ପଦକ୍ଷେପ ନେଇଛନ୍ତି ।

ସାମ୍ପ୍ରତିକ ସ୍ଥିତିରେ କେନ୍ଦ୍ର ସରକାରଙ୍କ ସୁରକ୍ଷା ସମ୍ପର୍କିତ ଖର୍ଚ୍ଚ ଯୋଜନା ଅନୁଯାୟୀ କେବଳ କନ୍ଧମାଳ ଜିଲ୍ଲାକୁ ମାଓ ଅଧ୍ୟୁଷିତ ଜିଲ୍ଲା



ବର୍ଗରେ ରଖାଯାଇଛି । ଅନ୍ୟ ୮ଟି ଜିଲ୍ଲା କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ବୌଦ୍ଧ ଏବଂ ବଲାଙ୍ଗୀର ଜିଲ୍ଲାକୁ ଲିଗାସୀ ଓ ଥ୍ରଷ୍ଟ ଜିଲ୍ଲା ବର୍ଗରେ ରଖାଯାଇଛି । ଏବେ ରାଜ୍ୟରେ ପ୍ରାୟ ୪୦ଜଣ ସକ୍ରିୟ ମାଓବାଦୀ କଳାହାଣ୍ଡି, ରାୟଗଡା, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର ଏବଂ ବରଗଡ ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ସକ୍ରିୟ ଅଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ରାଜ୍ୟରେ ମାଓବାଦୀ ସମସ୍ୟାର ସମାଧାନ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି ଏବଂ ସେ ଦିଗରେ ପଦକ୍ଷେପ ନିଆଯାଉଛି । ପଦକ୍ଷେପ ସ୍ୱରୂପ ମାଓ କାର୍ଯ୍ୟକଳାପ ଏବଂ ଗତିବିଧିକୁ ଦମନ କରିବା ପାଇଁ ପ୍ରଭାବିତ ଅଞ୍ଚଳରେ ୭୧ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ, ୪୪ଟି ସ୍ୱତନ୍ତ୍ର ଅପରେସନ ଗ୍ରୁପ୍ ଟିମ୍, ପ୍ରାୟ ୮୩୯ଜଣ ଡିଭିଏଫ୍ ( ୯ ପୃଷ୍ଠାରେ)

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ସାହିତ୍ୟ ଜଗତର ଜଣେ ବିଶିଷ୍ଟ ପ୍ରତିଭା ଯିଏ ଓଡ଼ିଶାର ସଂସ୍କୃତିକୁ ଏକ ଭିନ୍ନରୂପ ଦେଇଥିଲେ । ୧୮୮୮ ମସିହା ଡିସେମ୍ବର ୯ ତାରିଖରେ କଟକରେ ପିତା ଭାଗବତ ପ୍ରସାଦ ଓ ମାତା ରାଧାମଣି ଦେବୀଙ୍କ କୋଳ ମଣ୍ଡନ କରି ସେ ଜନ୍ମଗ୍ରହଣ କରିଥିଲେ । ଏହି ମହାନ କବିଙ୍କୁ ଓଡ଼ିଶାର କଳା ଓ ସଂସ୍କୃତି ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ଆଜି ବି ସମସ୍ତେ ମନେ ରଖିଛନ୍ତି । ତାଙ୍କର ସ୍ୱଗ୍ରାମ ହେଉଛି ଭଦ୍ରକ ଅନ୍ତର୍ଗତ ତାଳପଦା ଗ୍ରାମ । ନିଜର ଇଷ୍ଟଦେବୀ ଗୋପୀନାଥ ଓ ରାଧାରାଣୀଙ୍କ ତଥା ଜଗନ୍ନାଥଙ୍କ ପ୍ରେରଣାରୁ ସେ ଉଭୟ ଭକ୍ତି ଓ ଦେଶଭକ୍ତିମୂଳକ ସାହିତ୍ୟ ସର୍ଜନା କରି, ତାଙ୍କର କାନ୍ତ ଓ କୋମଳ ରଚନା ବଳି ପାଇଁ କାନ୍ତକବି ଉପାଧି ଲାଭ କରିଥିଲେ । ତାଙ୍କ ରଚିତ ବନ୍ଦେ ଉତ୍କଳ ଜନନୀ ଯାହା ଓଡିଶାର ବନ୍ଦନା ଭାବେ ପରିଚିତ, ତାହା ୨୦୨୦ରେ ରାଜ୍ୟ ସଙ୍ଗୀତର ମାନ୍ୟତ୍ୟ ଲାଭ କରିଛି । ସବୁଥିରୁ ବଞ୍ଚିତ କରି ତାଙ୍କର ଅନ୍ୟତମ ଶ୍ରେଷ୍ଠ ଭଜନ । ତାଙ୍କ ରଚିତ କଣାମାମୁ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ବୁଢା ଶଙ୍ଖାରି ଗଳ୍ପଟି ବେଶ ଲୋକପ୍ରିୟ । ଓଡ଼ିଆ ଜାତିକୁ ନିଜର ଲେଖନୀ ମାଧ୍ୟମରେ ଏକଜୁଟ କରିବାର ମହାନ ପ୍ରୟାସ କରିଥିବା ଏହି ଯଶସ୍ୱୀ କବି ୧୯୫୩ ମସିହା ଫେବୃଆରୀ ୨୪ ତାରିଖରେ ଭଦ୍ରକରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ, କିନ୍ତୁ ତାଙ୍କର ଅମର କୃତି ପାଇଁ ଆଜି ବି ଓଡ଼ିଶା ତାଙ୍କୁ ମନେ ପକାଉଛି ।

## ଜନ୍ମ ନେବ କି ଡାଇନୋସର



ଅନେକ ସମୟରେ ବୈଜ୍ଞାନିକଙ୍କୁ ମାଟିତଳୁ ଡାଇନୋସର ସମ୍ବନ୍ଧିତ ତଥ୍ୟ ମିଳିଥାଏ । ତେବେ ନିକଟରେ ଆର୍ଜେଣ୍ଟିନାରେ ପାଖାପାଖି ୭ କୋଟି ବର୍ଷ ତଳର ଏକ ଡାଇନୋସର ଅଣ୍ଡା ମିଳିଛି । ଏହି ଅଣ୍ଡାର ବିଶେଷତ୍ୱ ଏହା କି ଉକ୍ତ ଅଣ୍ଡାଟି ଭଲ ଅବସ୍ଥାରେ ଅଛି । ଅର୍ଥାତ ଏଥିରୁ ଛୁଆ ଜନ୍ମହେବାର ଆଶଙ୍କା ରହିଛି । ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ ଏହି ଅଣ୍ଡାଟିକୁ ମାଇକ୍ରୋ ସିଟି ସ୍କାନ କରିବାର ପ୍ରୟାସ ଆରମ୍ଭ କରାଯାଇଛି । ଏହାଦ୍ୱାରା ଅଣ୍ଡା ଭିତରର ଅଂଶ କିଭଳି ଅଛି ସେ ସମ୍ପର୍କରେ ଜଣା ପଡିବ । ଯଦି ଅଣ୍ଡା ଭିତରେ ଥିବା ଭ୍ରୁଣ ଭଲ ଅବସ୍ଥାରେ ରହିଥାଏ ତେବେ ଏଥିରୁ ଶିଶୁ ଜନ୍ମ ହେବା ସମ୍ଭବ । ତେବେ ଏହି ଶିଶୁଟି ଜୀବନ୍ତ ଥିବ କି ନାହିଁ ତାହାର କୌଣସି ନିଶ୍ଚିତତା ନାହିଁ, ଭ୍ରୁଣର ଖାଲି କଙ୍କାଳ ମଧ୍ୟ ଅଣ୍ଡା ଭିତରେ ରହିପାରେ । ତେବେ ଏହାମଧ୍ୟ ବୈଜ୍ଞାନିକଙ୍କ ପାଇଁ ଏକ ବଡ ଉପଲବ୍ଧି ହେବ ବୋଲି ସେମାନେ ମତ ଦେଇଛନ୍ତି ।



## ପ୍ଲାଷ୍ଟିକ ଖାଇବାର ନୂଆ ଟ୍ରେଣ୍ଡ

ଚୀନରେ ସବୁବେଳେ ନୂଆନୂଆ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । ଯେଉଁଥିରେ ଲୋକମାନେ ପ୍ଲାଷ୍ଟିକରେ ଖାଦ୍ୟକୁ ଗୁଡାଇ ଚୋବାଇ ଖାଉଛନ୍ତି । ଏହା ବର୍ତ୍ତମାନ ଏକ ଟ୍ରେଣ୍ଡରେ ପରିଣତ ହୋଇଛି, ଯାହାର ନାଁ ରହିଛି କ୍ଲିଂ ରାପ ଡାଏଟର ନାଁ ମଧ୍ୟ ଦିଆଯାଇଛି । ଏହି ଡାଏଟରେ ଲୋକମାନେ ନିଜ ମୁହଁରେ ପ୍ଲାଷ୍ଟିକ ଜରି ରଖି ସେଥିରେ ଖାଦ୍ୟ ରଖିଥାଆନ୍ତି । ଏହାପରେ ପ୍ଲାଷ୍ଟିକ ସହିତ ଉକ୍ତ ଖାଦ୍ୟକୁ ଚୋବାଇଥାଆନ୍ତି । ଏହିପରି କିଛି ସମୟ ଚୋବାଇବା ପରେ ସେମାନେ ଉକ୍ତ ଖାଦ୍ୟକୁ ଫୋପାଡି ଦେଇଥାଆନ୍ତି । ଏହା ସାହାଯ୍ୟରେ ଶରୀରକୁ କ୍ୟାଲୋରୀ ଯାଇନଥାଏ କିନ୍ତୁ ମସ୍ତିଷ୍କ ଓ ପେଟ ଭରିବା ଭଳି ଅନୁଭୂତି ହୋଇଥାଏ । ଏହି ଡାଏଟ ସାହାଯ୍ୟରେ ଲୋକଙ୍କୁ ଭୋକ କମ ଲାଗୁଥିବାବେଳେ ଓଜନ ମଧ୍ୟ ନିୟନ୍ତ୍ରଣରେ ରହିଥାଏ । ହେଲେ ଏକ୍ସପର୍ଟଙ୍କ ମତରେ ଏହି ଅଭ୍ୟାସ ସୁରକ୍ଷିତ ନୁହେଁ । ଏହାଦ୍ୱାରା ଶରୀରରେ ପୋଷଣ ଅଭାବ ଦେଖିବାକୁ ମିଳିବ, ତେଣୁ ଅଧିକ ଦିନ ଧରି ଏହି ଅଭ୍ୟାସକୁ ଅନୁକରଣ କରିବା ଆମ ପାଇଁ କ୍ଷତିକାରକ ବୋଲି ଏକ୍ସପର୍ଟ ମତ ଦେଉଛନ୍ତି ।

## ଭିନ୍ନ ଅବତାରରେ ଦିବ୍ୟା



ଅଭିନେତ୍ରୀ ଦିବ୍ୟା ଦତ୍ତାଙ୍କ ନୂଆ ୱେବ୍ ସିରିଜ୍ 'ଚିରୈୟା' ର ଟିଜର୍ ରିଲିଜ୍ ହୋଇଯାଇଛି, ଯାହାକୁ ସୋସିଆଲ ମିଡିଆରେ ଖୁବ ଭଲପାଇବା ମିଳୁଛି । ଏହି ୱେବ ସିରିଜରେ ଭାରତୀୟ ପରିବାରରେ ଘଟୁଥିବା ଘରୋଇ ହିଂସା ଏବଂ ଅନ୍ୟାୟକୁ ଦର୍ଶାଯାଇଛି । ଟିଜରର ଆରମ୍ଭ ଏକ ବିବାହର ଖୁସିଭରା ମୁହୂର୍ତ୍ତରୁ ହେଉଥିବା ବେଳେ ପରବର୍ତ୍ତୀ ସମୟରେ ନୂଆ ବୋହୂ 'ପୂଜା'ଙ୍କ ଆଖିରେ ଲୁହ ଏବଂ ଶରୀରରେ ଆଘାତ ଘରୋଇ ହିଂସାକୁ ସୂଚାଉଛି । ଶଶାନ୍ତ ଶାହଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିରିଜରେ ଦିବ୍ୟା ଦତ୍ତାଙ୍କ ସମେତ ସଞ୍ଜୟ ମିଶ୍ର, ଟିନୁ ଆନନ୍ଦ, ସରିତା ଯୋଶୀ, ସିଦ୍ଧାର୍ଥ ଶ', ପ୍ରସନ୍ନ ବିଷ୍ଟ ଏବଂ ଫୈସଲ ରସିଦ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି ।

ଦିବ୍ୟାଙ୍କ ଅଭିନୟକୁ ଦର୍ଶକ ଖୁବ ଭଲପାଇବା ଦେଉଛନ୍ତ । ଟିଜର ଦେଖି ସିରିଜଟି ଖୁବ ସୁନ୍ଦର ହୋଇଥିବା ସୋସିଆଲ ମିଡିଆରେ ମତ ପ୍ରକାଶ ପାଉଛି । ଦିବ୍ୟା ସବୁବେଳେ ନିଜର ନିଆରା ଅଭିନୟ ଓ ଗମ୍ଭୀର ଡାଇଲଗ ଡେଲିଭରି ପାଇଁ ପରିଚିତ । ସବୁବେଳେ ତାଙ୍କୁ ଏକ ଭିନ୍ନ କାହାଣୀରେ ଦର୍ଶକ ଦେଖିଥାଆନ୍ତି । ଫ୍ୟାନଙ୍କ ଭିତରେ ଏହି ସିରିଜ ପାଇଁ ଖୁବ ଆଗ୍ରହ ଦେଖିବାକୁ ମିଳୁଛି ।

## ଫ୍ଲୁ

ଆଜିକାଲି ସମସ୍ତଙ୍କୁ ଥଣ୍ଡା ହେଉଥିବାବେଳେ ଛିଙ୍କ କାଶ ଲାଗି ରହୁଛି, ତେବେ ଏହାକୁ ଫ୍ଲୁ ବୋଲି କୁହାଯାଇଥାଏ । ଏହି ଫ୍ଲୁ ବା ଇନ୍‌ଫ୍ଲୁଏଞ୍ଜା ହେଉଛି ଏକ ଅତି ସାଧାରଣ ତଥା ସଂକ୍ରାମକ ଶ୍ୱାସକ୍ରିୟା ଜନିତ ରୋଗ, ଯାହା ପ୍ରତିବର୍ଷ ବିଶେଷ କରି ଋତୁ ପରିବର୍ତ୍ତନ ସମୟରେ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଥାଏ ।

ଫ୍ଲୁ ଏକ ବିଶେଷ ପ୍ରକାରର ଭାଇରସ୍ ଦ୍ୱାରା ବ୍ୟାପିଥାଏ ଏବଂ ଏହାର ଲକ୍ଷଣଗୁଡ଼ିକ ସାଧାରଣ ଥଣ୍ଡା-କାଶ ପରି । ସଠିକ୍ ସମୟରେ ସତର୍କତା ଅବଲମ୍ବନ କଲେ ଏବଂ ଏହାର କାରଣଗୁଡ଼ିକୁ ବୁଝିଲେ ଆମେ ନିଜକୁ ଏବଂ ନିଜ ପରିବାରକୁ ଏହି ସଂକ୍ରମଣରୁ ସୁରକ୍ଷିତ ରଖିପାରିବା ।

### ଲକ୍ଷଣ

▶ **ଅଧିକ ଜ୍ୱର :** ହଠାତ୍ ପ୍ରବଳ ଜ୍ୱର ହେବା ଏବଂ ଶରୀର ଥରିବା ବା କମ୍ପ ଆସିବା ।

▶ **କାଶ ଏବଂ ଗଳା ବ୍ୟଥା :** ଶୁଖିଲା କାଶ ହେବା ସହ ଗଳା କୁଣ୍ଡେଇ ହେବା ବା ଦରଜ ହେବା ।



▶ **ମୁଣ୍ଡବିନ୍ଧା :** ପ୍ରବଳମାତ୍ରା ମୁଣ୍ଡବିନ୍ଧା ହେବା ।

▶ **ମାଂସପେଶୀ ଜ୍ୱାଳା :** ଶରୀରର ବିଭିନ୍ନ ଗଣ୍ଠି ଏବଂ ମାଂସପେଶୀରେ ଯନ୍ତ୍ରଣା ହେବା ।

▶ **ଥକ୍କାପଣ :** ସାମାନ୍ୟ କାମ କଲେ ମଧ୍ୟ ବହୁତ ଶୀଘ୍ର ଥକିଯିବା ।

### କାରଣ

- ଏହା ମୁଖ୍ୟତଃ ଇନ୍‌ଫ୍ଲୁଏଞ୍ଜା 'ଏ' ଏବଂ 'ବି' ଟାଇପ୍ ଭାଇରସ୍ ଯୋଗୁଁ ହୋଇଥାଏ ।
- ସଂକ୍ରମିତ ବ୍ୟକ୍ତି କାଶିଲେ କିମ୍ବା ଛିଙ୍କିଲେ ବାୟୁ ମାଧ୍ୟମରେ ଏହି ଭାଇରସ୍ ଅନ୍ୟକୁ ବ୍ୟାପିଥାଏ ।
- ଭାଇରସ୍ ଥିବା କୌଣସି ବସ୍ତୁକୁ ଛୁଇଁବା ପରେ ସେହି ହାତକୁ ନାକ, ପାଟି କିମ୍ବା ଆଖିରେ ଲଗାଇଲେ ସଂକ୍ରମଣ ହୋଇଥାଏ ।
- ପାଣିପାଗ ବଦଳିବା ସମୟରେ ବାୟୁମଣ୍ଡଳରେ ଭାଇରସ୍ ଅଧିକ ସକ୍ରିୟ ହୋଇଥାନ୍ତି । ତେଣୁ ଏହି ସମୟରେ ବିଶେଷଭାବେ ଏହା ଦେଖିବାକୁ ମିଳେ ।

### ସାବଧାନତା

➤ ପ୍ରତିବର୍ଷ ଫ୍ଲୁ ସଟ୍ ବା ଇନ୍‌ଫ୍ଲୁଏଞ୍ଜା ଟୀକା ନେବା ସବୁଠାରୁ ଭଲ ଉପାୟ ।

➤ ନିୟମିତ ବ୍ୟବଧାନରେ ସାବୁନ୍ କିମ୍ବା ସାନିଟାଇଜର ବ୍ୟବହାର କରି ହାତ ପରିଷ୍କାର ରଖନ୍ତୁ ।

➤ ଜ୍ୱର ବା କାଶ ହେଉଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ରୁହନ୍ତୁ ।

➤ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଗଲେ ମାସ୍କ ପିନ୍ଧନ୍ତୁ ।

➤ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ, ପ୍ରଚୁର ପାଣି ପିଅନ୍ତୁ ଏବଂ ୭ ରୁ ୮ ଘଣ୍ଟା ଶୁଅନ୍ତୁ ।

➤ ନିଜ ଚାରିପାଖର ପରିବେଶକୁ ପରିଷ୍କାର ରଖନ୍ତୁ ଏବଂ ଅପରିଷ୍କାର ହାତରେ ଆଖି ବା ନାକ ଛୁଅନ୍ତୁ ନାହିଁ ।

## ଇତିହାସ

- ୧୮୨୨ - ଅହମ୍ମଦାବାଦରେ ବିଶ୍ୱର ପ୍ରଥମ ସ୍ୱାମୀ ନାରାୟଣ ମନ୍ଦିର ଉଦ୍‌ଘାଟିତ ହେଲା ।
- ୧୯୨୨- ବ୍ରିଟିଶ ଚିତ୍ରକାର ରିଚାର୍ଡ ହେମିଲଟନ୍‌ଙ୍କ ଜନ୍ମ ।
- ୧୯୩୮ - ଡୁପୋଣ୍ଟ ଦେ ନେମୋର୍ସଙ୍କ ଦ୍ୱାରା ନାଇଲନ୍ ଟୁଥ୍‌ବ୍ରସ୍‌ର ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରାଗଲା ।
- ୧୯୪୨- ଜର୍ମାନୀରେ ରେଡ଼ିଓ ନେଟ୍‌ୱର୍କ ''ଭଏସ୍ ଅଫ୍ ଆମେରିକା'ର ପ୍ରସାରଣ ଆରମ୍ଭ ହେଲା ।
- ୧୯୪୯- ଯୁଦ୍ଧବିରାମ ନେଇ ଇସ୍ରାଏଲ୍ ଓ ଇଜିପଫ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ।
- ୧୯୬୭- ହାଇଦ୍ରାବାଦର ଅନ୍ତିମ ନିଜାମ ମିର ଉସମାନ ଅଲ୍ଲୀ ଖାନ୍‌ଙ୍କ ନିଧନ ।
- ୧୯୮୬- ଭାରତନାଟ୍ୟମ୍‌ର ପ୍ରସିଦ୍ଧ ନୃତ୍ୟାଙ୍ଗନା ରୁକ୍ମିଣୀ ଦେବୀ ଅରୁନ୍ଦାଲେଙ୍କ ଦେହାନ୍ତ ।
- ୨୦୦୩- ଚୀନ୍‌ର ଜିଜିୟାଙ୍ଗ ପ୍ରାନ୍ତରେ ଭୂକମ୍ପ କାରଣରୁ ୨୫୭ ଲୋକଙ୍କ ପ୍ରାଣହାନି ।
- ୨୦୧୮ - ଲୋକପ୍ରିୟ ବଲିଉଡ୍ ଅଭିନେତ୍ରୀ ଶ୍ରୀଦେବୀଙ୍କ ପରଲୋକ ।

## ରୋଗ ଜାଣୁଛି ଏଆଇ



ଏଆଇକୁ ନେଇ ଅନେକ ପରୀକ୍ଷା କରାଯାଉଛି, ଯେଉଁଥିରୁ ବିଭିନ୍ନ ସିଦ୍ଧାନ୍ତ ବାହାରୁଛି । ସେହିକ୍ରମରେ ନିକଟରେ ଏକ ଗବେଷଣା ସାମନାକୁ ଆସିଛି । ସୂଚନା ଅନୁସାରେ କର୍ଣ୍ଣାଟକର ଏକ ଷ୍ଟାର୍ଟଅପ କମ୍ପାନୀ ଏଭଳି ଏକ ଏଆଇ ବେସ୍ଡ ମୋବାଇଲ ଆପର ବିକାଶ କରିଛି, ଯାହା କାଶରୁ ଜାଣିବ ରୋଗ କଣ । ଏହି ଆପ କାଶର ଶବ୍ଦରୁ ଆମର ଫୁସଫୁସର ପରୀକ୍ଷଣ କରିପାରିବ ବୋଲି ନିର୍ମାଣକାରୀ ଷ୍ଟାର୍ଟଅପ କମ୍ପାନୀ ପ୍ରକାଶ କରିଛନ୍ତି । ଯେତେବେଳେ ରୋଗୀ ସ୍ମାର୍ଟଫୋନରେ କାଶିବ ସେହି ସମୟରେ ଆପରେ ଏହା ରେକର୍ଡ ହେବ । ଏହାପରେ ଏଥିରେ ଥିବା ଏଆଇ ସଫ୍ଟୱେୟାର ସାହାଯ୍ୟରେ କାଶର ପାର୍ଟନକୁ ଆନାଲିସିସ କରି ରୋଗ ସମ୍ପର୍କରେ ସୂଚନା ଦେବ । କିଛି ମିନିଟରେ ହିଁ ଜଣା ପଡିଯିବ କି ଆମ ଫୁସଫୁସ ସୁସ୍ଥ ଅଛି କି ନାହିଁ । ଷ୍ଟାର୍ଟଅପଟି ସୋସିଆଲ ମିଡିଆରେ ଖୁବ ସଫଳତା ସାଉଁଟିବାରେ ଲାଗିଛି ଏହାସହ ଚର୍ଚ୍ଚାରେ ମଧ୍ୟ ରହିଛି ।

## ଫାଲଗୁନ ଶୁକ୍ଳପକ୍ଷ ସପ୍ତମୀ/ଅଷ୍ଟମୀ
## ୨୪.୨.୨୦୨୬, ମଙ୍ଗଳବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ:** ସମ୍ମାନ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଲାଭ, ଗୁରୁଜନେ ଦ୍ୱନ୍ଦ୍ୱ, ଲୋକସମ୍ପର୍କ ବୃଦ୍ଧି, ଉଚ୍ଚ ଆଶା ବିଫଳ, ଶାରୀରିକ ସୁସ୍ଥତା, ଦୂର ଯାତ୍ରା, ନୂତନ କାର୍ଯ୍ୟ ଆରମ୍ଭ । ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ ।

**ବୃଷ:** ଆୟରେ ଉନ୍ନତି, ପୁରାତନ ବିବାଦ, ବନ୍ଧୁଲାଭ, ଭୂସମ୍ପତ୍ତି ଲାଭ, ଦାମ୍ପତ୍ୟ ଖୁସି, ସନ୍ତାନ ଖୁସି, ଗୃହଶତ୍ରୁ ସମସ୍ୟା, ନୂତନ କାର୍ଯ୍ୟରେ ଲାଭ, ପଦୋନ୍ନତି । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୧୦, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ମନସ୍ତାପ, କାର୍ଯ୍ୟରେ ବିରୋଧ, ଗୃହେ ଅନାଗ୍ରହ ବିଦ୍ୟାରେ ସଫଳ, ସନ୍ତାନ ଚିନ୍ତା, ବନ୍ଧୁ ବିରୋଧ, ଗାଡ଼ି ଚାଳନାରେ ସତର୍କ, ମକଦ୍ଦମାରେ କଷ୍ଟ, ଅର୍ଥ କଷ୍ଟ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା- ଶଙ୍କର ଭଗବାନ ।

**କର୍କଟ:** ପଦୋନ୍ନତି, ଶୁଭ ସମାଚାର, ବିଶିଷ୍ଟ କାର୍ଯ୍ୟରେ ଲାଭ, ଅତିଥି ଦର୍ଶନ, ଲୋକସମ୍ପର୍କ ବୃଦ୍ଧି, ଦୂର ଯାତ୍ରା, ଆଶା ସଫଳ, ଶାରୀରିକ ସୁସ୍ଥତା, ପଦମର୍ଯ୍ୟାଦା ଲାଭ, ଅନୁଷ୍ଠାନେ ଲାଭ, ଦାମ୍ପତ୍ୟ ଖୁସି, ଶତ୍ରୁ ପରାଜି । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୯, ଆରାଧନା- ମା' ଗ୍ରାମଦେବତୀ ।

**ସିଂହ:** ଧନଲାଭ, କାର୍ଯ୍ୟ କ୍ଷେତ୍ରରେ ବିରୋଧ, ବନ୍ଧୁ ସାହାଯ୍ୟ, ପାରିବାରିକ ଖୁସି, ସମସ୍ୟା ସମାଧାନ, ଉଚ୍ଚ ଆଶାରେ ବାଧା, ଶତ୍ରୁ ସମସ୍ୟା, ମକଦ୍ଦମାରେ ବିଜୟ, ଦାମ୍ପତ୍ୟ ଖୁସି । ପୂର୍ବା ଫାଲଗୁନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**କନ୍ୟା:** କର୍ମେ ଖୁସି, ବ୍ୟବସାୟରେ ଲାଭ, ଶତ୍ରୁ ପରାଜିତ, ଗୃହେ ଉତ୍ସବ, ଲୋକସମ୍ପର୍କ ବୃଦ୍ଧି, ଶାରୀରିକ ସୁସ୍ଥତା, ଧନ ଲାଭ, ଶୁଭ ସମାଚାର, ନୂତନ କାର୍ଯ୍ୟ ଆରମ୍ଭ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶିଆ, ସଂଖ୍ୟା-୮, ଆରାଧନା- ପ୍ରଭୁ ହନୁମାନ ।

**ତୁଳା:** ଶତ୍ରୁ ସମସ୍ୟା, ମାନସିକ କଷ୍ଟ, ଅର୍ଥ ସମସ୍ୟା, ଦ୍ରବ୍ୟ ନଷ୍ଟ, ବନ୍ଧୁ ସହାୟତା, ପାରିବାରିକ ସୁଖ, ଦେବ କାର୍ଯ୍ୟ ପ୍ରତି ଆଶକ୍ତ, ବିଦ୍ୟାରେ ଅସଫଳ, ପୁରାତନ ରୋଗ, ଦୂର ଯାତ୍ରା । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା-୭, ପ୍ରତିକାର- ଗାଈକୁ ଖାଦ୍ୟ ଦିଅନ୍ତୁ ।

**ବିଛା:** ଖୁସି ଖବର, ଶାରୀରିକ ସୁସ୍ଥତା, ସମ୍ପତ୍ତି ଲାଭ, ଉଚ୍ଚ ଆଶା ସଫଳ, ଶତ୍ରୁ ସମସ୍ୟା, ବନ୍ଧୁଲାଭ, ଯାତ୍ରାରେ ସକର୍ତ, ସ୍ୱଜନ ବିରୋଧ, ବ୍ୟବସାୟରେ ଲାଭ, ସନ୍ତାନ ଖୁସି, ଦାମ୍ପତ୍ୟ କଳହ । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ଦ୍ରବ୍ୟ ଲାଭ, ଦେବକାର୍ଯ୍ୟ ପ୍ରତି ଆଗ୍ରହ, ଅନୁଷ୍ଠାନରୁ ଲାଭ, ଧନ ଲାଭ, କର୍ମ କ୍ଷେତ୍ରରେ ସମସ୍ୟା, ବନ୍ଧୁ ଲାଭ, ଶୁଭ ଖବର, ଶତ୍ରୁରେ ବିଜୟ, ଶାରୀରିକ ସୁସ୍ଥତା, ପାରିବାରିକ ବିବାଦ, ପୁରାତନ ବିବାଦରୁ ମୁକ୍ତି । ପୂର୍ବାଷାଢ଼ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ପ୍ରତିକାର- ଗୁରୁଜନଙ୍କ ସେବା ।

**ମକର:** ସନ୍ତାନ ସମସ୍ୟା, ଗୁପ୍ତ ଶତ୍ରୁ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ସାହାଯ୍ୟ, ଦାମ୍ପତ୍ୟ କଳହ, ସ୍ୱାସ୍ଥ୍ୟ ସମସ୍ୟା, ମକଦ୍ଦମାରେ କଷ୍ଟ, ଶତ୍ରୁ ସମସ୍ୟା, ନୂତନ କାର୍ଯ୍ୟ ପ୍ରତି ଆଗ୍ରହ, ଦୂର ଯାତ୍ରା । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୫, ଆରାଧନା- ମା' ଦକ୍ଷିଣକାଳୀ ।

**କୁମ୍ଭ:** ସମ୍ମାନ ଲାଭ, ବ୍ୟବସାୟରେ ଲାଭ, ଗୃହେ ସହଯୋଗ, ଦାମ୍ପତ୍ୟ ସୁଖ, ଶାରୀରିକ ଅସୁସ୍ଥତା, ପଦମର୍ଯ୍ୟଦା ଲାଭ, ସମ୍ପତ୍ତି ସମସ୍ୟା, ବନ୍ଧୁ ଲାଭ, ଅର୍ଥ ଲାଭ । ପୂର୍ବାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୯, ଆରାଧନା- ପ୍ରଭୁ ବାସୁଦେବ ।

**ମିନ:** କର୍ମକ୍ଷେତ୍ରରେ ସହଯୋଗ, ଦେବକାର୍ଯ୍ୟରେ ଖୁସି, ସମସ୍ୟା ସମାଧାନ, ବନ୍ଧୁ ଲାଭ, ଅର୍ଥ ପ୍ରାପ୍ତି, ଭ୍ରମଣ ଯୋଗ, ବିଶିଷ୍ଟ କାର୍ଯ୍ୟରେ ଲାଭ, ଗୁପ୍ତ ଶତ୍ରୁ, ବିଦ୍ୟାରେ ସଫଳତା । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୦, ଆରାଧନା- ମା' ଶ୍ୟାମାକାଳୀ ।



# ବିକାଶର ନୂଆ ଅଧ୍ୟାୟ

## ଅତ୍ୟାଧୁନିକ ସଂଗ୍ରହାଳୟ ନିର୍ମାଣ ହେବ

ଓଡିଶାର ଐତିହାସିକ ପ୍ରତ୍ନୋତାତ୍ତ୍ୱିକ ଏବଂ ନୂତନ ସମ୍ବନ୍ଧୀୟ ଐତିହ୍ୟକୁ ପ୍ରଦର୍ଶିତ କରିବା ପାଇଁ ପ୍ରାୟ ୮ ଶହ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱରରେ ଅତ୍ୟାଧୁନିକ ସଂଗ୍ରହାଳୟ ନିର୍ମାଣ କରାଯିବ।

## ଅତିଥିଙ୍କ ଲାଗି ଜନ ଆଶ୍ରୟ ଭବନ

ରାଜଧାନୀକୁ ବିଭିନ୍ନ ଜିଲ୍ଲାରୁ ଆସୁଥିବା ଲୋକମାନଙ୍କର ଆବଶ୍ୟକତା ପୂରଣ ପାଇଁ ଅତିଥି ଗୃହ ନିର୍ମାଣ ହେବ। ଯାହାର ନାମ ଜନ ଆଶ୍ରୟ ଭବନ ରହିବ। ଏହାଦ୍ୱାରା ଲୋକମାନଙ୍କର ଆବଶ୍ୟକତା ପୂରଣ ହୋଇପାରିବ।

## ଦୁଇ ନୂଆ ସରକାରୀ ଇଞ୍ଜିନିୟରିଂ କଲେଜ

ପାରାଦୀପ ଓ ବଲାଙ୍ଗୀରରେ ଦୁଇଟି ନୂଆ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହେବ। ଏହାଛଡ଼ା ଓଡ଼ିଶା ପ୍ରଯୁକ୍ତି ବିଦ୍ୟା ଓ ଗବେଷଣା ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଏବଂ ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ ବୁର୍ଲାକୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଉପରେ ଧ୍ୟାନ ଦିଆଯାଇଛି।

## ୨୦୨୭ ସୁଦ୍ଧା ସବୁ ଗ୍ରାମକୁ ବିଜୁଳି, ସଡ଼କ, ପାଣି

୨୦୨୭ ସୁଦ୍ଧା ସମସ୍ତ ରାଜସ୍ୱ ଗ୍ରାମକୁ ବିଜୁଳି, ସଡ଼କ ଏବଂ ପାଣି ସହ ପରିପୃକ୍ତି ପାଇଁ ୧୦୦୦ କୋଟି ଟଙ୍କାର ଆବଣ୍ଟନ କରାଯାଇଛି। ସମସ୍ତ ରାଜସ୍ୱ ଗ୍ରାମଗୁଡ଼ିକୁ ବିଦ୍ୟୁତକରଣ କରିବା ସହ ଅପହଞ୍ଚ ଇଲାକାରେ ଭିତ୍ତିଭୂମି ବିକାଶ ଲାଗି ଗ୍ରାମଜ୍ୟୋତି ଯୋଜନା ଅଧୀନରେ ୩୫୭ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ମିଶନ ପାୱାର ଅଧୀନରେ ସଡ଼କ ସଂଯୋଗ ବିହୀନ ବସତିଗୁଡ଼ିକର ସଂଯୋଗୀକରଣ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ବ୍ୟୟ ବରାଦ କରାଯାଇଛି।



## ହଜାରେ କୋଟିରେ ବ୍ୟାଖ୍ୟାନ କେନ୍ଦ୍ର, ଡିଜିଟାଲ ହୁଣ୍ଡି



ବଜେଟ ୨୦୨୬-୨୭ରେ ସରକାର ଏକାଧିକ ଜନକୈନ୍ଦ୍ରିକ ପଦକ୍ଷେପ ନେଇଛନ୍ତି। ୧ ହଜାର କୋଟି ଟଙ୍କା ବ୍ୟୟରେ ପୁରୀଠାରେ ବିଶ୍ୱସ୍ତରୀୟ ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ ଏବଂ ଲାଇବ୍ରେରୀ କେନ୍ଦ୍ର ପ୍ରତିଷ୍ଠା ହେବ। ଏହାଛଡା ଗୁଣ୍ଡିଚା ମନ୍ଦିର, ଏମାର ମଠ, ପ୍ରମୋଦ ଉଦ୍ୟାନ ଏବଂ ଐତିହାସିକ ରଘୁନନ୍ଦନ ପାଠାଗାରର ଆଧ୍ୟାତ୍ମିକ ଗୌରବକୁ ପୁନରୁଦ୍ଧାର କରାଯିବ।

ସମଗ୍ର ବିଶ୍ୱରେ ଭକ୍ତମାନେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କୌଣସି ବସ୍ତୁ କିମ୍ବା ରାଶି ଦାନ କରି ଏକ ପବିତ୍ର କାର୍ଯ୍ୟ ଆରମ୍ଭ କରିବାକୁ ଶୁଭ ବୋଲି ମନେ କରିଥାନ୍ତି। ସେଥିଲାଗି ଏଥର ବଜେଟରେ ଶ୍ରୀ ଜଗନ୍ନାଥ ମନ୍ଦିର ପୁରୀ ଲାଗି ସମର୍ପଣ ନାମରେ ଏକ ସୁରକ୍ଷିତ ଅନଲାଇନ ଦାନ ପ୍ଲାଟଫର୍ମ, ଡିଜିଟାଲ ହୁଣ୍ଡି ପ୍ରଚଳନ କରାଯାଇଛି। ଜଗନ୍ନାଥ ମନ୍ଦିର ପ୍ରଶାସନ ପୁରୀ ନିମନ୍ତେ ଅନୁଦାନ ବାବଦକୁ ୫ କୋଟି ଟଙ୍କା ଆବଣ୍ଟନ ଲାଗି ପ୍ରସ୍ତାବ ରହିଛି।

"୨୦୨୬-୨୭ ଆର୍ଥିକ ବର୍ଷ ଲାଗି ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଆକଳନ କରାଯାଇଛି। ଏଥିରେ କାର୍ଯ୍ୟକ୍ରମ ବଜେଟ୍ ପରିମାଣକୁ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି। ଯାହା ବଜେଟ୍ ଆକଳନର ୫୮%। ପ୍ରଶାସନିକ ବ୍ୟୟ ବାବଦକୁ ୧ ଲକ୍ଷ ୧୪ ହଜାର କୋଟି ଟଙ୍କାର ପ୍ରସ୍ତାବ ରହିଥିବାବେଳେ ବିପର୍ଯ୍ୟୟ ବିପତ୍ତି ପରିଚାଳନା ପାଣ୍ଠି ଲାଗି ୫ ହଜାର ୩୭୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ରାଜ୍ୟରୁ ହସ୍ତାନ୍ତର ପାଇଁ ୧୦ ହଜାର ୬୨୫ କୋଟି ବ୍ୟୟବରାଦ ହୋଇଛି। ଷୋଡ଼ଶ କେନ୍ଦ୍ର ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ୩ ହଜାର ୫୬ କୋଟି ଓ ଷଷ୍ଠ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ୭ ହଜାର ୪୫୦ କୋଟି ଟଙ୍କା ରାଜ୍ୟର ଗ୍ରାମୀଣ ଓ ସହରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥାକୁ ହସ୍ତାନ୍ତର କରିବାକୁ ମଧ୍ୟ ଏଥିରେ ପ୍ରସ୍ତାବ ରହିଛି।"

## ଯୋଡିହେବେ ୬ ଲକ୍ଷ ନୂଆ ହିତାଧିକାରୀ



ମଧୁବାବୁ ପେନ୍‌ସନ ଯୋଜନାରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ପରିପୃକ୍ତି ମୋଡ୍‌ରେ ଅନ୍ତର୍ଭୁକ୍ତ କରାଯିବ। ତୁରନ୍ତ ବାଦ୍ ପଡ଼ିଥିବା ୬ ଲକ୍ଷରୁ ଅଧିକ ଯୋଗ୍ୟ ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ପେନ୍‌ସନ ପ୍ରଦାନ କରାଯିବ। ଏହି ସୁବିଧା ପାଇବା ପାଇଁ ଆଉ ପୂର୍ବ ହିତାଧିକାରୀଙ୍କ ମୃତ୍ୟୁ ଦ୍ୱାରା ଖାଲିସ୍ଥାନ ସୃଷ୍ଟି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ତୁରନ୍ତ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ କରାଯିବ।

## ଦାଦନ ରୋକିବ ୨୨୦ କୋଟିର ଡାଲଖାଇ

ରାଜ୍ୟର ୧୧ଟି ଜିଲ୍ଲା ଦାଦନ ପ୍ରବଣ ହୋଇଥିବାରୁ ଏହାର ନିରାକରଣ ପାଇଁ ରାଜ୍ୟ ସରକାର ଡାଲ୍‌ଖାଇ ନାମରେ ଏକ ନୂତନ ଯୋଜନା ଆରମ୍ଭ କରିଛନ୍ତି। ଏଥିପାଇଁ ୨୨୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଶ୍ରମିକମାନେ ଦେଶାନ୍ତର ହେବା ସମୟରେ ଏହି ଯୋଜନା ସେମାନଙ୍କୁ ରୋକିବା ସହ କର୍ମ ସଂସ୍ଥାନ ଯୋଗାଇ ଦେବେ ସରକାର। ସରକାର ପୂର୍ବରୁ ଗଠନ କରିଥିବା ଟାସ୍କଫୋର୍ସ ରିପୋର୍ଟ ଅନୁସାରେ ୧୧ ଜିଲ୍ଲାର ବିଭିନ୍ନ ବ୍ଲକରୁ ଦେଶାନ୍ତର ହେଉଥିବା ଶ୍ରମିକମାନଙ୍କୁ କିଭଳି ନିଜ ଭିଟାମାଟିରେ କର୍ମସଂସ୍ଥାନ ଯୋଗାଇ ଦେବେ ସେ ଦିଗରେ ରିପୋର୍ଟ ପ୍ରସ୍ତୁତ ହୋଇଛି।

## ଏଆଇ ଲାଗି ୨୩ କୋଟି




ରାଜ୍ୟରେ ଏଆଇ ମିଶନ କାର୍ଯ୍ୟକାରୀ କରାଯିବ। ସମନ୍ୱିତ ପ୍ରୟାସ ଆନୁପାତିକ, ନିରାପଦ ଏବଂ ପୁନଃ ବ୍ୟବହାରଯୋଗ୍ୟ କ୍ଷମତା ସୃଷ୍ଟି କରିବ, ଯାହା ନାଗରିକଙ୍କ ଲାଗି ଉଦ୍ଦିଷ୍ଟ ସେବାରେ ଉନ୍ନତି ଆଣିବ ଏବଂ ବିକଶିତ ଓଡ଼ିଶା ୨୦୩୬ ଭିଜନରେ ଯୋଗଦାନ ହେବ। ୨୩ କୋଟି ଟଙ୍କା ଏଥିଲାଗି ବ୍ୟୟ ବରାଦ କରାଯାଇଛି।

## ପର୍ଯ୍ୟଟନ ଭିତ୍ତିଭୂମି ଲାଗି ଲ୍ୟାଣ୍ଡ ବ୍ୟାଙ୍କ



ପର୍ଯ୍ୟଟନ ଭିତ୍ତିଭୂମି ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି କରାଯିବ। ୨୦୪୭ ସୁଦ୍ଧା ୫ କୋଟିରୁ ଅଧିକ ଘରୋଇ ଏବଂ ୭ଲକ୍ଷ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଏବଂ ୨୫ ହଜାର ହୋଟେଲ ପ୍ରକୋଷ୍ଠ ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଅଗ୍ରାଧିକାର ଭିତ୍ତିରେ ୧୫ଟି ଗନ୍ତବ୍ୟ ସ୍ଥଳରେ ଜମି ଚିହ୍ନଟ କରାଯାଇ ଇଡ୍‌କୋ ଦ୍ୱାରା ଯାଞ୍ଚ ଏବଂ ପ୍ରକ୍ରିୟାକରଣ ଚାଲିଛି। ଏଥିଲାଗି ବଜେଟ୍‌ରେ ୧୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

## ଏପ୍ରିଲରୁ ବୃତ୍ତି ଟିକସ ପ୍ରତ୍ୟାହାର

୨୦୨୬ ଏପ୍ରିଲ ପହିଲାରୁ ବୃତ୍ତି ଟିକସକୁ ସରକାର ପ୍ରତ୍ୟାହାର କରିନେବେ। ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ଏହି ଦାବି ହୋଇଥିଲା। ତଦନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ରାଜ୍ୟ ବାର୍ଷିକ ୩୨୦ କୋଟି ଟଙ୍କାର ରାଜସ୍ୱ ହରାଇବ।

୨୦୨୬-୨୭ ବଜେଟ୍‌ରେ ସମସ୍ତ ନିୟମ ମାନଦଣ୍ଡ ଏବଂ ଋଣ ମାନଦଣ୍ଡ (ଏଫ୍‌ଆରବିଏମ୍) ଅଧିନିୟମର ଅନୁପାଳନ କରିଛି। ଜିଏସ୍‌ଡିପିର ୩% ରାଜସ୍ୱ ବଳକା ସୃଷ୍ଟି କରିବାକୁ ସମର୍ଥ ହେବ ଏବଂ ବିତ୍ତୀୟ ନିଅଣ୍ଟ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସମଗ୍ର ରାଜ୍ୟ ଘରୋଇ ଉତ୍ପାଦର ୩.୫% ମଧ୍ୟରେ ସୀମିତ ରହିବ। ଋଣ ମାନଦଣ୍ଡ ମଧ୍ୟ ଅଧିନିୟମ ଅନୁଯାୟୀ ରହିଛି। ୨୦୨୫-୨୬ରେ ରାଜ୍ୟର ଅର୍ଥନୀତି ୭.୯% ହାରରେ ବୃଦ୍ଧି ପାଇବ। ବର୍ଷ ଶେଷ ଋଣ ଭାର ଜିଏସ୍‌ଡିପିର ୧୪.୧% ରହିବ ବୋଲି ଆକଳନ ହୋଇଛି। ଯାହା ଏଫଆରବିଏମ୍ ଅଧିନିୟମର ପରିପାଳକ ଅଟେ। ରାଜ୍ୟର ପୁଞ୍ଜି ବ୍ୟୟ ବର୍ତ୍ତମାନ ସୁଦ୍ଧା ସର୍ବୋଚ୍ଚ ସ୍ତରରେ ୭୨ହଜାର ୧୦୦ କୋଟି ଟଙ୍କାରେ ପହଞ୍ଚିଛି। ଏହି ବ୍ୟୟ ବରାଦ ଆକଳନ ସମଗ୍ର ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୬.୫% ଏବଂ ରାଜ୍ୟ ବଜେଟ ଆକଳନର ୨୩.୩%, ଯାହା ଦେଶର ସମସ୍ତ ପ୍ରମୁଖ ରାଜ୍ୟରେ ସର୍ବାଧିକ।

## ୩ ନୂତନ ଏକ୍ସପ୍ରେସ୍ ୱେ



ରାଜ୍ୟରେ ୩ଟି ନୂଆ ଏକ୍ସପ୍ରେସ୍ ୱେ ନିର୍ମାଣ କରିବା ଲାଗି ସରକାରଙ୍କ ପ୍ରସ୍ତାବ ରହିଛି। ପ୍ରସ୍ତାବ ମଧ୍ୟରେ ବ୍ରହ୍ମପୁର-ଜୟପୁର ରାସ୍ତା ୨୮୭ କିମି ଲାଗି ୯ହଜାର କୋଟି ଟଙ୍କା ପ୍ରକଳ୍ପ ବିକଶିତ ହେବ। ସେହିଭଳି ପୂର୍ବ-ପଶ୍ଚିମ କରିଡର ଭାବେ ନମୋ ଏକ୍ସପ୍ରେସ୍ ୱେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିକୁ ବରଗଡ଼ ଜିଲ୍ଲାର ଅମ୍ବାଭୋନା ସହ ସଂଯୋଗ କରାଯିବ। ସେହିଭଳି ୯୬୯ ବିଶିଷ୍ଟ ଅଟଳ ଏକ୍ସପ୍ରେସ୍ ୱେ ଉତ୍ତର-ଦକ୍ଷିଣ କରିଡର ଭାବେ ମାଲକାନଗିରି ଜିଲ୍ଲାର ମୋଟୁକୁ ଓ ମୟୂରଭଞ୍ଜ ଜିଲ୍ଲାର ତିରିଂ ସହ ସଂଯୋଗ କରାଯିବ।

## ୪ ଜିଲ୍ଲାରେ ଆଉ ୪ ବିଶ୍ୱବିଦ୍ୟାଳୟ

ଶିକ୍ଷା କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ା ଜିଲ୍ଲାରେ ୪ ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ। ନୂତନ ଅନୁଷ୍ଠାନଗୁଡ଼ିକୁ ଏନ୍‌ଇପି-୨୦୨୦ ଅନୁଯାୟୀ ପ୍ରଥମ ଦିନରୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ମୌଳିକ ଭାବରେ ଅଭିନବ ଶିକ୍ଷାଦାନ କାର୍ଯ୍ୟକାରୀ କରିବାରେ ଅନ୍ୟାନ୍ୟ ସୁବିଧା ମିଳିବ।

## ସମ୍ବଲପୁର, ବ୍ରହ୍ମପୁରରେ ବିଶ୍ୱ ଦକ୍ଷତା କେନ୍ଦ୍ର

ସମ୍ବଲପୁର ଓ ବ୍ରହ୍ମପୁରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଦୁଇଟି ନୂଆ କ୍ୟାମ୍ପସ୍ ୨୭୮ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ। ପ୍ରତ୍ୟେକ କ୍ୟାମ୍ପସରେ ଆଇଟିଆଇ ପଲିଟେକ୍‌ନିକ ଓ ଅନ୍ୟାନ୍ୟ ଆଗ୍ରହୀ ଯୁବକଙ୍କ ପାଇଁ ବାର୍ଷିକ ପ୍ରାୟ ୨ହଜାର ଛାତ୍ରଛାତ୍ରୀ ନାମଲେଖା ଲାଗି କ୍ଷମତା ରହିବ।

## ସହରକୁ ଯୋଡ଼ିବ ଅର୍ଥନୈତିକ କ୍ଷେତ୍ର

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ନେଇ ଅର୍ଥନୈତିକ କ୍ଷେତ୍ର ଲାଗି ବ୍ୟାପକ ଅର୍ଥନୈତିକ ଯୋଜନା ଆରମ୍ଭ କରାଯାଇଛି। ଏହି ଅର୍ଥନୈତିକ କ୍ଷେତ୍ରକୁ ମଡେଲ ଭାବେ ଗ୍ରହଣ କରାଯାଇ ପର୍ଯ୍ୟାୟକ୍ରମେ ତିନିଟି ଅତିରିକ୍ତ ଅର୍ଥନୈତିକ କ୍ଷେତ୍ର ଯଥା ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡ଼ାକୁ ଅର୍ଥନୈତିକ କ୍ଲଷ୍ଟର ଭାବେ ପରିଣତ କରାଯିବ।

## ୫ ନୂଆ ମେଡିକାଲ କଲେଜ

ସରକାର ୨୦୨୬-୨୭ ବଜେଟ୍‌ରେ ୫ଟି ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗଜପତି, ମାଲକାନାଗିରି ଏବଂ ରାୟଗଡ଼ାରେ ୩ଟି ନୂଆ ଆୟୁର୍ବେଦିକ କଲେଜ ଓ ନୟାଗଡ଼, ନିମାପଡ଼ାରେ ଦୁଇଟି ନୂଆ ହୋମିଓପାଥିକ କଲେଜ ପ୍ରତିଷ୍ଠା ହେବ। ଏଥିଲାଗି ୧୪୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ମହିଳା ସଶକ୍ତିକରଣ ପାଇଁ ନୂଆ ପଦକ୍ଷେପ ନିଆଯାଇଛି। ଏଥିଲାଗି ନବଜାତ ଶିଶୁ କନ୍ୟାଙ୍କ ନାମରେ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ନୂଆ ଯୋଜନା ଆରମ୍ଭ ହୋଇଛି। ଆର୍ଥିକ ଦୁର୍ବଳ ବର୍ଗରେ ଜନ୍ମ ହୋଇଥିବା ଝିଅଙ୍କ ନାମରେ ୨୦ ହଜାର ଟଙ୍କା ଜମା କରାଯିବ। ସ୍ନାତକ ପାଠ ସମାପ୍ତ ପରେ ତାଙ୍କୁ ୧ଲକ୍ଷ ୧ ଟଙ୍କା ସରକାର ପ୍ରଦାନ କରିବେ।

## ଭିତ୍ତିଭୂମି ବିକାଶ ଲାଗି ସମୃଦ୍ଧ ଅଙ୍ଗନୱାଡି



ସମସ୍ତ ଅଙ୍ଗନବାଡ଼ିଗୁଡ଼ିକରେ ସମସ୍ତ ଭିତ୍ତିଭୂମି ଗଠନ ଲାଗି ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା ପ୍ରସ୍ତାବ ରହିଛି। ଏହି ନୂତନ ଯୋଜନାରେ କ୍ରେଚ ସୁବିଧା ବିନା କେନ୍ଦ୍ର ପିଛା ୧୫ଲକ୍ଷ ଟଙ୍କା ଓ କ୍ରେଚ୍ ସୁବିଧା ଥିବା କେନ୍ଦ୍ର ପାଇଁ ୨୦ଲକ୍ଷ ଟଙ୍କା ମୂଲ୍ୟର ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ହେବ। ଏଥିପାଇଁ ବଜେଟ୍‌ରେ ୬୩୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

## ୩ ବର୍ଷରେ ଆଉ ୫ ହଜାର ଆଇପିଡି ଶଯ୍ୟା

ଆଗାମୀ ୩ବର୍ଷ ମଧ୍ୟରେ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୫ହଜାର ଆଇପିଡି ଶଯ୍ୟା ଯୋଡ଼ାଯିବ। ସେହିଭଳି ୧ହଜାର ଉନ୍ନତ ଆଇସିୟୁ ଶଯ୍ୟା ଏବଂ ୫୦୦ ହାଇ ଡିପେଣ୍ଡାନ୍ସ ୟୁନିଟ୍ ଶଯ୍ୟା ସ୍ଥାପନ କରାଯିବ। ଏହା କେବଳ ଭିତ୍ତିଭୂମି ବିଷୟ ନୁହେଁ, ଏହି ୟୁନିଟଗୁଡ଼ିକୁ ଚାଲୁ କରିବା ପାଇଁ ଆବଶ୍ୟକୀୟ ଡାକ୍ତର, ନର୍ସ ଏବଂ ଟେକ୍‌ନିସିଆନ୍ ମଧ୍ୟ ମଞ୍ଜୁର କରାଯାଇଛି। ନୂତନ ଡାଏଲିସିସ୍ ୟୁନିଟ ଓ ଅତ୍ୟାଧୁନିକ ବାୟୋ ମେଡିକାଲ ଉପକରଣ ମଧ୍ୟ ସଂଗ୍ରହ ହୋଇଛି।




ADVT.

## 'ଦ ଟିଚର୍ ଆପ୍ ୨.୦'ର ଶୁଭାରମ୍ଭ

# ଏଆଇ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନକୁ ସହଜ କରିବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଭାରତର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସମୃଦ୍ଧ ଓ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଭାରତୀ ଏୟାରଟେଲ୍ ଫାଉଣ୍ଡେସନର ଏକ ଅଭିନବ ପ୍ରୟାସ 'ଦ ଟିଚର୍ ଆପ୍ ୨.୦'ର ଶୁଭାରମ୍ଭ କରିଛନ୍ତି । ଏହି ଏଆଇ ଚାଳିତ ଆପ୍ ଶିକ୍ଷକମାନଙ୍କୁ ଆଧୁନିକ ଶିକ୍ଷାଦାନ ପାଇଁ ଏକ ସଶକ୍ତ ମାଧ୍ୟମ ଯୋଗାଇଦେବ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ଏହି ଏଆଇ-ଚାଳିତ ଡିଜିଟାଲ୍ ସହଯୋଗୀ ଶିକ୍ଷକମାନଙ୍କୁ ଆଧୁନିକ ଶିକ୍ଷାଦାନ ଉପକରଣ, ଗୁଣାତ୍ମକ ବିଷୟବସ୍ତୁ ଏବଂ ଡ୍ୟାସବୋର୍ଡ ଯୋଗାଇଦେବ, ଯାହା ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଆକର୍ଷଣୀୟ କରିବାରେ ସହାୟକ ହେବ । ଶିକ୍ଷା କ୍ଷେତ୍ରରେ ଏଭଳି ପଦକ୍ଷେପ ଶିକ୍ଷକମାନଙ୍କୁ ସଶକ୍ତ କରିବା ସହ ଆମ ଶିକ୍ଷା ବ୍ୟବସ୍ଥାର ମୂଳଦୁଆକୁ ଅଧିକ ସୁଦୃଢ଼ କରିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଏଥିସହିତ ସେ ଭାରତୀ ଏୟାରଟେଲ୍ ଫାଉଣ୍ଡେସନ୍ ଏବଂ ସିକେ-୧୨ ଫାଉଣ୍ଡେସନକୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ପାଇଁ ଧନ୍ୟବାଦ ଜଣାଇଛନ୍ତି।




ଭାରତ ସଫଳତାର ସହ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬' ସମ୍ପନ୍ନ କରିଛି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଜି ଜୀବନର ପ୍ରତିଟି କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି। ଜାତୀୟ ଶିକ୍ଷା ନୀତି ୨୦୨୦ର ଆଭିମୁଖ୍ୟ ଅନୁଯାୟୀ, ଶିକ୍ଷା ବ୍ୟବସ୍ଥାରେ ଏଆଇ ଭଳି ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ରକ୍ଷା କରିବା ପାଇଁ ସରକାର ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ 'ଦ ଟିଚର୍ ଆପ୍ ୨.୦' ଦେଶରେ ଚାଲିଥିବା ଏଆଇ ବିପ୍ଳବକୁ ଅଧିକ ଗତିଶୀଳ କରିବ। ଯଦି ଏଆଇକୁ ସଠିକ୍ ଭାବେ ବ୍ୟବହାର କରାଯାଏ, ତେବେ ଏହା ଶିକ୍ଷା କ୍ଷେତ୍ରରେ ଏକ 'ଫୋର୍ସ ମଲ୍ଟିପ୍ଲାୟର୍' ଭାବେ କାର୍ଯ୍ୟ କରିବା ସହ ଉତ୍ତମ ଶିକ୍ଷଣ ଫଳାଫଳ ଏବଂ ବ୍ୟକ୍ତିଗତ ଶିକ୍ଷାଦାନକୁ ସୁନିଶ୍ଚିତ କରିବ । ଶେଷରେ, ମନ୍ତ୍ରୀ ଏହି ପ୍ଲାଟଫର୍ମରେ ସୋଭେରେନ୍ ଏଲ୍ଏଲ୍ଏମ୍ ବ୍ୟବହାର କରିବାକୁ ଏବଂ ତାଲିମ ଉପକରଣଗୁଡ଼ିକୁ ବିଭିନ୍ନ ଭାରତୀୟ ଭାଷାରେ ଉପଲବ୍ଧ କରାଇବାକୁ ପରାମର୍ଶ ଦେଇଛନ୍ତି । ଏହାଦ୍ୱାରା ଦେଶର ବହୁଭାଷୀ ଶିକ୍ଷକ ସମାଜ ଏହାର ସୁଫଳ ପାଇପାରିବେ ବୋଲି କହିବା ସହ ଦେଶରେ ଚାଲିଥିବା ଏଆଇ ବିପ୍ଳବରେ 'ଦ ଟିଚର୍ ଆପ୍ ୨.୦' ଏକ ନୂତନ ଅଧ୍ୟାୟ ଯୋଡ଼ିବ ବୋଲି ଶିକ୍ଷା ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି ।

## ରାଜ୍ୟର ୭୦୬ ଥାନାରେ ୨୭,୬୯୪ ପଦବୀ ଖାଲି

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ପୋଲିସରେ ୨୦୨୬ ଫେବୃଆରୀ ୧ ତାରିଖ ସୁଦ୍ଧା ୮୯,୪୩୮ କୋଟି ମଞ୍ଜୁରିପ୍ରାପ୍ତ ପଦବୀ ଥିବାବେଳେ ୬୧,୭୪୪ଜଣ କାର୍ଯ୍ୟରତ ଅଛନ୍ତି । ୨୭,୬୯୪ଟି ପଦବୀ ଖାଲି ରହିଛି । ରାଜ୍ୟରେ ୭୦୬ ଥାନା ଥିବାବେଳେ ୬୩୨ ଥାନାରେ ସିସି କ୍ୟାମେରା ସମ୍ପୂର୍ଣ୍ଣ କାମ କରୁଛି । ୭୪ ଥାନାରେ ସିସି କ୍ୟାମେରା ନଥିବା ବେଳେ ୫୬୩ ଥାନାରେ ଅପେକ୍ଷା ଗୃହ ରହିଛି । ଅନ୍ୟ ଥାନା ଗୁଡିକରେ ଅପେକ୍ଷା ଗୃହ ନିର୍ମାଣ ହୋଇନାହିଁ । ବିଧାୟକ ରାମଚନ୍ଦ୍ର କାଡାମ ଓ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଉତ୍ତର ରଖିଛନ୍ତି ।

## ଜାତୀୟ ଗଣମାଧ୍ୟମ ସମ୍ମିଳନୀରେ

# ଲୋକତନ୍ତ୍ର ସୁଦୃଢ଼ତା ପାଇଁ ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ

ନୂଆଦିଲ୍ଲୀ, (ସବ୍ୟୁ): କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖତାର ଅବ୍ବାସ ନକଭୀଙ୍କ ଉପସ୍ଥିତିରେ ଇଣ୍ଡିଆନ ମିଡିଆ କଂଗ୍ରେସର ବାର୍ଷିକ ସମ୍ମିଳନୀ ଉଦଘାଟିତ ଇଣ୍ଡିଆନ ମିଡିଆ କଂଗ୍ରେସ ଓ ଅର୍ଗାନାଇଯେଶନ ଅଫ ୟୁନାଇଟେଡ ୱାର୍କିଂ ଜର୍ଣାଲିଷ୍ଟ ଙ୍କ ଆୟୋଜନାରେ ଦ୍ୱିତୀୟ ଜାତୀୟ ମିଡିଆ କନ୍‌କ୍ଲେଭ୍ ଶୁକ୍ରବାର, ଫେବୃଆରୀ ୨୦, ୨୦୨୬ ତାରିଖରେ ନୂଆଦିଲ୍ଲୀସ୍ଥିତ Constitution Club of India ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା ଓ କୌଶଳ ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମ ଲୋକତନ୍ତ୍ରକୁ ସୁଦୃଢ କରିବା ସହ ରାଷ୍ଟ୍ର ଗଠନରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, ସ୍ୱଷ୍ଟତା, ଦାୟିତ୍ୱବୋଧ ଓ ସଚେତନ ଜନଚର୍ଚ୍ଚା ସୁନିଶ୍ଚିତ କରିବାରେ ସାମ୍ବାଦିକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୂର୍ବତନ କେନ୍ଦ୍ର ସୂଚନା ଓ




ପ୍ରସାରଣ ଏବଂ ସଂସଦୀୟ କାର୍ଯ୍ୟମନ୍ତ୍ରୀ Mukhtar Abbas Naqvi ଏହି ଗାଲା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଆଇଏମ୍‌ସିର ମୁଖ୍ୟ ପରାମର୍ଶଦାତା ଡା. ପବିତ୍ର ମୋହନ ସାମନ୍ତରାୟ ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସଂଗଠନର ଅଧ୍ୟକ୍ଷ ସଞ୍ଜୟ ଦାସ, ଉପାଧ୍ୟକ୍ଷ ରଜନୀକାନ୍ତ ସାମନ୍ତରାୟ, ସାଧାରଣ ସଚିବ ପ୍ରଦ୍ୟୁମ୍ନ ଦାଶ, କୋଷାଧ୍ୟକ୍ଷ ପ୍ରସନ୍ନ ପୃଷ୍ଟିଙ୍କ ସହିତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଏହି କନ୍‌କ୍ଲେଭରେ ଗଣମାଧ୍ୟମ ଶିଳ୍ପ ସମ୍ମୁଖୀନ ଅନୁସାମୟିକ ବିଷୟଗୁଡିକୁ ନେଇ ଆଲୋଚନା ହୋଇଥିଲା ଓ କାର୍ଯ୍ୟରତ ସାମ୍ବାଦିକମାନଙ୍କ ହିତ ସୁରକ୍ଷା ଓ କଲ୍ୟାଣ ପ୍ରତି ଓଗଉ ଓ ଙଟଡଔଙ୍କ ଅଙ୍ଗୀକାର ପୁନରୁଚ୍ଚାର କରାଯାଇଥିଲା।

## ଫେଡେରାଲ ବ୍ୟାଙ୍କ ଭୁବନେଶ୍ୱର ମୁଖ୍ୟ ଶାଖା ପକ୍ଷରୁ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, (ସବ୍ୟୁ): ଫେଡେରାଲ ବ୍ୟାଙ୍କ ଏହାର ବାପୁଜୀ ନଗରସ୍ଥିତ ମୁଖ୍ୟ ଶାଖାରେ ୪୯ତମ ପ୍ରତିଷ୍ଠା ଦିବସ ପାଳନ କରିଅଛି। ଏହି ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ତଥା ଭାଇସ୍ ପ୍ରେସିଡେଣ୍ଟ ମୋହନ ଦାସ ଟି ଏସ୍ ମୁଖ୍ୟ ଅତିଥି ରୂପେ ଏଥିରେ ଯୋଗଦେଇଥିଲେ। ସେ ଉତ୍ତମ ଗ୍ରାହକ ସେବା ଓ ଡିଜିଟାଲ ବ୍ୟାଙ୍କିଙ୍ଗର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ସଂପ୍ରସାରଣ ଉପରେ ମଧ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ କ୍ଷେତ୍ରୀୟ ମୁଖ୍ୟ ତଥା ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ରିତୁରାଜ ଏବଂ ଶାଖା ମୁଖ୍ୟ ତଥା ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ଶ୍ରୀଜିତ ଏ ଉପସ୍ଥିତ ଥିଲେ।

## ବଜେଟ ୨୦୨୬-୨୭: ସହରାଞ୍ଚଳ ଗତିଶୀଳତା ପାଇଁ ୪୨୧ କୋଟିର ବ୍ୟୟ ବରାଦ

# ସ୍ମାର୍ଟ ପରିବହନ ଓ ସ୍ଥାୟୀ ଭବିଷ୍ୟତ ଆମର ଲକ୍ଷ୍ୟ : ମନ୍ତ୍ରୀ ଡଃ ମହାପାତ୍ର

ଭୁବନେଶ୍ୱର, (ସବ୍ୟୁ): ସହରାଞ୍ଚଳ ପରିବହନ ପାଇଁ ୪୨୧ କୋଟି ଟଙ୍କାର ବ୍ୟୟବରାଦ ହେବାପରେ ଏବେ ଅଧିକରୁ ଅଧିକ ସଂଖ୍ୟକ ପରିବେଶ ଅନୁକୂଳ ଇ-ବସ୍ ଆଣିବାପାଇଁ ସରକାର ଅଣ୍ଟା ଭିଡିଛନ୍ତି । ରାଜ୍ୟରେ ଚାଲୁଥିବା ଇ-ବସ୍ ତାଲିକାରେ ଆଉ ୬୦୦ ଇ-ବସ୍ ଯୋଡାଯିବ ବୋଲି ସୂଚନା ମିଳିଛି । ରାଜ୍ୟରେ ସହରାଞ୍ଚଳ ପରିବହନ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଓଡ଼ିଶା ସରକାର ୨୦୨୬-୨୭ ବଜେଟରେ ୪୨୧ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟରେ ଇ-ବସ୍ ସେବା ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ବ୍ୟାପକ କରାଯିବ । ରାଜ୍ୟ ସରକାର ୬୦୦ ଇ-ବସ୍ କିଣିବାକୁ ଯୋଜନା କରୁଥିବାବେଳେ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ରାଜ୍ୟକୁ ଆଉ ୪୦୦ ଇ-ବସ୍ ଆସିବ ବୋଲି ଜଣାଯାଇଛି ।

ଏହା ଫଳରେ ରାଜ୍ୟରେ ଆମ ବସ୍ ସେବାର କଳେବର ବୃଦ୍ଧି ପାଇବା ସହିତ ସହରାଞ୍ଚଳରେ ଏହା ଅଧିକରୁ ଅଧିକ ଲୋକଙ୍କୁ ସେବା ଯୋଗାଇବ । କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଦ୍ୱାରା ପରିଚାଳିତ ଆମ୍ ବସ୍ ସେବା ଏବେ ଦୈନିକ ୩ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ପରିବହନ କରୁଛି । ଆମ ବସରେ ଯାତାୟତ କରୁଥିବା ଯାତ୍ରୀଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ଡିଜିଟାଲ୍ ମାଧ୍ୟମରେ ଦେୟ ପ୍ରଦାନ କରୁଛନ୍ତି ଯାହା ସରକାରଙ୍କ ଡିଜିଟାଲ ଇଣ୍ଡିଆକୁ ଅଧିକ ସୁଦୃଢ କରୁଛି । ସେହିଭଳି ଯାତ୍ରୀମାନଙ୍କୁ ଘରୁ ବସ୍‌ଷ୍ଟାଣ୍ଡ ଏବଂ ବସ୍‌ଷ୍ଟାଣ୍ଡରୁ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ପରିବହନ ସେବା ଯୋଗାଇବା ପାଇଁ ଆମ ଇ-ରାଇଡ୍ ସେବାକୁ ଅଧିକ ସୁଦୃଢ଼ କରାଯାଉଛି । 'ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ ମାଧ୍ୟମରେ ରୁଟ୍ ଅପ୍ଟିମାଇଜେସନ୍ ଓ ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦିଆଯାଉଛି ।

ବଜେଟରେ ଅର୍ଥ ବରାଦ ଓ ନୂତନ ପଦକ୍ଷେପ ସଂକ୍ରାନ୍ତରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଏହି ବଜେଟ୍ ଆମ ସରକାରଙ୍କ ଲୋକ-କୈନ୍ଦ୍ରିକ ବିକାଶର ପ୍ରତିଫଳନ । ଆମ ବସ୍ ଓଡ଼ିଶାରେ ସାଧାରଣ ପରିବହନର ସଂଜ୍ଞା ବଦଳାଇ ଦେଇଛି । ଆମେ କେବଳ ସଂଯୋଗୀକରଣ ବଢ଼ାଉନାହୁଁ, ବରଂ ଭବିଷ୍ୟତ ପାଇଁ ଏକ ସ୍ୱଚ୍ଛ ଓ ସବୁଜ ସହର ନିର୍ମାଣ କରୁଛୁ । ଆମ ବସ୍ ସେବାରେ ଅଧିକରୁ ଅଧିକ ଇ-ବସ୍ ସାମିଲ କରି ଆମେ ସହରାଞ୍ଚଳ ପରିବହନକୁ ଅଧିକ ସୁଲଭ ଏବଂ ପରିବେଶ ଅନୁକୂଳ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢୀ କହିଛନ୍ତି । ବଜେଟରେ ରାଜ୍ୟ ସରକାର ସହରାଞ୍ଚଳ ପରିବହନକୁ ଯେଭଳି ଅଗ୍ରାଧିକାର ପ୍ରଦାନ କରିଛନ୍ତି ତାହା ଆଗାମୀ ଦିନରେ ସହରାଞ୍ଚଳ ପରିବହନ ବ୍ୟବସ୍ଥାକୁ କେବଳ ସୁସଂଗତ କରିବନାହିଁ, ଦେଶରେ ଅନନ୍ୟ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀମତୀ ପାଢୀ କହିଛନ୍ତି ।

## ଏସ୍‌ସିବି ଅସ୍ଥିଶଲ୍ୟ ବିଭାଗରେ ୬ଟି ନୂତନ କ୍ୟାବିନ ଉଦ୍‌ଘାଟିତ

କଟକ, (ସବ୍ୟୁ): ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ ଅସ୍ଥିଶଲ୍ୟ କୋଠାର ୫ମ ମହଲାରେ ଆଜି ୬ଟି ନୂତନ କ୍ୟାବିନ୍ ଉଦ୍ଘାଟିତ ହୋଇଛି। ଏହି ନୂତନ କ୍ୟାବିନ୍‌ଗୁଡ଼ିକ ରୋଗୀମାନଙ୍କ ପାଇଁ ସୁବିଧାଜନକ ଚିକିତ୍ସା ପରିବେଶ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ ଡିନ୍ ଏବଂ ପ୍ରିନ୍ସିପାଲ୍ ପ୍ରଫେସର ଡ଼ଃ ଲୁସି ଦାସ, ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡ଼ଃ ଗୌତମ ସତପଥୀ, ରେଜିଷ୍ଟ୍ରାର (ପ୍ରଶାସନ) ସୁବାଷ ଚନ୍ଦ୍ର ରାୟ, ଅର୍ଥ ଅଧିକାରୀ ମାନସ ପାତ୍ର, ଅସ୍ଥିଶଲ୍ୟ ବିଭାଗର ଏଚଓଡି ଡ଼ଃ ନିର୍ମଳ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଅଧୀକ୍ଷକ ଡ଼ଃ ଜ୍ୟୋତିର୍ମୟ ନାୟକ, ହସ୍ପିଟାଲ ପରିଚାଳକ ଏବଂ ଅସ୍ଥିଶଲ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଅସ୍ଥିଶଲ୍ୟ ବିଭାଗରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହି ନୂତନ କ୍ୟାବିନ୍‌ଗୁଡ଼ିକ ରୋଗୀମାନଙ୍କୁ ଉତ୍ତମ ସେବା ଓ ସୁବିଧା ଯୋଗାଇବ। ନୂତନ ସୁବିଧା ସହିତ ରୋଗୀମାନେ ଅଧିକ ସୁବିଧାଜନକ ଓ ଆରାମଦାୟକ ପରିବେଶରେ ଚିକିତ୍ସା ନେଇପାରିବେ। ଏହା ରୋଗୀ ସେବାର ମାନକୁ ଆହୁରି ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ବିଜେଡି ଛାଡ଼ି ବିଜେପିରେ ସାମିଲ ହେଲେ

# ସୁନାବେଡ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୋରାପୁଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁନାବେଡ଼ା



ପୌରପାଳିକାର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସୁନାବେଡା ପୌରପାଳିକାର କାଉନ୍‌ସିଲର ସୁରେନ୍ଦ୍ର ସେଠୀ, ଗଜେନ୍ଦ୍ର ମାଝୀ, ସ୍ୱରୂପ ପଟ୍ଟନାୟକ ବିଜେଡି ଦଳ ପରିତ୍ୟାଗ କରି ଏବଂ ମମତା କୁମାରୀ ଖୋରା ଓ ଅଳକା ଲେଙ୍କା ପ୍ରମୁଖ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେପିରେ ଯୋଗ ଦେଇଛନ୍ତି। ସେହିପରି ସୁନାବେଡାର ବରିଷ୍ଠ ବିଜେଡି ନେତା ମନୋଜ ସେନାପତି, ଇନ୍ଦ୍ରାମଣି ନାୟକ, ଗୋଦାବରୀଶ ବେହେରା, ସତ୍ୟବ୍ରତ ପ୍ରଧାନ, ସନ୍ତୋଷ କୁମାର ପରିଡ଼ା, କେ. ସନ୍ତୋଷ କୁମାର, ଅନୁଜ ସାମଲ, ଜିତୁ କୁମାର ସିଓ, ଦ୍ୱିତୀକୃଷ୍ଣା ସାହୁ, ଏସ୍.ଏଲ୍.ଏନ୍ ପାତ୍ର, ଶଙ୍କର ପାତ୍ର, ଶଙ୍କର ସାହୁ, ମନୋଜ ପାତ୍ର, ଶରତ କୁମାର ସାହୁ, ଗୁପ୍ତେଶ୍ୱର ରାଉତ, ବି. ଅଶୋକ ପାତ୍ର, ତିରୁପତି ପାତ୍ର, ଗଣେଶ୍ୱର ପାଣିଗ୍ରାହୀ, ସୁନୀଲ ସେନାପତି, ମମତା ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ବିଧାନ ବୋର, ସୁନୀଲ ନାଇଡୁ, ତ୍ରିନାଥ ସ୍ୱାଇଁ, ଶିଶିର କୁମାର ରଣା ଓ ମୁକେଶ କୁମାର ପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ନେତା ଓ କର୍ମୀ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଛନ୍ତି। ସେହିପରି ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଶତାଧିକ କର୍ମୀ ମଧ ବିଜେପିରେ ଯୋଗ ଦେଇଥିଲେ। ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସାଂସଦ ବିଭୁପ୍ରସାଦ ତରାଇ, ବିଧାୟକ ରଘୁରାମ ମାଛ, ରାଜ୍ୟ ସମ୍ପାଦକ ସରୋଜ କର, କୋରାପୁଟ ଜିଲ୍ଲା ସଭାପତି ଶିବ ମୁଦୁଲି, ବରିଷ୍ଠ ନେତା ସୁମନ୍ତ କୁମାର ପ୍ରଧାନ, କୈଳାସ ଚନ୍ଦ୍ର କୁଲେସିକା ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିପ୍ଟୋକରେନ୍ସିକୁ ନେଇ ହାଇକୋର୍ଟରେ ମାମଲା

# ଜବାବ ରଖିପାରିଲେନି ସରକାର, ଗଣିବେ ଦଣ୍ଡ ୨୫ ହଜାର

କଟକ,(ସବ୍ୟୁ): କ୍ରିପ୍ଟୋକରେନସି ବର୍ତ୍ତମାନ ଆଇନଗତ ଗ୍ରହଣୀୟତା କ'ଣ? ଏହି କିପ୍ଟୋକରେନସି କାରବାର, ଗଚ୍ଛିତ ରଖିବା ଆଦି ଉପରେ କଟକଣା ଜାରି କରାଯାଇଛି କି ? ଏହାର କାରବାର ପାଇଁ କୌଣସି ଆଇନଗତ ବ୍ୟବସ୍ଥା ଅଛି କି? ଜଣଙ୍କ ବିରୋଧରେ ଏହାକୁ ଗଚ୍ଛିତ ବା କାରବାର ପାଇଁ ପ୍ରୋସିଡ କରାଯାଇ ପାରିବ କି ? ଏହାକୁ ଆଇନଗତ ଧରାଯିବ ନା ବେଆଇନ ? ଆବେଦନକାରୀଙ୍କ ବିରୋଧରେ କ୍ରିପ୍ଟୋକରେନ୍ସିକୁ ନେଇ କେଉଁ ଆଧାରରେ ମାମଲା ରୁଜୁ କରାଯାଇଛି ବୋଲି ଏକ କାରବାର ମାମଲାକୁ ନେଇ ହାଇକୋର୍ଟ ଆଜି ଏହି ଭଳି ଅନେକ ପ୍ରଶ୍ନ ଉଠାଇଛନ୍ତି । ଏହା ଉପରେ ସ୍ୱଷ୍ଟ ଜବାବ ରଖିବା ଲାଗି ହାଇକୋର୍ଟ ବଲାଙ୍ଗୀର ଏସ୍‌ପି ଏବଂ ସାଇବର ନୋଡାଲ ଅଫିସରଙ୍କୁ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୬କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଛି । ସେହିଦିନ ମାମଲାର ଶୁଣାଣି ହେବ । ତେବେ ରାଜ୍ୟ ସରକାର ଏହି ମାମଲାରେ ଜବାବ ଦାଖଲ ଲାଗି ବାରମ୍ବାର ସମୟ ଗଡ଼ାଇଥିବାରୁ ହାଇକୋର୍ଟ ରାଜ୍ୟ ସରକାରଙ୍କ ଉପରେ ୨୫ ହଜାର ଟଙ୍କାର ଜରିମାନା ମଧ କରିଛନ୍ତି । ଏହି ଜରିମାନା ଅର୍ଥ ରାଜ୍ୟ ଆଇନସେବା ପ୍ରାଧିକରଣରେ ଜମା କରାଯିବ। ପଦ୍ମିନୀ ମେହେରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ଆଦେଶ ଦେଇଛନ୍ତି । କ୍ରିପ୍ଟୋକରେନ୍ସିକୁ ନେଇ ପୁଲିସ୍ ପକ୍ଷରୁ ରୁଜୁ ମାମଲାରେ ଆବେଦନକାରିଣୀ ଏବଂ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ହାଇକୋର୍ଟ କ୍ରିପ୍ଟୋକରେନସି କାରବାରକୁ ନେଇ ଦେଖାଦେଇଥିବା କେତେକ ଅସମାହିତ ପ୍ରଶ୍ନ ଉପରେ ଜାଣିବାକୁ ଚାହିଁଛନ୍ତି । ହାଇକୋର୍ଟ ଆଜି ଏହା ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀଙ୍କଠାରୁ କେତେକ ଜବାବ ଲୋଡ଼ିଥିଲେ । କିନ୍ତୁ ସମ୍ପୃକ୍ତ ଆଇନଜୀବୀ ପରବର୍ତ୍ତୀ ଶୁଣାଣିକୁ ଏହା ଉପରେ ଜବାବ ରଖିବେ ବୋଲି ରହିଥିଲେ । ହାଇକୋର୍ଟ କହିଛନ୍ତି ଯେ, କିପ୍ଟୋକରେନ୍ସି ଇସ୍ୟୁ ସାଇବର ଅପରାଧ, ଆର୍ଥିକ କାରବାର, ଆନ୍ତର୍ଜାତୀୟ କାରବାର ସହ ଜଡ଼ିତ । କିନ୍ତୁ ଉପଯୁକ୍ତ ଆଇନ ଅଭାବରୁ ଏହି କାରବାର ବିବାଦୀୟ ହୋଇପଡୁଛି ।

## ଦେଢ଼ ବର୍ଷରେ ୪୮,୭୮୯ ମହିଳା ବିରୋଧୀ ହିଂସା

ଭୁବନେଶ୍ୱର, (ସବ୍ୟୁ) : ଦେଢବର୍ଷ ମଧ୍ୟରେ ମୋଟ ୪୮,୭୮୯ଟି ମହିଳା ବିରୋଧୀ ହିଂସା ସଙ୍ଗଠିତ ହୋଇଛି । ୨୦୨୪ ଜୁଲାଇ ୧ ତାରିଖରୁ ୨୦୨୫ ଡିସେମ୍ବର ୩୧ ତାରିଖ ମଧ୍ୟରେ ହୋଇଥିବା ଏହି ମାମଲାରେ ମୋଟ ୩୭,୧୫୦ଟିର ଅଭିଯୋଗପତ୍ର ଦାଖଲ ହୋଇଛି । ୪୯୩୬ଟିର ଫାଇନାଲ ରିପୋର୍ଟ ଦାଖଲ କରାଯାଇଛି । ଏବେ ସୁଦ୍ଧା ୬,୭୦୩ଟି ମାମଲାର ତଦନ୍ତ ଚାଲୁ ରହିଥିବା ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଉତ୍ତର ରଖିଛନ୍ତି ।

ରାଜ୍ୟରେ ୨୦୨୫ ମସିହାରେ ୨୯୯୪ ବଳାତ୍କାର ମାମଲା ହୋଇଥିବା ବେଳେ ୧୧୫ଟି ବଳାତ୍କାର ଉଦ୍ୟମ ମାମଲା ପଞ୍ଜୀକୃତ ହୋଇଛି । ସେହିପରି ୭୩୮୨ଟି ଅସଦାଚରଣ ମାମଲା ହୋଇଥିବା ବେଳେ ୧୧୮୩ଟି ସେକ୍ସୁଆଲ ହାରାସମେଣ୍ଟ ମାମଲା ପଞ୍ଜୀକୃତ ହୋଇଛି । ସର୍ବସାଧାରଣରେ ୧୪୪୮ ମହିଳାଙ୍କୁ ଅସମ୍ମାନିତ କରାଯାଇଥିବା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ଉତ୍ତର ରଖିଥିଲେ ବିଭାଗୀୟ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

# ଗୋବିନ୍ଦ ଦ୍ୱାଦଶୀ ସ୍ନାନ ପ୍ରସ୍ତୁତି ବୈଠକ

ପୁରୀ, (ସବ୍ୟୁ) : ଶାସ୍ତ୍ରୀୟ ମର୍ଯ୍ୟାଦାର ସହ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଚଳିତ ମାସ ୨୮ ତାରିଖରେ ପୁରୀ ମହୋଦଧିରେ ଅନୁଷ୍ଠିତ ହେବ।ଏହାକୁ ଶାନ୍ତି, ଶୃଙ୍ଖଳା ର ସହ ସମାପନ ସହିତ ଏକ ସମନ୍ୱୟ ବୈଠକ ସୋମବାର ଅପରାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏହି ଆଧାତ୍ମିକ ସ୍ନାନ କାର୍ଯ୍ୟକ୍ରମକୁ ସମସ୍ତଙ୍କ ସହଯୋଗ ରେ ଶୃଙ୍ଖଳିତ ଓ ସୁଚାରୁ ରୂପେ ସମ୍ପର୍ଣ୍ଣ ପାଇଁ ଅନୁରୋଧ କରିଥିଲେ।ଯେଉଁ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ପାଳନ ପାଇଁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ସହ ଏହି ଅଲଭ୍ୟ ସ୍ନାନରେ ସମସ୍ତେ ସାମିଲ ହେବା ଓ ଏହାକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଆୟୋଜନ ସମିତିର ସଂଯୋଜକ ଜୀତେନ୍ଦ୍ର ମହାପାତ୍ର କାର୍ଯ୍ୟ ସୂଚୀ ସମ୍ପର୍କରେ ବିଷଦ ସୂଚନା ଦେଇ ଚଳିତ ମାସ ୨୮ ତାରିଖରେ



ଶ୍ରୀକ୍ଷେତ୍ର ମହୋଦଧିରେ କୁମ୍ଭ ରାଶିରେ ସୂର୍ଯ୍ୟ ଙ୍କ ର ଅବସ୍ଥାନ ସହ ଗୋବିନ୍ଦ ଦ୍ୱାଦଶୀ ପବିତ୍ର ସ୍ନାନ ଯୋଗ ରହୁଛି ବୋଲି କହିଥିଲେ। ୨୮ ତାରିଖ ପୂର୍ବାହ୍ନ ୮.୩୦ ମିନିଟ ରୁ ଏମାର ମଠ ଚକଡା ଠାରୁ ଏକ ଭବ୍ୟ ଶୋଭାଯାତ୍ରା ସ୍ୱର୍ଗଦ୍ୱାର ସମ୍ମୁଖ ଶ୍ରୀ ନାରାୟଣ ବିଜେଘାଟରେ ପହଞ୍ଚିବ। ସେଠାରେ ଦିବା ୧୦.୧୮ ମିନିଟ ରୁ ଦିବା ୧ ଘଟିକା ପର୍ଯ୍ୟନ୍ତ ଅମୃତ ବେଳା ସ୍ନାନ ସମୟରେ ସ୍ନାନ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ। ସିଂହ ଦ୍ୱାର ସମୁଖରୁ ଯାତ୍ରା ଆରମ୍ଭ ସମୟରେ ବଡ଼ଛତା ମଠର ମହାବୀର ଙ୍କ ସହିତ ସମସ୍ତ ମଠ ସମ୍ପ୍ରଦାୟର ସନ୍ଥ,ମହନ୍ତ ଓ ନିଶାଣ ଙ୍କ ସହିତ ଶୋଭାଯାତ୍ରା ରେ ସାମିଲ ହେବେ ଓ ସ୍ନାନ ପୂର୍ବରୁ ବରୁଣ ଦେବତାଙ୍କ ଅଭିଷେକ ଓ ପୂଜା ଅର୍ଚ୍ଚନା ସହିତ ନାମ କୀର୍ତ୍ତନ କରି ସ୍ନାନ କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ଆଇନ ଶୃଙ୍ଖଳା ରକ୍ଷା,ଟ୍ରାଫିକ ନିୟନ୍ତ୍ରଣ,ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା,ଲାଇଫ ଗାର୍ଡ ମୁତୟନ, ଆମ୍ବୁଲାନ୍ସ ବ୍ୟବସ୍ଥା,ବ୍ୟାଟେରୀ ଗାଡି ବ୍ୟବସ୍ଥା, ସଂକୀର୍ତ୍ତନ ଦଳ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସଠିକ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

## ବ୍ରାଇଟ୍ ଷ୍ଟାରସ୍ ମଣ୍ଟେସ୍ୱରୀ ଶିଶୁ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

# ଶିଶୁମାନଙ୍କ ମଧ୍ୟରେ ଆଦର୍ଶ ସୃଜନଶୀଳତା ବିକାଶ ଜରୁରୀ : ସ୍ୱାମୀ ଜଗନ୍ନାଥାନନ୍ଦ

କଟକ (ସବ୍ୟୁ): ବ୍ରାଇଟଷ୍ଟାରସ ମଣ୍ଟେସ୍ୱରୀ ଶିଶୁ ଶିକ୍ଷା କେନ୍ଦ୍ର ପକ୍ଷରୁ "ନକ୍ଷତ୍ରମ୍-୨୦୨୬" ବାର୍ଷିକ ଉତ୍ସବ ଆଡମ୍ବରପୂର୍ଣ୍ଣ ଭାବରେ ପାଳିତ ହୋଇଯାଇଛି। ଏହି ଅବସରରେ ଭାରତ ସେବା ସଂଘର ବୃନ୍ଦାବନ ଓ ଭୁବନେଶ୍ୱର ଶାଖା ସଚିବ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଓ 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, କଳା ବିକାଶ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ବିଜୟାନନ୍ଦ ସିଂହ, ଉତ୍କଳ ବିକାଶ ଯୁବ ପରିଷଦର ମୁଖ୍ୟ ଦେବୀପ୍ରସାଦ ପୃଷ୍ଟି ଓ ଶିକ୍ଷାବିତ୍ ବ୍ରହ୍ମାନନ୍ଦ ପଣ୍ଡା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

ପ୍ରତିଷ୍ଠାନର ଅଧ୍ୟକ୍ଷ ଅନିରୁଦ୍ଧ ଖୁଣ୍ଟିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଓ ପ୍ରିନ୍ସିପାଲ ବନଜା ଖୁଣ୍ଟିଆ ଧନ୍ୟବାଦ୍ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ଓ ତୁଳସୀ ବୃକ୍ଷରେ ଜଳଦାନ ସହ ବେଦ ପାଠ କରାଯାଇଥିଲା। ଉଦ୍‌ଘାଟନୀ ଅଭିଭାଷଣରେ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଥିଲେ ଯେ ଶିଶୁମାନେ




ଦେଶର ଭବିଷ୍ୟତ ନିର୍ମାତା। ତେଣୁ ସେମାନଙ୍କ ଶିକ୍ଷା ସହିତ ନୈତିକତା, ଶିଷ୍ଟାଚାର ଓ ସଂସ୍କାରର ବିକାଶ ଅତ୍ୟନ୍ତ ଜରୁରୀ। ସେ ଗୁରୁକୁଳ ପରମ୍ପରା ଓ ଭାରତୀୟ ଧାର୍ମିକ ଗ୍ରନ୍ଥର ମୂଲ୍ୟବୋଧକୁ ଶିଶୁମାନଙ୍କ ମଧ୍ୟରେ ରୋପିତ କରିବାର ପରାମର୍ଶ ଦେଇଥିଲେ। ମହାରାଜ କହିଥିଲେ ଅଭିଭାବକ ମାନେ ଭଲ ସ୍କୁଲରେ ପିଲାଙ୍କୁ ନାମ ଲେଖାଇ ଆମ୍ତୃପ୍ତି ପାଇବାର ଯଥାର୍ଥତା ନାହିଁ । ପ୍ରକୃତ ଅର୍ଥରେ ଶିଶୁ ମାନଙ୍କୁ ନୀତି ନୈତିକତା ଓ ବିନମ୍ର ଭାବରେ ମୋହିତ କରିବା ଅତ୍ୟନ୍ତ ଜରୁରୀ। ତେବେ ଯାଇ ସେମାନେ ପରିବାର ଓ ଦେଶ ପାଇଁ ଉନ୍ନତ କାର୍ଯ୍ୟ କରି ପାରିବେ। ବ୍ରାଇଟ୍ ଷ୍ଟାରସର ନିର୍ଦ୍ଦେଶିକା ବନଜା ଦେବୀ ଶିଶୁ ନକ୍ଷତ୍ରଙ୍କ ଆଭାର ବିକାଶ ନିମିତ୍ତ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ। ମୁଖ୍ୟବକ୍ତା ଅଧ୍ୟାପକ ବିଜୟାନନ୍ଦ ସିଂହ କହିଥିଲେ ଯେ ଭାରତର ମହାନ ବ୍ୟକ୍ତିତ୍ୱମାନଙ୍କ ଆଦର୍ଶକୁ ଅନୁସରଣ କରି ପାରିଲେ ଶିଶୁମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ମୁଖୀ ହେବ। ସାହିତ୍ୱିକ ଗୁରୁକଲ୍ୟାଣ ମହାପାତ୍ର କହିଥିଲେ ଯେ ଆଜିର ପିଢ଼ୀ ସୁବିଧାବାଦ ଓ ପ୍ରଯୁକ୍ତି ଉପରେ ଅଧିକ ନିର୍ଭରଶୀଳ ହେଉଛି ତେବେ ନିଜ ପରିଶ୍ରମ ଓ ସାଧନାକୁ ଛାଡ଼ି ଦେଲେ ଉନ୍ନତି ସମ୍ଭବ ନୁହେଁ। ଉତ୍କଳ ବିକାଶ ଯୁବ ପରିଷଦର ମୁଖ୍ୟ ଦେବୀପ୍ରସାଦ ପୃଷ୍ଟି କହିଥିଲେ ଯେ ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନଟ କରି ସୁରକ୍ଷିତ ସଂସ୍କାରୀ ଓ ଦାୟିତ୍ୱବୋଧ ଦିଗରେ ଆଗେଇନେବା ଶିକ୍ଷକ ଓ ଅଭିଭାବକଙ୍କ ଦାୟିତ୍ୱ। ବ୍ରାଇଟଷ୍ଟାର୍ସ୍ ଶିଶୁ ନକ୍ଷତ୍ରଙ୍କ ଦ୍ୱାରା ମେଗା ବୃକ୍ଷରୋପଣ କାର୍ଯ୍ୟ କରିବେ ବୋଲି ସେ କହିଥିଲେ। ସମ୍ମାନୀତ ଅତିଥି ଇଞ୍ଜିନିୟର ବ୍ରହ୍ମାନନ୍ଦ ପଣ୍ଡା କହିଥିଲେ "ଆଜିର ଶିଶୁ ଆସନ୍ତାକାଲି ହେବେ ଭାରତର ଭବିଷ୍ୟତ। ତେଣୁ ଅଧିକ ନମ୍ବର ରଖିବା ନୁହେଁ, ଅଧିକ ଆଦର୍ଶର ବହାକ ହେବା ଉଚିତ୍। ବ୍ରାଇଟଷ୍ଟାରସ ମଣ୍ଟେସ୍ୱରୀ ଶିଶୁ ଶିକ୍ଷା କେନ୍ଦ୍ରର ଶିକ୍ଷାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରୁଥିବା ଦୃଶ୍ୟ ଦୃଶ୍ୟ ଥିଲା ଅତ୍ୟନ୍ତ ହୃଦୟସ୍ପର୍ଶୀ। ପ୍ରତିଷ୍ଠାନର ନିର୍ଦ୍ଦେଶିକା ଓ ପ୍ରିନ୍ସପାଲ ବନଜା ଖୁଣ୍ଟିଆ ଧନ୍ୟବାଦ୍ ଅର୍ପଣ କରି ବ୍ରାଇଟ ଷ୍ଟାରସର ପାଠପଢା ଓ ବାର୍ଷିକ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। କୃତି ଶିକ୍ଷାର୍ଥୀଙ୍କୁ ପ୍ରଶଂସାପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ଶାନ୍ତିଲତା ରାଉତରାୟ ନାୟକ, ରେଳ ବିଭାଗର ପୂର୍ବତନ ଅଧିକାରୀ ରାସବିହାରୀ ଜେନା ଓ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବେଆଇନ ବିସ୍ଫୋରକରେ ପଥର ବ୍ଲାଷ୍ଟିଙ୍ଗ, ଚିନ୍ତାରେ ଅଞ୍ଚଳବାସୀ

ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକ ଅନ୍ତର୍ଗତ ଧରାକୋଟ ସମସ୍ତ ଅଫିସର ହେଡକ୍ୱାର୍ଟର ହୋଇଥିବା ବେଳେ ତାଲପାଟଣା ଏନଏଚ ୫୯ ଠାରୁ ଧରାକୋଟକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ନିକଟରୁ ମାତ୍ର ୫୦ ମିଟର ନିକଟରେ ପଥର ବ୍ଲାଷ୍ଟିଙ୍ଗ କରି ପଥର, ମେଟାଲ, କ୍ରସର ପାଇଁ ମେଟ୍ରିଆଲ ଯୋଗାଡ଼ କରିବା ବାହାନାରେ ଇଡି ବାରୁଦ, ଆମୋନିଆଁ ଓ ଦେହୁରୀଆକୁ ବ୍ୟବହାର କରି କମ୍ପ୍ରେସର ସାହାଯ୍ୟରେ ଶହଶହ ଫୁଟ ଗଭୀର ହୋଲ କରି ଡିଟୋନେଟର, ବାରୁଦ ଭର୍ତି କରି ବ୍ଲାଷ୍ଟିଙ୍ଗ କରୁଥିବା ସୂଚନା ସମସ୍ତଙ୍କୁ ରହିଛି ।



ସୂଚନା ପ୍ରକାରେ ୫୯ ଏନଏଚ ଠାରୁ ଧରାକୋଟକୁ ସଂଯୋଗ କରୁଥିବା ରଷିକୂଲ୍ୟା କେନାଲ, ଟାଟା ରିଲିଫ ସାହିର ୨୨ଟି ପରିବାର, ଶାନ୍ତିଝରକୁ ଯିବା ମୁଖ୍ୟ ରାସ୍ତା, ଧରାକୋଟ ଥାନା ଏବଂ ଅଗ୍ନିଶମ ବିଭାଗର ମୁଖ୍ୟ କାର୍ଯ୍ୟାଳୟକୁ ରହିଥିବା ବେଳେ କିଭଳି ଏକ ପଥର କୁଆଁରୀ ଏଠାରେ ଚାଲିଛି ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମସ୍ତ ପୋଲିସ କର୍ମଚାରୀ ଓ ଅଗ୍ନିଶମ କର୍ମଚାରୀଙ୍କ ପରିବାର ବାସ କରୁଥିବା ବେଳେ ବ୍ଲାଷ୍ଟିଙ୍ଗ ସମୟରେ ଛାତିଥରା କମ୍ପନ ଯୋଗୁଁ ଭୟରେ ରହୁଛନ୍ତି । ଅନ୍ୟପଟେ ତାଲପାଟଣାରର ଟାଟା ରିଲିଫରୁ ମିଳିଥିବା ୨୨ଟି ପରିବାରର ସମସ୍ତ ଘର ଫାଟି ଆଁ କରିଥିବା ଚିତ୍ର ଦେଖିବାକୁ ମିଳିଛି । ସବୁଠାରୁ ବଡ଼ପ୍ରଶ୍ନ ଅଗ୍ନିଶମ ବିଭାଗ ଅଫିସର ଦ୍ୱିତୀୟ ମହଲାର ଉପର ଭାଗ ଫାଟସୃଷ୍ଟି ହେବାର ଚିତ୍ର ରହିଥିବା ବେଳେ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ନିଜନିଜ ଭିତର ଚର୍ଚ୍ଚା ହେଉଛି । କିନ୍ତୁ ସରକାର ଲିଜ ଦେଇ ରାଜସ୍ୱ ଆଦାୟ କରୁଛନ୍ତି ଅଭିଯୋଗ ଯେତେ କଲେବି କିଛି ଫରକ ପଡ଼ିବନି କହି ଚୁପଚାପ ରହିଛନ୍ତି ସ୍ଥାନୀୟ ବାସନ୍ଦା । ସବୁଠାରୁ ବଡ଼କଷ୍ଟ ଯେ ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରୁଥିବା ପାହାଡ଼ ପାଖରେ ୨୦୦ ଏକରରୁ ଉର୍ଦ୍ଧ ଜମି ଥିବାବେଳେ ଚାଷ ଜମିକୁ ଚାଷୀ ଫସଲ ଅମଳ କରିବାକୁ ହେଲେ ନିଜ ଜୀବନକୁ ବାଜି ଲଗାଇ ଯିବାକୁ ପଡୁଛି । ଖବର ପ୍ରସାରଣ ପାଇଁ ଯାଇଥିବା ସମ୍ବାଦିକଙ୍କୁ ଜୀବନରେ ମାରିବାକୁ ଚେଷ୍ଟାମଧ କରିଥିଲେ ମାଫିଆ । ଯାହାର ଅଭିଯୋଗ ଏଫ.ଆଇ.ଆର ମାଧ୍ୟମରେ ହୋଇଥିଲା । ଏହା ସତ୍ତ୍ୱେ ରାଜସ୍ୱ ଆଦାୟବାହାନାରେ (ବିଲେଇ ଆଖିବୁଜି କ୍ଷୀର ପିଇବାଭଳି) ଦୁଇଦୁଇ ଥର ଜନଶୁଣାଣୀରେ ଅଭିଯୋଗ ପରେ ଜଣେ ସାମ୍ବାଦିକ ଜୀବନ ପ୍ରତି ବିପଦ ଥିବାବେଳେ ମାଫିଆ ବିନ୍ଦାସ ବ୍ଲାଷ୍ଟିଙ୍ଗି କରୁଛନ୍ତି । ଅନ୍ୟପଟେ ସରକାରୀ କର୍ମଚାରୀ ମଧ୍ୟ ବିପଦରେ ଅଛନ୍ତି । କେବେ ଯେ ହଠାତ ବ୍ଲାଷ୍ଟିଙ୍ଗର କମ୍ପନରେ ଫଟା ଘର ଭୁଶୁଡ଼ିଯିବ ତାହା ଏବେ ଚିନ୍ତାରେ ପକାଇଛି । ସରକାର ପ୍ରଦୂ୍ୟଷଣ ରୋକିବା ନିମନ୍ତେ ଇଟାଭାଟି, ବାଣଗୋଦାମ, ଗାଡ଼ିମୋଟର ପଲ୍ୟୁସନ, ଗାଁ ଭିତରେ ଥିବା କ୍ରସର ସବୁକୁ ଅଙ୍କୁଶ ଲଗାଇଥିବା ବେଳେ ପଥର ବ୍ଲାଷ୍ଟିଙ୍ଗ ପାଇଁ ବିସ୍ଫୋରକ ଦ୍ରବ୍ୟ ଆସୁଛି କେଉଁଠୁ ପ୍ରଶାସନ ଚାହିଁଲେ କଣ ବିସ୍ଫୋରକ ଦ୍ରବ୍ୟକୁ ନଧରିବା ମାଇନିଙ୍ଗ ବିଭାଗ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ? ରାଜସ୍ୱ ଆଦାୟ କରିବା ବାହାନାରେ ଖଣିବିଭାଗ ପୋଲିସ, ଅଗ୍ନିଶମ, ନିରୀହ ଲୋକଙ୍କ ଜୀବନ ଶହ ଖେଳ ଖେଳୁଥିବା ସ୍ଥାନୀୟରେ ଚର୍ଚ୍ଚାଜୋର ଧରିଛି । ଏହି ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରି ବେଆଇନ ଭାବେ ପଥରବ୍ଲାଷ୍ଟିଙ୍ଗ, ଏବଂ କିଛି ଦିନ ପୂର୍ବରୁ ରସିଦ କାଟି ମୁରୁମ ଚଲାଣ ବେଳେ ଖବର ସଂଗ୍ରହ କରିବାକୁ ଧରାକୋଟର ଚାରି ସାମ୍ବାଦିକ ଯାଇଥିବା ବେଳେ ଜଣଙ୍କୁ ଆକ୍ରମଣ କରିବା ଶହ ଏହି ପାହାଡ଼କୁ ଆସିଲେ ଗୋଡ଼ ଦିଟାକୁ ପିଟିପିଟି ଭାଙ୍ଗିଦେବା କହିଥିଲେ ପଥର ମାଫିଆ । ଯାହାର ଭିଡ଼ିଓ ହୋଇଛି । ଏହି ଘଟଣାର ତଦନ୍ତ କରି ନ୍ୟାୟ ଅପେକ୍ଷାରେ ସମସ୍ତେ ଅଛନ୍ତି ।

## କନ୍ଧମାଳରେ ମାଓବାଦୀ ଓ ସୁରକ୍ଷାକର୍ମୀ ଗୁଳି ବିନିମୟ ଘଟଣା

# ଦୁଇ ମାଓବାଦୀଙ୍କ ମୃତଦେହ ଉଦ୍ଧାର, ଆହୁରି ସକ୍ରିୟ ଅଛନ୍ତି ୩୦: ଅତିରିକ୍ତ ଡିଜିପି

ଫୁଲବାଣୀ, (ସବ୍ୟୁ) : କନ୍ଧମାଳ ଜିଲ୍ଲାର ରାଇକିଆ ଥାନା ଅନ୍ତର୍ଗତ କରଡା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଗତ ୨୨ ତାରିଖରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ପରେ ସର୍ଚ୍ଚ ଅପରେସନ ସମୟରେ ଦୁଇଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯିବା ସହ ବନ୍ଧୁକ ଓ ଅନ୍ୟାନ୍ୟ ମାଓ ବ୍ୟବହୃତ ସାମଗ୍ରୀ ଉଦ୍ଧାର କରାଯାଇଥିବା ନେଇ ଫୁଲବାଣୀ ରିଜର୍ଭ ପୋଲିସ ପଡିଆରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଅତିରିକ୍ତ ଡିଜିପି ସଞ୍ଜୀବ ପଣ୍ଡା ।



ସେ ଦେଇଥିବା ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ, କନ୍ଧମାଳ ଜିଲ୍ଲା ରାଇକିଆ ଥାନା ଅନ୍ତର୍ଗତ କରଡା ନନ୍ଦାବାଡ଼ି ସଂରକ୍ଷିତ ଜଙ୍ଗଲ ଅଂଚଳରେ ମାଓବାଦୀଙ୍କ ଗତିବିଧି ଥିବା ଏବଂ ସେମାନେ ସାଧାରଣ ଲୋକଙ୍କୁ ଡରାଧମକା କରୁଥିବା ନେଇ ସୂଚନା ପାଇବା ପରେ କନ୍ଧମାଳ ଏସପି ହରିଶ୍ ବିଶିଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଓଜିର ୧୧ଟି ଟିମ୍, ସିଆରପିଏଫ୍, ୧୨୭ ବାଟାଲିୟନ ଓ ୬୪ ବାଟାଲିଅନ୍‌କୁ ନେଇ କୁମ୍ବିଂ ଅପରେସନକୁ ଆରମ୍ଭ କରିଥିଲେ । ଗତ ୨୨ ତାରିଖ ସକାଳ ପ୍ରାୟ ୧୧ଟା ବେଳେ ଏସ୍‌ଓଜି ଟିମ୍ ଓ ମାଓବାଦୀଙ୍କ ମୁହାଁମୁହିଁ ହୋଇଥିଲା । ପ୍ରାୟ ଦୁଇଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା । ଏହା ପରେ ଜବାନ ମାନଙ୍କୁ ଘଟଣା ସ୍ଥଳରେ ସର୍ଚ୍ଚ ଅପରେଶନ ସମୟରେ ଦୁଇ ଜଣ ମାଓବାଦୀଙ୍କ ମୃତ ଦେହ ମିଳିଥିଲା । ସେମାନଙ୍କ ମଧ୍ୟରେ କେକେବିଏନ ଡିଭିଜନର ମିଲିଟାରୀ ଡେପୁଟୀ କମାଣ୍ଡାଣ୍ଟ ଭାବରେ ଗତ ୨୦୨୦ ମସିହାରୁ କନ୍ଧମାଳରେ କାର୍ଯ୍ୟରତ ଥିବା ଜୋଗେଶ ଏବଂ ପାର୍ଟି ମେମ୍ବର ତଥା ମହିଳା ମାଓବାଦୀ ରତ୍ନାର ଶବ ରହିଥିବା ନେଇ ସୂଚନା ଦେଇଥିଲେ । ଉଭୟଙ୍କ ଘର ଛତିଶଗଡର ସୁକୁମା ଅଞ୍ଚଳରେ ବୋଲି ପୋଲିସ୍ ଜାଣିବାକୁ ପାଇଛି ।

ତେବେ ଜୋଗେଶ ଉପରେ ସରକାର ୨୨ ଲକ୍ଷ ଟଙ୍କା ଓ ରତ୍ନା ଉପରେ ଏକ ଲକ୍ଷ ୬୫ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ । ଏଥି ସହିତ ଘଟଣା ସ୍ଥଳରୁ ଗୋଟିଏ ଏକେ ୪୭ ରାଇଫଲ୍, ୟୁବିଜିଏଲ, ଏସଏଲ୍ଆର ରାଇଫଲ୍ ଓ ଗ୍ରେନେଡ, ଗୁଳି ଓ ବହୁତ ମାଓ ବ୍ୟବହୃତ ସାମଗ୍ରୀ ସବୁକୁ ଜବତ କରିଛି ପୁଲିସ । ଏମାନେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହୋଇଥିବା ୧୧ଟି ମାମଲାରେ ଜଡିତ ଥିଲେ ବୋଲି ମଧ୍ୟ ସୂଚନା ଦେଇଛନ୍ତି ଅତିରିକ୍ତ ଡିଜିପି ଶ୍ରୀ ପଣ୍ଡା ।

ଏହି ଅବସରରେ ତାଙ୍କ ସହିତ ଦକ୍ଷିଣାଞ୍ଚଳ ଡିଆଇଜି ନିତି ଶେଖର, ଆଇଜି ଅପରେସନ ଡକ୍ଟର ଦୀପକ କୁମାର, ସ୍ୱତନ୍ତ୍ର ଗୁଇନ୍ଦା ବିଭାଗ ଡିଆଇଜି ଅଖିଳେଶ୍ୱର ସିଂ, କନ୍ଧମାଳ ଆରକ୍ଷୀ ଅଧିକ୍ଷକ ହରିଶ ବିଶି ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ ଓ ଅନ୍ୟ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ । ତେବେ ଜିଲ୍ଲାରେ ଅନେକ ଟପ୍ କ୍ୟାଡରର ମାଓବାଦୀ ମାନଙ୍କ ମୃତ୍ୟୁ ଏବଂ ଆତ୍ମସମର୍ପଣ ପରେ ଜିଲ୍ଲାରେ କାର୍ଯ୍ୟରତ ମାଓବାଦୀ ମାନଙ୍କ ମନବଳ ଭାଙ୍ଗି ଯାଇଛି । ବର୍ତ୍ତମାନ କନ୍ଧମାଳ ଜିଲ୍ଲାରେ ସମୁଦାୟ ମାଓବାଦୀଙ୍କ ସଂଖ୍ୟା ୩୦ରୁ କମଥିବା ପୋଲିସ ପାଖରେ ଖବର ଅଛି । ଅତିଶିଘ୍ର କନ୍ଧମାଳ ଜିଲ୍ଲା ମାଓମୁକ୍ତ ହେବ ବୋଲି ମଧ ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ରାଜ୍ୟ ସରକାରଙ୍କ ମାଓ ଆତ୍ମସମର୍ପଣ ନେଇ ସେମାନେ ସମାଜର ମୁଖ୍ୟସ୍ରୋତକୁ ଫେରି ଆସନ୍ତୁ ବୋଲି ମଧ ଆହ୍ୱାନ ଦେଇଥିଲେ ।

ଆଗକୁ ଜିଲ୍ଲାରେ ମାଓ କୁମ୍ବିଙ୍ଗ ଜୋରଦାର୍ ହେବ ବୋଲି ସୂଚନା ଦେବା ସହିତ କନ୍ଧମାଳ ଜିଲ୍ଲା ପୋଲିସ୍‌ର ଲଗାତାର ସଫଳତା ପାଇଁ ସେ ଏସପି ହରିଶ ବିଶି ଓ ତାଙ୍କର ଟିମ୍ କାର୍ଯ୍ୟଶୈଳୀ ପ୍ରଶଂସନୀୟ ବୋଲି କହିଛନ୍ତି ।

# ପରୀକ୍ଷା ଭଲ ହୋଇନଥିବାରୁ ଛାତ୍ରୀଙ୍କ ଆତ୍ମହତ୍ୟା

ବ୍ରହ୍ମପୁର, (ସବ୍ୟୁ): ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଗଞ୍ଜାମ ଜିଲ୍ଲାରେ ପୁଣି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ପ୍ରଥମେ ପ୍ରଶ୍ନପତ୍ର ସେଟ୍ ବଣ୍ଟନରେ ଅନିୟମିତତା ଅଭିଯୋଗର କିଛି ଦିନ ନପୁରୁଣୁ ଆଜି ପରୀକ୍ଷାରେ କପି ଧରାପଡ଼ିବା ପରେ ମାନସିକ ଭାରସାମ୍ୟ ହରାଇ କିମ୍ବା ଚାପଗ୍ରସ୍ତ ଅବସ୍ଥାରେ ଜଣେ ଛାତ୍ରୀ ଆତ୍ମହତ୍ୟା ପରି ନିଷ୍ଠୁର ପଦକ୍ଷେପ ନେଇ ଜୀବନ ହାରିଛନ୍ତି । ସୂଚନାକ୍ରମେ ବ୍ରହ୍ମପୁର ଶ୍ରୀରାମନଗର ତୃତୀୟ ଲାଇନ ନିବାସୀ କାଳିଆ ସାହୁ ଓ ଲକ୍ଷ୍ମୀ ସାହୁଙ୍କ ଝିଅ ଶ୍ରୀୟା ସାହୁ (୧୫) । ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ବ୍ରହ୍ମପୁର-୨ରେ ଦଶମ ଶ୍ରେଣୀରେ ପଢୁଥିଲେ । ଏହା ସହ ଏନସିସିରେ ଅଂଶଗ୍ରହଣ କରି କ୍ୟାରିୟର ଗଢିବାକୁ ଲକ୍ଷ୍ୟ ରଖିଥିଲେ । ପଢୁଥିବା ବିଦ୍ୟାଳୟର ଦଶମ ପରୀକ୍ଷା ସେଣ୍ଟର ନିକଟସ୍ଥ ପିଏମଶ୍ରୀ ଭିଭିଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ରହିଛି । ପରିବାରବର୍ଗଙ୍କ କହିବାକ୍ରମେ ଶନିବାର ଦିନ ଇଂରାଜୀ ପରୀକ୍ଷାରୁ ଆସିବା ପରେ ଘର ଲୋକଙ୍କ ସହ କିଛି ମାର୍କ ଲେଖି ପାରିନଥିବା ନେଇ ଆଲୋଚନା କରିଥିଲେ । ପରିବାର ସଦସ୍ୟ ନିଜ ନିଜ କାମରେ ବାହାରକୁ ଯିବା ପରେ ସନ୍ଧ୍ୟା ୬.୩୦ରେ ଏକାନ୍ତରେ ବେକରେ ଓଢଣୀ ଦେଇ ଆତ୍ମହତ୍ୟା କରିଛନ୍ତି । ଏନେଇ ପରିବାରବର୍ଗ ସହପାଠୀଙ୍କ ସହ ଆଲୋଚନା ପରେ ଶ୍ରୀୟାଙ୍କୁ ପରୀକ୍ଷା ଦିନ କପି ନେଇଯିବା ସମୟରେ କେନ୍ଦ୍ର ନିରୀକ୍ଷକଙ୍କ ହାତରେ ଧରାପଡ଼ିଥିଲେ ।

ଦାୟିତ୍ୱରେ ଥିବା ଅଧିକାରୀ ତାଗିଦ୍ ସହ ଏହାର ପରବର୍ତ୍ତୀ ପଦକ୍ଷେପ ବିଷୟରେ ବୁଝାଇ କହିବା ପରେ ଅବସାଦଗ୍ରସ୍ତ ଅବସ୍ଥାରେ ଚରମ ପଦକ୍ଷେପ ଗ୍ରହଣ କରିଥିବା ଘର ଲୋକ କହିଛନ୍ତି । ବିଦ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବାକୁ ପରିବାରବର୍ଗ ଦାବି କରିଛନ୍ତି । ଏନେଇ ସେ ପଢୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୋପେନ କୁମାର ମହାନ୍ତ କହିଛନ୍ତି, ଶ୍ରୀୟା ଜଣେ ଅତ୍ୟନ୍ତ ଶୃଙ୍ଖଳିତ ଓ ମେଧାବୀ ଛାତ୍ରୀ ଥିଲେ । ଏହି ଅଭାବନୀୟ ଘଟଣା ସମଗ୍ର ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ପରିଚାଳନାକୁ ନେଇ ପ୍ରଶ୍ନବାଚୀ ଠିଆ କରିଛି । ଅନ୍ୟପକ୍ଷେ ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ଚାନ୍ଦିନୀ ପଣ୍ଡା କହିଛନ୍ତି, କେନ୍ଦ୍ରରେ କୌଣସି ପରୀକ୍ଷାର୍ଥୀ କପି କରିଥିବା ଅଭିଯୋଗ ହୋଇନି । ସିସିଟିଭିରେ ଅଧିନରେ ପୁରା କକ୍ଷ ରହିଛି । ଏହିପରି ଅଭିଯୋଗ ଆମ ନିକଟକୁ ଆସିଲେ ଏହାକୁ ଯାଞ୍ଚ କରାଯିବ । ଏନେଇ ଥାନାରେ ଏତାଲା ଦିଆଯାଇଥିବା ଜଣାଯାଇଛି ।

# ପୂର୍ବତନ ବିଧାୟକ ବିମଳ ଲୋଚନ ଦାସଙ୍କ ସ୍ମୃତିଚାରଣ ସଭା




ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ମୟୂରଭଞ୍ଜରେ ସମବାୟ ଆନ୍ଦୋଳନର କର୍ଣ୍ଣଧାର ବିଶିଷ୍ଟ ସମାଜସେବୀ ତଥା ବାରିପଦାର ପୂର୍ବତନ ବିଧାୟକ ବିମଳ ଲୋଚନ ଦାସଙ୍କ ୫ମ ମହାପ୍ରୟାଣ ଦିବସ ଅବସରରେ ଏକ ସ୍ମୃତିଚାରଣ ସଭା ପ୍ରତିଷ୍ଠାନର ସଭାପତି ଡ଼ା ପାର୍ଥ ସାରଥି ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ ହୋଟେଲ ଅମ୍ବିକା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଙ୍ଗୀତ ଶିଳ୍ପୀ ସୁଶ୍ରୀ ଭାରତୀ ବେବର୍ତ୍ତା ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ । ପରେ ପ୍ରତିଷ୍ଠାନର ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ବିମଳ ବାବୁଙ୍କ ନିସ୍ୱାର୍ଥପର ଜୀବନ ଶୈଳୀ ଓ ସମାଜ ପାଇଁ କିପରି ତାଙ୍କର କାର୍ଯ୍ୟଧାରା ସମର୍ପିତ ଥିଲା ତାହା ଅତି ମାର୍ମିକ ଭାବରେ ପ୍ରକାଶ କରିଥିଲେ । ଉକ୍ତ ସ୍ମୃତି ଚାରଣ ସଭାରେ ବରିଷ୍ଠ ସାମ୍ବାଦିକ ତଥା ପରିବେଶବିତ ଡ଼ ବିଜୟ କୁମାର ଅଗ୍ରଓ୍ୱାଲା ତାଙ୍କ ଅଭିଭାଷଣରେ ବିମଳ ବାବୁ ବିଭିନ୍ନ କ୍ଷେତ୍ରରେ ଦାୟିତ୍ୱ ନେଇ ତାହାକୁ ସଫଳତାର ସହ ସମ୍ପାଦନ କରିଥିଲେ ବୋଲି କହିଥିଲେ ।

ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ସମ୍ମାନିତ ବକ୍ତା ଓ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ରାଜକିଶୋର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିମଳ ବାବୁ କିଭଳି ଅର୍ବାନ ବ୍ୟାଙ୍କକୁ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଳଙ୍କୃତ କରିବାର ଗୌରବ ଅର୍ଜନ କରିଥିଲେ ତାହା ବିଷଦ ଭାବରେ ବର୍ଣ୍ଣନା କରିଥିଲେ ।

ଏହି ଅବସରରେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ ବିମଳ ଲୋଚନ ଦାସ ସ୍ମୃତି ସମ୍ମାନ ୨୦୨୬ ପ୍ରତିଶ୍ରୁତି ପକ୍ଷରୁ ପ୍ରଦାନ କରାଯାଇଥିଲା । ପରେ ମୁଖ୍ୟ ଅତିଥି ବାରିପଦାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ନିଜ ବକ୍ତବ୍ୟରେ ବିମଳ ବାବୁଙ୍କ ଜୀବନର ଭୂୟସୀ ପ୍ରଶଂସା କରି ସେ କିପରି ତାଙ୍କ ଆଶୀର୍ବାଦରେ ପ୍ରଥମେ ନଗରପାଳ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ କହିବା ସହିତ ତାଙ୍କୁ ନିଜର ରାଜନୈତିକ ଗୁରୁ ଭାବରେ ଅଭିହିତ କରିଥିଲେ । ସଭାପତି ଡ଼ା ଜେନା ବିମଳ ବାବୁଙ୍କ ବଦାନ୍ୟତା ସମ୍ପର୍କରେ ଏକ ଭାବ ଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିମଳ ବାବୁଙ୍କ ସ୍ମୃତି ସମ୍ବଳିତ ଏକ ମନୋଜ୍ଞ କବିତା ପାଠ ଉତ୍ସବ ବରିଷ୍ଠ ଗାଳ୍ପିକ ପଦ୍ମନାଭ ସାହୁ ଓ କବି ଗୋପାଳ ଚନ୍ଦ୍ର ସାଓଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ।

ଏହି କବିତା ପାଠ ଉତ୍ସବରେ କବୟିତ୍ରୀ ବିରଜା ଦେବୀ, ଭଗବତୀ ଦାଶ, ଭାସ୍ୱତୀ ପଣ୍ଡା, ମିନତି ଦାଶ, ସୁଧାମୟୀ ଦାସ, ଭାରତୀ ବେବର୍ତ୍ତା, ପୁଷ୍ପ ଲତା ସାହୁ ଓ କବି ଗୋପାଳ ଚନ୍ଦ୍ର ସାଓ, ହରିହର ବେହେରା, ନରସିଂହ ବାରିକ, ବନମାଳୀ ପାତ୍ର, ଅଜମ୍ବର ପୃଷ୍ଟି, ଗୋପାଳ ଚନ୍ଦ୍ର ଦତ୍ତ, ଦିଲୀପ କୁମାର ଆଇଚ୍, ମୀନକେତନ ମହାନ୍ତି ପ୍ରମୁଖ ବହୁ କବି କବିତା ପାଠ କରିଥିଲେ ।

ପ୍ରାରମ୍ଭରେ ବିମଳ ବାବୁଙ୍କର ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯିବା ସହିତ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ କବି ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶତାଧିକ ଭଦ୍ରବ୍ୟକ୍ତି ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

## ଶ୍ରୀଚୈତନ୍ୟ ଗୌଡୀୟ ମଠର ବାର୍ଷିକ ମହୋତ୍ସବ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ଗ୍ରାମସ୍ଥିତ ଶ୍ରୀଚୈତନ୍ୟ ଗୌଡୀୟ ମଠର ବାର୍ଷିକ ମହୋତ୍ସବ ଓ ଧର୍ମ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଠ ରକ୍ଷକ ଶ୍ରୀଭକ୍ତିଶରଣ ଶାନ୍ତଙ୍କ ତତ୍ତ୍ୱାବଧାନରେ ମଠ ପରିସରସ୍ଥ ସଂକୀର୍ତ୍ତନ ମଣ୍ଡପରେ ଆୟୋଜିତ ତ୍ରିଦିବସୀୟ ଧର୍ମ ସମ୍ମିଳନୀରେ ଭକ୍ତିସୌଧ ଜିତେନ୍ଦ୍ରିୟ ମହାରାଜ, ଭକ୍ତିବିବେକ ପରମାର୍ଥ ମହାରାଜ, ଭକ୍ତିହୃଦୟ ନିରୀହ ମହାରାଜ, ଭକ୍ତିସମ୍ବନ୍ଧ ଶୁଦ୍ଧାଦ୍ୱୈତୀ ମହାରାଜ, ଭକ୍ତିଜୀବନ ଅବଧୂତ ମହାରାଜ, ଶ୍ରୀପାଦ ଦିନତାରଣ ବ୍ରହ୍ମଚାରୀ ପ୍ରମୁଖ ପ୍ରବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ ସଂକୀର୍ତ୍ତନର ମହାତ୍ମ, ସାଧୁସଙ୍ଗର ମହିମା ଏବଂ ବିଗ୍ରହ ସେବା ସମ୍ପର୍କେ ଆଲୋକପାତ କରିଥିଲେ । ଏହି ମହୋତ୍ସବ ଅବସରରେ ରାଧାଦାମୋଦରଜୀଉଙ୍କ ମହାଭିଷେକ ସାଙ୍ଗକୁ ଦୈନିକ ଧର୍ମସଭାର ପ୍ରାରମ୍ଭରେ ଓ ଅନ୍ତେ ମହାଜନ ପଦାବଳୀ କୀର୍ତ୍ତନ ଓ ନାମସଂକୀର୍ତ୍ତନ ହୋଇଥିଲା । ଏଥିରେ ବିଭିନ୍ନ ପ୍ରାନ୍ତରୁ ଆଗତ ସାଧୁସନ୍ଥଙ୍କ ସମେତ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା । ଏହି ମହୋତ୍ସବ ପରିଚାଳନାରେ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ରହିଥିଲା ।

## ପୀଡିତାଙ୍କ ଘରେ ବିଜେପି ପ୍ରତିନିଧିମଣ୍ଡଳୀ

ରାଜକନିକା, (ସବ୍ୟୁ) : ରାଜକନିକା ବ୍ଲକ ଓଲାଭର ଅଞ୍ଚଳର ଘରୋଇ ସ୍କୁଲରେ ସପ୍ତମ ଶ୍ରେଣୀର ନାବାଳିକା ଛାତ୍ରୀ ପ୍ରତି ହୋଇଥିବା ଗଣଧର୍ଷଣ ଏବେ ସମଗ୍ର ରାଜ୍ୟରେ ଏକ ମୁଖ୍ୟ ପ୍ରସଙ୍ଗ ଭାବେ ଉଭା ହୋଇଛି । ଏଭଳି ସ୍ଥିତି ସବୁ ମହଲରୁ ଏହାକୁ ନିନ୍ଦା କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ରାଜନୈତିକ ଉଷ୍ମତା ବି ବୃଦ୍ଧି ପାଇଛି। ଗତକାଲି ଦୁଇବିରୋଧୀ ଦଳ କଂଗ୍ରେସ ଆଉ ବିଜୁ ଜନତା ଦଳ ପକ୍ଷରୁ ପୀଡିତାଙ୍କ ପରିବାର ପାଖେ ପହଞ୍ଚି ନ୍ୟାୟ ପ୍ରଦାନ ଦିଗରେ ସରକାର ଟାଳଟୁଳ ନିତି ନ ଆପଣେଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ରଖିଛନ୍ତି। ଅନ୍ୟଥା ରାଜରାସ୍ତାକୁ ଓହ୍ଲାଇବାକୁ ବି ଚେତାବନୀ ଦେବାକୁ ଭୁଲି ନାହାନ୍ତି। ସେଇଭଳି କେନ୍ଦ୍ରାପଡା ଜିଲ୍ଲା ବିଜେପି ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀ ପୀଡିତାଙ୍କ ପରିବାର ପାଖେ ପହଞ୍ଚି ସମବେଦନା ଜ୍ଞାପନ କରିଥିଲେ। ପୁଲିସ୍ ପକ୍ଷରୁ ପୀଡିତାଙ୍କ ଅଭିଯୋଗ ଆଧାରରେ ତିନି ଜଣ ଶିକ୍ଷକ, ଜଣେ ଶିକ୍ଷୟତ୍ରୀ ଓ ସ୍କୁଲର ପିଅନକୁ ଅଟକ ରଖି ଆଜି କୋର୍ଟ ଫରୱାର୍ଡ କରିଥିବା ନେଇ ସୂଚନା ଦେଇଥିଲେ। ତେବେ ପୀଡିତାଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଆମେ ରହିଛୁ ବୋଲି କହିଥିଲେ। ଅନ୍ୟମାନଙ୍କ ଶୁଭ୍ରରଞ୍ଜନ ସାମଲ, ସୁଶାନ୍ତ ନାୟକ, ପ୍ରୀତିରଞ୍ଜନ ନାୟକ, ନାରାୟଣ ମଲିକ, ସଚିନ୍ ଦାସଙ୍କ ସହିତ ବହୁତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# କୋରାପୁଟର ଦୁର୍ଗମ ଅଞ୍ଚଳକୁ ଟିପିଏସ୍‌ଓଡିଏଲର ଗୁଣାତ୍ମକ ବିଜୁଳି ସେବା : ଉପକୃତ ହେବେ ୨ ହଜାର ଉପଭୋକ୍ତା

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକ୍ ଅନ୍ତର୍ଗତ ମାର୍ଥାପୁଟଠାରେ ୪.୭୩ ସର୍କିଟ୍ କିଲୋମିଟର ଲମ୍ବ ଏକ ନୂତନ ୩୩ କେଭି ଲାଇନ ପ୍ରତିଷ୍ଠା କରାଯାଇଛି । ଦକ୍ଷିଣ ଓଡ଼ିଶା ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ଅଟେ । ନୂତନ ଭିତ୍ତିଭୂମି କାରଣରୁ ପାଖାପାଖି ୨ ହଜାରରୁ ଅଧିକ ଉପଭୋକ୍ତାଙ୍କୁ ଅଧିକ ଭରସାଯୋଗ୍ୟ ବିଜୁଳି ସେବା ମିଳିପାରିଛି ।

ଆନ୍ଧ୍ରପ୍ରଦେଶ ସୀମାନ୍ତ ତଥା ପୂର୍ବଘାଟ ପର୍ବତମାଳାର ବଳୟ ଭିତରେ ରହିଥିବା କାରଣରୁ କୋରାପୁଟ ଜିଲ୍ଲାରେ ବିଜୁଳି ଯୋଗାଣ ଅପେକ୍ଷାକୃତ ଭାବେ ଅନ୍ୟ ସ୍ଥାନ ତୁଳନାରେ କଷ୍ଟସାଧ୍ୟ । ଏହି କ୍ରମରେ ଲମତାପୁଟ ବ୍ଲକରେ ବିଜୁଳି ଯୋଗାଣକୁ ନେଇଥିବା ସମସ୍ୟାର ସମାଧାନ ପାଇଁ ନୂଆ ଲାଇନ ପ୍ରତିଷ୍ଠା କରି କମ୍ପାନୀ ଗୁଣାତ୍ମକ ସେବା ସୁନିଶ୍ଚିତ କରୁଛି । ପ୍ରତିଷ୍ଠା ହୋଇଥିବା ନୂତନ ୩୩ କେଭି ଫିଡର ଲମତାପୁଟ ବ୍ଲକ ଅନ୍ତର୍ଗତ ଗଣେଇପଦା, ଜଳହଞ୍ଜର, ଚିକେନପୁଟ୍, ଗୋଦିହଞ୍ଜର, ଅନକାଡେଲି ଓ ବଡ଼ିଗଡ଼ା ଅଞ୍ଚଳର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଇବ ।

ପୂର୍ବରୁ ମାର୍ଥାପୁଟ ପ୍ରାଥମିକ ସବଷ୍ଟେସନକୁ ସୁନାବେଡ଼ା ଗ୍ରୀଡ୍ ସବଷ୍ଟେସନରୁ ପ୍ରାୟ ୭୦ କିଲୋମିଟର ଲମ୍ବା ୩୩ କେଭି ଲାଇନ ମାଧ୍ୟମ ବିଦ୍ୟୁତ ଯୋଗାଣ ହେଉଥିଲା । ଘନ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ, ବିଶେଷ କରି ବର୍ଷା ସମୟରେ ବିଦ୍ୟୁତ ଜନିତ ତ୍ରୁଟି ଚିହ୍ନଟରେ ବିଳମ୍ବ ହେଉଥିଲା ଓ ବିଦ୍ୟୁତ ସେବା ପ୍ରଭାବିତ ହେଉଥିଲା । ସଂପ୍ରତି ଏହି ସମସ୍ୟା ଦୂର ହୋଇଛି । ଲମତାପୁଟ ଗ୍ରୀଡ୍ ସବଷ୍ଟେସନରୁ ସ୍ୱତନ୍ତ୍ର ଫିଡର କାର୍ଯ୍ୟକ୍ଷମ ହେବା ପରେ ବିଜୁଳି ଯୋଗାଣ ନିମନ୍ତେ ବିକଳ୍ପ ଉତ୍ସ ମିଳିପାରିଛି । ଯାହା ମୂଳ ତଥା ଲମ୍ବା ଲାଇନ ଉପରେ ନିର୍ଭରତାକୁ ହ୍ରାସ କରିଛି ।

ସେହିପରି ନନ୍ଦପୁର ଫିଡର ମାଧ୍ୟମରେ ବିକଳ୍ପ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ଏହି ପଦକ୍ଷେପ ସମଗ୍ର ଅଞ୍ଚଳରେ ଭୋଲଟେଜ୍ ସମସ୍ୟା ଦୂର କରିବା ସହ ବିଜୁଳି ଯୋଗାଣରେ ସ୍ଥିରତା ଆଣିବ ଓ ତ୍ରୁଟି ଚିହ୍ନଟ ପ୍ରକ୍ରିୟା ତ୍ୱରିତ ବେଗରେ କରାଯାଇପାରିବ । ଘରୋଇ ଉପଭୋକ୍ତାଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ, କ୍ଷୁଦ୍ର ଉଦ୍ୟୋଗ ତଥା କୃଷି ଓ ଜୀବନଜୀବିକା କ୍ଷେତ୍ରକୁ ଗୁଣାତ୍ମକ ବିଜୁଳି ସେବା ମିଳିବ ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ମାର୍ଥାପୁଟରେ ନୂତନ ୩୩ କେଭି ଲାଇନ ପ୍ରତିଷ୍ଠା ହେବା ଦ୍ୱାରା ଭୌଗଳିକ ଦୃଷ୍ଟିକୋଣରୁ ଆହ୍ୱାନପୂର୍ଣ୍ଣ ଅଞ୍ଚଳ ଗୁଡ଼ିକୁ ଗୁଣାତ୍ମକ ବିଜୁଳି ଯୋଗାଣ ପୂର୍ବାପେକ୍ଷା ସହଜ ହୋଇପାରିଛି । ସେହି ଅଞ୍ଚଳଗୁଡ଼ିକରେ ବିଜୁଳି ଯୋଗାଣରେ ସ୍ଥିରତା ଆସିବା ସହ ପୁନରୁଦ୍ଧାର କାର୍ଯ୍ୟ ମଧ ଶୀଘ୍ର କରାଯାଇପାରୁଛି । ଆମେ ନୂତନ ଭିତ୍ତିଭୂମିମାନ ପ୍ରତିଷ୍ଠା କରି ଉପଭୋକ୍ତାଙ୍କୁ ଗୁଣାତ୍ମକ ତଥା ଭରସାଯୋଗ୍ୟ ବିଜୁଳି ଯୋଗାଣ ନିମନ୍ତେ ପ୍ରତିବଦ୍ଧ ଅଟୁ ।

## ୨୦୨୭ ମସିହା ଜନଗଣନା ସମ୍ପର୍କିତ ପ୍ରଶିକ୍ଷଣ




ଛତ୍ରପୁର, (ସବ୍ୟୁ): ୨୦୨୭ ମସିହା ଜନଗଣନା ସମ୍ପର୍କିତ ଏକ ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ତଥା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁନୀଲ କୁମାର କେର୍କେଟାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ଭବନର ରଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଆରମ୍ଭ ହୋଇଛି ।

ଅପ୍ରେଲ ମାସ ପ୍ରଥମ ଦୁଇ ସପ୍ତାହ ଜନଗଣନା ଅଧିକାରୀମାନେ (ଆନିମେଟର ଓ ସୁପରଭାଇଜର) ଜିଲ୍ଲାର ପ୍ରତ୍ୟେକ ଘରକୁ ଘର ଯାଇ ସମସ୍ତ ତଥ୍ୟର ସଠିକ ବିବରଣୀ ଜନସାଧାରଣଙ୍କୁ ପଚାରି ନିର୍ଭୁଲ ଭାବରେ ଲିପିବଦ୍ଧ କରିବେ । ଦେଶର ଜଣେ ସଚେତନ ନାଗରିକ ହିସାବରେ ସମସ୍ତେ ନିର୍ଭୁଲ ତଥ୍ୟ ଜନଗଣନା ଅଧିକାରୀମାନଙ୍କୁ ଦେବା ସହିତ ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଜନଗଣନା କାର୍ଯ୍ୟକୁ ପ୍ରଥମ ଥରପାଇଁ ଡିଜିଟାଲ ପ୍ରକ୍ରିୟାରେ କରାଯାଉଥିବାରୁ ସେନସସ୍ ପୋର୍ଟାଲରେ କିପରି ତଥ୍ୟ ଅପଲୋଡ୍ କରିପାରିବେ ତାହା ଉପରେ ଡି.ପି.ଏ. ସନ୍ତୋଷ କୁମାର ଆଚାର୍ଯ୍ୟ ଏବଂ ସହକାରୀ ନିର୍ଦ୍ଦେଶକ ସୁଜିତ କୁମାର ପ୍ରଧାନ ସମସ୍ତଙ୍କୁ ବୁଝାଇଥିଲେ । ବୈଷୟିକ ସହାୟକଙ୍କର ଏଥିରେ ମୁଖ୍ୟ ଭୂମିକା ରହିଛି । ଶତକଡା ୯୦ ଭାଗ କାମ ଚାର୍ଜ ଅଫିସରଙ୍କର ରହିଛି ବୋଲି ସେମାନେ କହିଥିଲେ । କୌଣସି ଶିକ୍ଷକ ଜନଗଣନା କାର୍ଯ୍ୟକୁ ମନା କରିପାରିବେ ନାହିଁ । ଆଗାମୀ ଜନଗଣନାକୁ କିପରି ସୁଚାରୁରୂପେ ସମ୍ପାଦନ କରାଯାଇପାରିବ ତାହା ଉପରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା ।

## ରାଜ୍ୟସ୍ତରୀୟ କଳାହାଣ୍ଡି କପ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ

# ମୟୂରଭଞ୍ଜ ଦଳ ଘୋଷିତ



ବାରିପଦା, (ସବ୍ୟୁ) : ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜର ୨୦ଜଣିଆ ଦଳ ଘୋଷିତ ହୋଇଯାଇଛି।

ଦଳରେ ଅଧିନାୟକ ଅଭିଜ୍ଞାନ ମହାନ୍ତି, ଉପ-ଅଧିନାୟକ ଦିବ୍ୟ ରଞ୍ଜନ ଦାସଙ୍କ ସମେତ ଶୁଭମ ନାଏକ, ସୌମ୍ୟ ରଞ୍ଜନ ମହାନ୍ତ, ମନୁ ରାମ, ରୋହନ ସାହୁ, ପ୍ରୀତପାଲ ସିଂହ, ମେରୀ ଲୋକନାଥ, ପ୍ରିତମ ପଣ୍ଡା, ଅଭିଜିତ ଘଣା, ପୁରବ ନନ୍ଦ, ଜୟ କୁମାର, ମୋହିତ କନକ୍ରିୟା, ସୁବ୍ରତ କୁମାର ସିଂ, ଶ୍ରୀମନ୍ତ ସାହୁ, ଆୟୁଷ ଗିରି, ଭୈସ୍ମୟ ବିନାୟକ ଦାସ, ଅବିନାଶ ଖଣ୍ଡେଲୱାଲ, ଶୁଭ୍ରରଞ୍ଜନ ପତି ଓ ଏମ ବାଲକ୍ରିଷ୍ଣନ ସାମିଲ ଅଛନ୍ତି ବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି। ପୂର୍ବତନ କ୍ରିକେଟ ଖେଳାଳି ପ୍ରଭାସ ଚନ୍ଦ୍ର ଘଡେଇ, ସୋମନାଥ ସିଂହ ଓ ସୁଶାନ୍ତ ମହାନ୍ତି ଦଳ ଚୟନରେ ସହଯୋଗ କରିଥିଲେ। ଦଳ ସହିତ ମ୍ୟାନେଜର ସୁଶାନ୍ତ ମହାନ୍ତି ଓ କୋଚ ସାଇବା ସିଂହ ଗସ୍ତ କରିବେ ବୋଲି ଅନ୍ୟତମ କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ପ୍ରକାଶ କରିଛନ୍ତି।

ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ ଓ ସମସ୍ତ କାଉନ୍‌ସିଲ ସଦସ୍ୟ ଦଳର ସଫଳତା କାମନା କରିଛନ୍ତି। ୨୫ତାରିଖ ଦିନ ମୟୂରଭଞ୍ଜ ତାର ପ୍ରଥମ ମ୍ୟାଚ ଅନୁଗୁଳ ସହ ଖେଳିବ।

## ମାଟ୍ରିକ ପରୀକ୍ଷା ତୃତୀୟ ଦିନ
# ଇଂରାଜୀରେ ୩୦୯ ପରୀକ୍ଷାର୍ଥୀ ଅନୁପସ୍ଥିତ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁଷ୍ଠିତ ଦଶମ ବୋର୍ଡ ପରୀକ୍ଷାର ତୃତୀୟ ଭାଷା ବିଷୟ ହିନ୍ଦି ଓ ସଂସ୍କୃତ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି । ମୋଟ ୯୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେଉଥିବା ବେଳେ ଆଜି ଇଂରାଜୀରେ ୩୦୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବାର ଜଣାପଡିଛି । ଜିଲ୍ଲାରେ ମୋଟ ୨୬୯ଟି ବିଦ୍ୟାଳୟ ରହିଥିବା ବେଳେ ଚଳିତ ବର୍ଷ ୯୫ଟି ପରୀକ୍ଷା କେନ୍ଦ୍ରରେ ୧୬ ହଜାର ୩୪୫ ଜଣ ପରୀକ୍ଷା ଦେଉଛନ୍ତି। ଆଜି ଅନୁଷ୍ଠିତ ପରୀକ୍ଷାରେ ୩୦୩ଜଣ ଅନୁପସ୍ଥିତ ରହିଛନ୍ତି । ମଧ୍ୟମାରେ ୬ଜଣ ଅନୁପସ୍ଥିତ ରହିଥିବା ବେଳେ ମୋଟ ୩୦୯ଜଣ ଅନୁପସ୍ଥିତ ରହିଛନ୍ତି । ଜିଲ୍ଲାରେ ମୋଟ ୯୩ଟି ପରୀକ୍ଷାକେନ୍ଦ୍ର ମଧ୍ୟରୁ ଢେଙ୍କାନାଳ ସଦର ବ୍ଲକରେ ୧୬ଟି କେନ୍ଦ୍ର ରହିଥିବା ବେଳେ ,ଭୁବନ ବ୍ଲକରେ ୧୧ଟି କେନ୍ଦ୍ର ,ଗଁଦିଆ ବ୍ଲକରେ ୧୨ଟି ,ହିନ୍ଦୋଳ ବ୍ଲକରେ ୧୨ଟି, କାମାକ୍ଷାନଗର ବ୍ଲକରେ ୧୨ଟି ,କଙ୍କଡାହାଡ ବ୍ଲକରେ ୯ଟି କେନ୍ଦ୍ର ,ଓଡାପଡା ବ୍ଲକରେ ୧୦ଟି କେନ୍ଦ୍ର ,ପରଜଙ୍ଗ ବ୍ଲକରେ ୧୦ଟି କେନ୍ଦ୍ର ରହିଛି । ଆଜି ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତରେ କୌଣସି ଛାତ୍ରଛାତ୍ରୀ ଅସାଧୁ ଉପାୟ ଅବଲମ୍ବନ କରିନଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ତରଫରୁ ୧୭ଟି କେନ୍ଦ୍ର ପରିଦର୍ଶନ କରିଥିବାର ଜଣାପଡିଛି ।

# ନୁନୁକାପସିରେ ଜନଶୁଣାଣି କାର୍ଯ୍ୟକ୍ରମ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନୁନୁକାପସି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ବ୍ଲକ ପ୍ରଶାସନ ପକ୍ଷରୁ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋରନଗର ବ୍ଲକ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ୩୦ ଟି ଅଭିଯୋଗ ଶୁଣାଣୀ କରିଥିଲେ। କିପରି ସମସ୍ତ ଅଭିଯୋଗ ଗୁଡିକ ଶୀଘ୍ର ସମାଧାନ ହେବ ସେ ନେଇ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବଇଣ୍ଡା ଛକ ଠାରେ ଏକ ଶୌଚାଳୟ ନିର୍ମାଣପାଇଁ ବଇଣ୍ଡା ଭା ଜପା ନେତା ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଡିଓଙ୍କୁ ଭେଟି ଦାବି କରିଥିଲେ।

ଖୁବ ଶୀଘ ଶୌଚାଳୟ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ନୁନୁକାପସି ସରପଞ୍ଚ ଦୀପ୍ତିମୟୀ ସାହୁ, କନିଷ୍ଠଯନ୍ତ୍ରି ମନୋରଞ୍ଜନ ପ୍ରଧାନ, ଯୋଗାଣ ବିଭାଗ ସରୋଜ କୁମାର ପ୍ରଧାନ , ଏବିଇଓ ମଙ୍ଗୁଳ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଇସ୍ମିତା ସାହୁ ଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀମାନେ ଯୋଗ ଦେଇଥିଲେ ।

# ବିଦ୍ୟାଳୟ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




ଠାକୁରଗଡ ,(ସବ୍ୟୁ) : ଶିକ୍ଷାର ବିକାଶ ପାଇଁ ସରକାର ବହୁ ଯୋଜନା ପ୍ରଚଳନ କଲେ ମଧ୍ୟ ଶିକ୍ଷାର ସଠିକ ଭାବରେ ବିକାଶ ହୋଇ ପାରୁନାହିଁ ଅନେକ ବିଦ୍ୟାଳୟ ରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ସମାଧାନ ହେଉନାହିଁ ବହୁ ପୁରାତନ ବିଦ୍ୟାଳୟରେ ଅନେକ ସମସ୍ୟା ଲାଗିରହିଥିଲେ ମଧ୍ୟ ସରକାର କୌଣସି ଦୃଷ୍ଟି ଦେଉନାହାନ୍ତି। କେଉଠି ଶିକ୍ଷକ ଅଭାବ ତ ଆଉ କେଉଁଠି ଶ୍ରେଣୀ ଗୃହ ଅଭାବ ଯୋଗୁଁ ପାଠପଢାରେ ସମସ୍ୟା ଦେଖାଦେଉଛି। ଯାହା ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ କେଞ୍ଜିଆନାଳି ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ଦେଖିବାକୁ ମିଳିଛି। ଜଙ୍ଗଲ ଅଞ୍ଚଳରେ ଥିବା ଏହି ବିଦ୍ୟାଳୟରେ ଶ୍ରେଣୀ ଗୃହ ନଥିବା ଯୋଗୁଁ ବହୁ ସମସ୍ୟା ଦେଖା ଦେବା ସହ ଛାତ୍ରଛାତ୍ରମାନେ ବାରଣ୍ଡା ରେ ପାଠ ପଢୁଛନ୍ତି। ପିଇବା ପାଇଁ ପାନୀୟ ଜଳର ବ୍ୟବସ୍ଥା ନଥିବା ବେଳେ ଛାତ୍ରୀଛାତମାନେ ମଧାହ୍ନ ଭୋଜନ ଖାଇବା ପରେ ଥାଳି ଧୋଇବା ପାଇଁ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ବିଦ୍ୟାଳୟ ବହୁ ପୁରାତନ ହୋଇଥିଲେ ମଧ୍ୟ ସମସ୍ୟା ଗୁଡିକକୁ ସମାଧାନ କରାଯାଉନଥିବା ଯୋଗୁଁ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଥିବା ଜଣାପଡିଛି।

ଏନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବହୁବାର ଶିକ୍ଷାବିଭାଗକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି। ଫଳରେ ସୋମବାର ଦିନ ଗ୍ରାମବାସୀ ଙ୍କ ପକ୍ଷରୁ ଡାକ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଅଭିଯୋଗପତ୍ର ମାଧ୍ୟମରେ ଅଭିଯୋଗ କରିଛନ୍ତି। ଏହାର ଏକ ନକଲ ଶିକ୍ଷାମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଗ୍ରାମବାସୀ କହିବା ଅନୁଯାୟୀ ୧୯୫୮ ମସିହାରେ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିବା ବେଳେ ଏହାର ବୟସ ୬୮ ବର୍ଷ ହୋଇଛି। ହେଲେ ଏହି ବିଦ୍ୟାଳୟ ଏବେ ବହୁ ସମସ୍ୟା ଲାଗିରହିଛି। ବିଶେଷ କରି ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୪୦ ଜଣ ଛାତ୍ରୀଛାତ୍ର ପାଠପଢୁଛନ୍ତି। ସେମାନଙ୍କୁ ପାଠ ପଢାଇବା ପାଇଁ ୧ ଟି ଶ୍ରେଣୀ ଗୃହଥିବା ଯୋଗୁଁ ଗୋଟିଏ କୋଠରିରେ ୩ ଟି ଶ୍ରେଣୀର ଛାତ୍ରୀ ଛାତ୍ର ମାନେ ପାଠ ପଢୁଛନ୍ତି। ଏ ପରିକି ୨ ଟି ଶ୍ରେଣୀ ଛାତ୍ରୀ ଛାତ୍ର ମାନେ ବିଦ୍ୟାଳୟ ବାରଣ୍ଡା ରେ ବସି ପାଠ ପଢୁଛନ୍ତି। ଆବଶ୍ୟକ ଶ୍ରେଣୀ ଗୃହନିର୍ମାଣ ହେଉନଥିବା ଯୋଗୁଁ ପାଠ ପଢାରେ ସମ୍ପୂର୍ଣ୍ଣ ବ୍ୟାଘାତ ସୃଷ୍ଟି ହେଉଛି। ଫଳରେ ବର୍ଷା ଦିନେ ଆସିଲେ ଛାତ୍ରୀ ଛାତ୍ର ମାନେ ବହୁ ଅସୁବିଧାରେ ପାଠ ପଢୁଛନ୍ତି। ସେହିପରି ବିଦ୍ୟାଳୟ ରେ ୪ ଜଣ ଶିକ୍ଷକ ଆବଶ୍ୟକ ଥିବାବେଳେ ୨ ଜଣ ନିଯୁକ୍ତ କରାଯାଇଥିବା ବେଳେ ୨ ଜଣ ଶିକ୍ଷକ ଖାଲି ପଡିଥିବା ଶିକ୍ଷକ ପଦପୀ ନିଯୁକ୍ତି କରାଯାଉନାହିଁ। ସେହପରି ବିଦ୍ୟାଳୟ ରେ ଆବଶ୍ୟକ ପରିମାଣର ଶୌଚାଳୟ ନଥିବା ଯୋଗୁଁ ଛାତ୍ରୀଛାତ୍ର ମାନେ ହଇରାଣ ହେଉଛନ୍ତି। ଶୌଚାଳୟ ନଥିବା ଯୋଗୁଁ ଛାତ୍ରୀ ଛାତ୍ର ମାନେ ଖୋଲା ପଡିଆକୁ ଶୌଚ ପାଇଁ ଯାଉଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ପାନୀୟ ଜଳ ସଠିକ ଭାବରେ ମିଳୁନାହିଁ ବିଦ୍ୟାଳୟ ରେ ନଳକୂଅ ନଥିବା ବେଳେ ପାଣି ପାଇଁ ବହୁ ଅସୁବିଧା ସୃଷ୍ଟି ହେଉଛି। ଏପରିକି ମଧ୍ୟାହ୍ନ ଭୋଜନ ଖାଇବା ପରେ ଥାଳି ଧୋଇବା ପାଇଁ ମଧ୍ୟ ପାଣି ର ଅଭାବ ଦେଖିବାକୁ ମିଳୁଛି। ଶିକ୍ଷାକମିଟି ଓ ଗ୍ରାମବାସୀ ବହୁବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନଥିବା ଶିକ୍ଷା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି।

ସେହିପରି ବିଦ୍ୟାଳୟରେ ଖେଳ ପଡିଆ ନଥିବା ବେଳେ ଛାତ୍ରୀ ଛାତ୍ର ମାନେ କୌଣସି ଖେଳକୁଦ କରି ପାରୁନାହାନ୍ତି। ବିଦ୍ୟାଳୟ ର ସମସ୍ୟା କୁ ନେଇ ଗ୍ରାମବାସୀ ମାନେ ତା ୧୫/୦୬/୨୦୨୩ ଓ ତା ୦୩/୦୨/୨୦୨୪, ତା ୨୫/୯/୨୦୨୫ ରେ ଏକ ଅଭିଯୋଗ ପତ୍ର ମାଧ୍ୟମରେ ଶିକ୍ଷାବିଭାଗ ର ଅଧିକାରୀ ଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ଦୃଷ୍ଟି ଦେଉନଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ଏଥିପ୍ରତି ଶିକ୍ଷା ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣ ରେ ଦାବି ହୋଇଛି। ଏନେଇ ଆଠମଲ୍ଲିକ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର କୁହନ୍ତି ଯେଉଁ ବିଦ୍ୟାଳୟରେ ସମସ୍ୟା ରହିଛି ସେ ଗୁଡିକ ଉପରେ ବିଭାଗ ପକ୍ଷରୁ ତର୍ଜମା କରାଯାଉଛି।

# ଇଣ୍ଡିଆନ ବାଇ ବାର୍ଥର ବାର୍ଷିକ ବୈଠକ

କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଗୋପାଳପୁର ନିକଟରେ ପ୍ରାକୃତିକ ପରିବେଶ ଘେରା ନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଇଣ୍ଡିଆନ ବାଇ ବାର୍ଥର ବାର୍ଷିକ ବୈଠକ ୨୦୨୬ । ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଶତାଧିକ ସଦସ୍ୟ ସଦସ୍ୟା ଯୋଗଦେଇଥିଲେ । ସଙ୍ଗଠନର ପ୍ରତିଷ୍ଠାତା ଇଂ ସୁନିଲ କୁମାର ବେହେରା ସମାଜ ସେବାକୁ ଏକ ବ୍ରତ ଭାବରେ ଗ୍ରହଣ କରିବାକୁ ସଦସ୍ୟ ମାନଙ୍କୁ ନିବେଦନ କରି ଭାବପୂର୍ଣ୍ଣ ବକ୍ତବ୍ୟ ଦେଇଥିଲେ । ସଙ୍ଗଠନର ସହ ପ୍ରତିଷ୍ଠାତା ଇଂ ସତ୍ୟ ରଞ୍ଜନ ସାହୁ ସଙ୍ଗଠନର ବାର୍ଷିକ ବିବରଣୀ ରଖିବା ସହିତ ଆଗାମୀ କାର୍ଯ୍ୟକ୍ରମ ଯଥା କନ୍ୟା ବିବାହ, ଡ୍ରପ ଆଉଟ ଛାତ୍ର ଙ୍କୁ ପୁନଃ ଶିକ୍ଷାଦାନ ଓ ଜରା ନିବାସ ନିର୍ମାଣ ଆଦି ଉପରେ ଆଲୋକପାତ କରିଥିଲେ । ଏହାସହିତ ନିମନ୍ତ୍ରିତ ଅତିଥି ମାନେ ଯଥା ପାଟଣା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାସ, ସମାଜସେବୀ ଇଂ ରାଜୀବ କୁମାର୍ ସାହୁ, ନାରୀନେତ୍ରୀ କିରଣବାଳା ନାଏକ,ବରିଷ୍ଠ ରାଜନେତା ପ୍ରଦୀପ କୁମାର ବେହେରା ଆଦି ସମାଜରେ ବିଭିନ୍ନ ସେବା ଗୁଡ଼ିକର ଆବଶ୍ୟକତା ଏବଂ ସ୍ୱେଚ୍ଛାସେବୀ ଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ ।

# ବଳରାମପୁର ଗ୍ରାମରେ ଦନ୍ତାହାତୀ ଉପଦ୍ରବ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବଳରାମପୁର ଗ୍ରାମରେ ଦନ୍ତା ହାତୀ ଉପଦ୍ରବକୁ ନେଇ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି । ରାତି ପ୍ରାୟ ୧ଟା ସମୟରେ ଦନ୍ତା ହାତୀଟି ଶଶି ଖିଲାରଙ୍କ ଗେଟ୍ ଭାଙ୍ଗି ତାଙ୍କ ଚାଳ ଘରକୁ ଅଧା ଭାଙ୍ଗି ଧାନ ଚାଉଳ ଖାଇଥିଲା ।

ଏହି ସମୟରେ ୭୫ ବର୍ଷର ବୃଦ୍ଧା ଖିଲାର ପ୍ରାଣ ବିକଳରେ ଅନ୍ୟ କୋଠା ଘରକୁ ଚାଲିଯାଇଥିଲେ । ଗାଁ ଲୋକ ଖବର ପାଇ ଆସି ବାଣ ଫୁଟାଇ ହାତୀକୁ ଘଉଡାଇବା ସମୟରେ ହାତୀଟି ଲୋକ ମାନଙ୍କୁ



ଗୋଡାଇ ଥିଲା ।ସେହିପରି ତା ପୂର୍ବଦିନ କାଶିହାଡି ଗ୍ରାମରେ ମଧ ଏହି ହାତୀ ଘର ଭାଙ୍ଗି ଲୋକଙ୍କୁ ତଡିବା ସହିତ ବନ କର୍ମଚାରୀ ହାତୀକୁ ଘଉଡାଇବାରେ ଅଣାୟତ୍ତ ହୋଇଯାଇଥିଲେ ବୋଲି ବନକର୍ମଚାରୀ ସୁଚନା ଦେଇଛନ୍ତି । ଏହି ହାତୀକୁ ଆଜି ଟ୍ରାକିଙ୍ଗ କରି ଜଙ୍ଗଲକୁ ପଠାଯିବ ବୋଲି କହିଛନ୍ତି । ଏହି ହାତୀ ବହୁତ ଉପଦ୍ରବ କରୁଥିବା ସୁଚନା ମିଳିଛି । ପଚାରିବାରୁ ବୃଦ୍ଧା ଭୟରେ ତାଙ୍କ ଜୀବନ ସୁରକ୍ଷା ପାଇଁ ସରକାରଙ୍କୁ ନିବେଦନ କରିଥିଲେ ।

# ହାତ ତିଆରି ବୋମା ରଖି ଚାରି କୋର୍ଟ ଚାଲାଣ

ପାଲଲହଡା,(ସବ୍ୟୁ ) :ଗତକାଲି ସକାଳୁ ଦଶ ବର୍ଷର ଜଣେ ନାବାଳିକା ଘର ପାଖରେ ଥିବା ଜଙ୍ଗଲକୁ ମହୁଲ ଗୋଟେଇବାକୁ ଯାଇଥିବାବେଳେ ସେଠାରେ ଥିବା ଏକ ବୋମା ଫୁଟି ନାବାଳିକାର ବାମ ହାତ ଓ ଜଙ୍ଘ ଖଣ୍ଡିଆ ଖାବରା ହୋଇ ଶଙ୍କଟାପର୍ଣ୍ଣ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ପାଲଲହଡା ମୁଖ୍ୟ ଡାକ୍ତରଖାନା ଏବଂ ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ପାଲଲହଡା ପୋଲିସ ଆଇଆଇସି ପ୍ରଦୀପ୍ତ କୁମାର ମହାନ୍ତଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ଘଟଣା ସ୍ଥଳ ପରିଦର୍ଶନ କରି ଦୀର୍ଘ ସମୟର ତଦନ୍ତ ପରେ ବାଲିପସୀ ପଂଚାୟତର ଚାରିଜଣଙ୍କ ପାଖରୁ ହାତ ତିଆରି ବୋମା ଜବତ କରି ସେମାନଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛନ୍ତି। ଯେଉଁ ଚାରିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ସେମାନଙ୍କ ମଧ୍ୟରେ ବାଲିପସୀ କିସାନ ସାହିର ଭୁବୁନି କିସାନ ପୁଅ ଦିପୁ କିସାନ (୨୩), କାଞ୍ଜିଆ ଗାଁ ର ଟଙ୍କଧର ମୁଣ୍ଡାର ପୁଅ ସୋମନାଥ ମୁଣ୍ଡା (ଡାକ ନାଁ ଟିଲୁ -୩୪ବର୍ଷ ),କେଳପସୀ ଗାଁ ର ବୁଧୁନାଏକ ପୁଅ ଶ୍ୟାମ ନାଏକ (୬୮) ଓ ଲୁଣିଆ ନାଏକ ପୁଅ ରଂଜନ ନାଏକ (୩୫) ବୋଲି ଜଣାପଡିଛି। ସେମାନେ ଏହି ହାତ ତିଆରି ବୋମା ଗୁଡିକ ବନ୍ୟ ଜନ୍ତୁ ଯଥା ଜଙ୍ଗଲୀ ଭାଲୁ, ହାତୀ, ବାରହା, କୁଟୁରା ଇତ୍ୟାଦି ଶିକାର ପାଇଁ ଏଗୁଡିକ ରଖିଥାନ୍ତି ବୋଲି ତଦନ୍ତ ରୁ ଜଣାପଡିଛି। ସେମାନଙ୍କୁ ପାଲଲହଡା ପୋଲିସ କେଶ ନମ୍ବର ୪୮/୨୬ରେ ଭାରତୀୟ ନ୍ୟାୟ ସଂହିତା ର ୨୮୭/୧୨୫(ଏ )/୧୨୫(ବି )/୩(୫)/ଚାରି ଓ ପାଞ୍ଚ ସେକ୍ସନ ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି କହିଛନ୍ତି। ଘଟଣା ଘଟିଥିବା ସ୍ଥାନରୁ ଏକ ହାତ ତିଆରି ବୋମା ଅନୁଗୁଳ ବୋମା ନିଷ୍କ୍ରିୟକାରୀ ଦଳ ଦ୍ୱାରା ଉଦ୍ଧାର କରାଯାଇ ନିଷ୍କ୍ରିୟ ମଧ କରାଯାଇଥିବାର ଜଣାପଡିଛି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ



କଣିହାଁ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅଧୀନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡହୀରା ଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପାଳିତ ଏହି ଦିବସରେ ଓଡ଼ିଆ ଭାଷାରେ ଭଲ ସାହିତ୍ୟ ସୃଷ୍ଟି ସହ ଏହାର ବହୁଳ ବ୍ୟବହାର, ସୁରକ୍ଷା ଓ ପ୍ରଚାର ପ୍ରସାର ସହିତ ଓଡିଆ ଅସ୍ମିତା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ବଜାୟ ରଖି ସୁସ୍ଥ ସମାଜ ଗଠନ ଦିଗରେ କାମ କରିବାକୁ ଆଜିର ଦିବସରେ ସଂକଳ୍ପବଦ୍ଧ ହେବା ପାଇଁ ଏକ ଶପଥ ପାଠ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଓଡିଆ ବର୍ଣ୍ଣମାଳା, ଓଡିଆ ଭାଷା ସାହିତ୍ୟର ସ୍ରଷ୍ଟା ମାନଙ୍କର ଫଟୋ, ଲେଖା ଓ କବିତା, ଢଗଢମାଳି, ଗଳ୍ପ ଆଦି ପ୍ରଦର୍ଶିତ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କବିତା ଆବୃତ୍ତି, ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀମାନଙ୍କୁ ପାରମ୍ପରିକ ଖାଦ୍ୟ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷକ ମୁନା ନାଏକ ଓ ପ୍ରଦୀପ କୁମାର ବେହେରା, ସହକାରୀ ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ଓ ସୁପ୍ରିୟା ପ୍ରଧାନ, ଅଙ୍ଗନଓ୍ୱାଡି କର୍ମୀ ନନ୍ଦିନୀ ସାହୁ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟମାନେ ସହଯୋଗ କରିଥିବା ବେଳେ ବହୁ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଦିନ ଦ୍ୱିପ୍ରହରେ ରାମ ମନ୍ଦିରରୁ ଚୋରି ଉଦ୍ୟମ : ଅଭିଯୋଗ ପରେ ବି ପୋଲିସ ଚୁପ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅନନ୍ତପୁର ସ୍ଥିତ ରାମମନ୍ଦିରରେ ନବରାତ୍ର ପରାୟଣ ସହିତ ଲୋକ ଯାତାୟତ ଲାଗି ରହିଛି । ଦିନ ୩.୩୦ ଟା ବେଳେ ମନ୍ଦିର ପରିସର ଜନଶୂନ୍ୟ ଥିବା ସମୟରେ ଏହାର ସୁଯୋଗ ନେଇ ଜଣେ ପିଲା ମନ୍ଦିରରେ ଲାଗିଥିବା ତାର ଜାଲିକୁ କାଟି ମନ୍ଦିରରେ ଥିବା ଅଳଙ୍କାରକୁ ଚୋରୀ କରିବାକୁ ଉଦ୍ୟମ କରିଥିଲା ।

ହେଲେ ପରାୟଣରେ ବାରିକ କାର୍ଯ୍ୟରେ ନିୟୋଜିତ ଥିବା ପ୍ରାଣବନ୍ଧୁ ବାରିକ ଏହା ଦେଖି ଜୋରରେ ପାଟି କରିବାରୁ ଚୋରଟି ସେଠାରୁ ଦୌଡ଼ି ପଳାଇ ଯାଇଥିଲା । ସେ ସଙ୍ଗେ ସଙ୍ଗେ ମନ୍ଦିର କମିଟିକୁ ଏ ବାବଦରେ ଜଣାଇବାରୁ ମନ୍ଦିର ପୂଜକ ସଲିଳ ଦାସ,କମିଟିର ସଦସ୍ୟ ପଣ୍ଡିତ ଶୃତିପଦ ନନ୍ଦ ଆଡଭୋକେଟ ସଞ୍ଜୟ କୁମାର ମିଶ୍ର ତୁରନ୍ତ କାମାକ୍ଷାନଗର ଥାନାକୁ ଯାଇ ମୌଖିକ ଭାବେ ଜଣାଇଥିଲେ । କିନ୍ତୁ ରାତି ୧୦ ଟା ପର୍ଯ୍ୟନ୍ତ ଥାନା ଅଧିକାରୀ କି ଥାନାର କୌଣସି ଷ୍ଟାଫ୍ ତଦନ୍ତ କରିବାକୁ ଯାଇନଥିଲେ । ମନ୍ଦିର କମିଟି ବିସ୍ତୃତ ଆଲୋଚନା କରି ରାତି ୧୦.୩୦ଟା ବେଳେ କମିଟିର ସଦସ୍ୟ ପଣ୍ଡିତ ଶୃତିପଦ ନନ୍ଦ, ଆଡଭୋକେଟ୍ ସଞ୍ଜୟ କୁମାର ମିଶ୍ର, ହିମାଂଶୁ ଶେଖର ମହାପାତ୍ର, ଜିବାନନ୍ଦ ଶତପଥୀ, ଆଡଭୋକଟ ଅଜିତ୍ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ନାୟକ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ।

ଘଟଣାକୁ ୨୪ ଘଣ୍ଟାରୁ ଉର୍ଦ୍ଧ ସମୟ ବିତି ଯାଇଥିଲେ ମଧ୍ୟ ଘଟଣା ସ୍ଥଳ ରେ ପୋଲିସ୍ ପହଞ୍ଚି ପାରିଲାନାହିଁ । କାମାକ୍ଷାନଗର ଓ ଏହାର ଆଖପାଖରେ ଥିବା ଅନନ୍ତପୁରର ରାଧାକୃଷ୍ଣ ମନ୍ଦିର, ମାଳପୁରା ରାମ ମନ୍ଦିର, ରେକୁଳାର ମଙ୍ଗଳା ମନ୍ଦିର ପ୍ରାୟ ସବୁ ମନ୍ଦିରରୁ ଚୋରୀ ହୋଇ ଥିଲେ ମଧ୍ୟ ପୋଲିସ ଚୋରକୁ ଧରିବା ତ ଦୂରର କଥା ତାଙ୍କ ଟେର ମଧ୍ୟ ପାଉନି । କାମାକ୍ଷାନଗରରେ ନିଶା କାରବାର ବୃଦ୍ଧି ପାଉଥିବାରୁ ଏହି ଭଳି ଘଟଣା ଦିନକୁ ଦିନ ବଢି ଚାଲିଛି । ସେଇ ଭଳି କିଛି ଦିନ ତଳେ ଅନନ୍ତପୁର ରାମ ମନ୍ଦିର ନିକଟସ୍ଥ ଏକ ଘରୁ ୭୦୦ ଗ୍ରାମ ସୁନା,୪୦୦ ଗ୍ରାମ ରୂପା ନଗଦ ଲକ୍ଷାଧିକ ଟଙ୍କା ଘର ଲୋକ ମେଡିକାଲ୍ କାମରେ ଭୁବନେଶ୍ୱର ଯାଇଥିବା ଜାଣି ରାତି ଅଧିଆ ଲୁଟି ନେଇଥିଲେ ।

ଅନୁରୂପ ଜିରିଡ଼ାମାଳି ସ୍ଥିତ ଏକ ଘରୁ ଦିନ ଦ୍ୱିପହରରେ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଚୋରୀ ହେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଚୋରକୁ ଧରିବାରେ ପୋଲିସ ବିଫଳ ହୋଇଛି । ଏଥିରୁ ପୋଲିସର ପାରିବା ପଣିଆ ପଦାରେ ପଡ଼ି ହାଟରେ ଗଡୁଛି । ତୁରନ୍ତ ଚୋରଙ୍କୁ ଧରିବା ପାଇଁ ଜନସାଧାରଣରେ ଦାବୀ ହୋଇଛି ଏବଂ କିପରି ଚୋରୀକୁ ରୋକା ଯାଇପାରିବ ସେଥିପ୍ରତି ପୋଲିସ ପ୍ରଶାସନ ପେଟ୍ରୋଲିଂକୁ ଜୋରଦାର କରିବାକୁ ଜନସାଧାରଣରେ ଦାବି ହେଉଛି ।

# ବିକାଶରେ ଦିଗହରା ତାଳଚେର ରାଣୀପାର୍କ ବସଷ୍ଟାଣ୍ଡ

ତାଳଚେର,(ସବ୍ୟୁ) : କଳାହୀରା ସହର ତାଳଚେର ରାଜ୍ୟରେ ଏକ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି । ଖଣିଖାଦାନ, ଶିଳ୍ପ ନିଜର ପାରଦର୍ଶିତା ଲାଭ କରିପାରିଛି । ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଲୋକ ପରିବାର ଚଳାଇବା ପାଇଁ ତାଳଚେର ସହରକୁ ଆସିଥାନ୍ତି । ଖଣିଖାଦାନ ଥିବା ବେଳେ ଦେଶର ବିଭିନ୍ନ ସ୍ଥାନକୁ ଏଠାରୁ ଖଣିଜ ପଦାର୍ଥ ମଧ୍ୟ ରପ୍ତାନୀ ହୋଇଥାଏ । ହେଲେ ଯୋଗାଯୋଗ ମୁଖ୍ୟ ଆଧାର ପାଲଟିଥିବା ତାଳଚେର ବସଷ୍ଟାଣ୍ଡର ବ୍ୟବସ୍ଥା ରୂପ ଦେଖିଲେ ମନେ ହୁଏ, ବିକାଶରୁ ବହୁ ଦୂରରେ ତାଳଚେର ରାଣୀପାର୍କ ବସଷ୍ଟାଣ୍ଡ। ରାଜ୍ୟ ଓ କେନ୍ଦ୍ରକୁ ସର୍ବାଧିକ ରାଜସ୍ୱ ଦେଉଥିବା ତାଳଚେର ଆଜି ତାର ମୌଳିକ ଅଧିକାରରୁ ବଂଚିତ ।

ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଦିଗରୁ ଦେଖିବାକୁ ଗଲେ ଆଖପାଖ ଅଂଚଳରୁ ଏଠାକୁ ଗମନା ଗମନ ଉପରେ ନିର୍ଭର କରୁଥିବା ରୋଜଗାର ପନ୍ଥାର ଏହି ବାଟ ଏତେ ସହଜ ହୋଇ ପାରୁନି । ହେଲେ ଗମନାଗମନର ପ୍ରମୁଖ ମାର୍ଗଭାବେ ରାଣୀପାର୍କ ବସଷ୍ଟାଣ୍ଡର ବ୍ୟବସ୍ଥା ସେତେଟା ଆଖିଦୃଶିଆ ସମସ୍ୟାର ସମାଧାନ ହୋଇ ପାରିନି । ତାଳଚେର ସହରବାସୀଙ୍କ ପାଇଁ ଓ ବାହାର ଲୋକଙ୍କ ପାଇଁ ଏହି ବସଷ୍ଟାଣ୍ଡଟିର ଉନ୍ନତି ହୋଇ ପାରୁନଥିବା ଏକ ଦୁର୍ଭାଗ୍ୟଜନକ ବିଷୟ ହୋଇ ପଡ଼ିଛି ବୋଲି ବୁଦ୍ଧିଜୀବୀ ମାନେ ମତପ୍ରକାଶ କରୁଛନ୍ତି । ଏବଂ ଏହି ରାଣୀପାର୍କ ବସଷ୍ଟାଣ୍ଡ ଆସିବାକୁ ହେଲେ



ବହୁ ବାଧାବିଘ୍ନ ଯାତ୍ରୀମାନଙ୍କୁ ସହ୍ୟ କରିବାକୁ ପଡୁଛି । ବସଷ୍ଟାଣ୍ଡ ସମ୍ମୁଖରେ ଥିବା ଜାତୀୟ ରାଜପଥ ଉପରେ ଶହଶହ ସଂଖ୍ୟକ ଟ୍ରକ, ଲମ୍ବା ଲାଇନ୍, ଟ୍ରାଫିକ ସମସ୍ୟା, ଧୂଳି, ଧୂଆଁ, ଗୁଣ୍ଡରେ ଲୋକେ ଅତିଷ୍ଠ, ଯିବେ କୁଆଡ଼େ, ବାସ୍ ସେଇ ଗୋଟିଏ ଉପାୟ, ଗୋଟିଏ ବିକଳ୍ପ। ଚର୍ତୁଦିଗରୁ ରାଣୀପାର୍କ ବସଷ୍ଟାଣ୍ଡକୁ ସଂଯୋଗ କରୁଛି ଏକ ମାତ୍ର ତାଳଚେର ସହରର ଜାତୀୟ ରାଜପଥ ।

ତାଳଚେରବାସୀ ଓ ତାଳଚେରକୁ ଆସୁଥିବା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଯାତ୍ରୀ ଏବଂ ଅଂଚଳବାସୀ ଯେମିତି ଭୋଗ କରୁଛନ୍ତି ଯମଯନ୍ତ୍ରଣା ଏଥିରୁ କେବେ ମିଳିବ ନିସ୍ତାର ସେନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ନିର୍ବାଚିତ ଲୋକପ୍ରତିନିଧି ନା ସ୍ଥାନୀୟ ପ୍ରଶାସନ ନା ଜିଲ୍ଲା ପ୍ରଶାସନ କେହି ହେଲେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଉ ନାହାନ୍ତି ବୋଲି ଲୋକେ ମତ ରଖୁଛନ୍ତି । ରାଣୀପାର୍କ ବସଷ୍ଟାଣ୍ଡକୁ ସମୟରେ ନପହଁଚି ପାରିଲେ କିମ୍ବା କୌଣସି ସମସ୍ୟାରୁ ଗାଡ଼ି ନମିଳିଲେ ଯିବା ସମ୍ଭବପର ହୋଇନଥାଏ । ଜାତୀୟ ରାଜପଥର ପ୍ରତ୍ୟେକ ସମୟରେ ଜାମ ରହୁଥିବାରୁ ଲୋକେ ତାଳଚେରରୁ ଢ଼େଙ୍କାନାଳ, କଟକ, ଭୂବନେଶ୍ୱର, ପୁରୀ, ଝାରସୁଗୁଡ଼ା, କେନ୍ଦୁଝର, ରାଉରକେଲା ଏମିତିକି ଆଖପାଖ ଅଂଚଳକୁ ଯିବା ଆସିବା ନିମନ୍ତେ ବହୁବାର ହଇରାଣ ହରକତ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି ।

ତେବେ ତାଳଚେର ବସଷ୍ଟାଣ୍ଡକୁ ଯାତ୍ରୀମାନେ ଆସିବାକୁ ଯେଉଁ ଜାତୀୟ ରାଜପଥଟି ପଡ଼ିଛି ତାହା ସବୁ ସମୟରେ ଭାରୀଯାନ ଚଳାଚଳ, ଟ୍ରାଫିକ ସମସ୍ୟା ଏବଂ ଅନେକ ସମୟରେ ଦୁର୍ଘଟଣା ଗ୍ରସ୍ତ ହେଉଥିବା ଯୋଗୁଁ ସଠିକ୍ ସମୟରେ ପହଁଚିବା ସମ୍ଭବପର ହେଉ ନାହିଁ । ଭିନ୍ନକ୍ଷମ ଓ ବରିଷ୍ଠ ନାଗରୀକ ଯାତାୟତ ପାଇଁ ଯଥେଷ୍ଟ ସୁବିଧା ହୋଇନି । ଯାହାକି ବରିଷ୍ଠନାଗରୀକ, ରୋଗୀ ଓ ଭିନ୍ନକ୍ଷମ ମାନେ ବହୁ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।

ଅପରପକ୍ଷେ ଯାତ୍ରୀମାନେ ବସକୁ ଅପେକ୍ଷା କରି ରହୁଥିବା ବେଳେ ସେମାନଙ୍କ ପାଇଁ ବିଶ୍ରାମ କକ୍ଷ କିମ୍ବା ଚେୟାର ନଥିବାରୁ ସେମାନେ ଏଣେତେଣେ ଘୂରୀ ବୁଲୁଛନ୍ତି ଏବଂ ବସଷ୍ଟାଣ୍ଡରେ ଯେଉଁ କେତୋଟି ପିଣ୍ଡି ନିର୍ମିତ ହୋଇଛି ତାହା ଯାତ୍ରୀଙ୍କ ତୁଳନାରେ ବହୁତ କମ ଓ ବିଶେଷ କଥା ହେଉଛି ପ୍ରାୟ ସମୟରେ ଯାତ୍ରୀମାନଙ୍କର ମନିପର୍ସ, ମୋବାଇଲ, ଟଙ୍କା ମଧ୍ୟ ଚୋରି ହେଉଥିବା ଅନେକ ସମୟରେ ଅଭିଯୋଗ ହୋଇ ଆସୁଛି ।

ବସଷ୍ଟାଣ୍ଡରେ ନିର୍ମାଣ କରାଯାଇଥିବା ନୂତନ ଶୌଚାଳର ରକ୍ଷଣାବେକ୍ଷଣା ଅଭାବରୁ ସେଗୁଡ଼ିକ ଅପରିଷ୍କା ଅବସ୍ଥାରେ ପଡ଼ି ରହିଛି । ପରିଶ୍ରା କରି ଯିବାକୁ ମହିଳା ଯାତ୍ରୀମାନେ ହଇରାଣ ହରକତ ହେଉଥିବା ମଧ୍ୟ ନଜିର ରହିଛି । ଅନୁଗୋଳ ସହରର ନୂତନ ବସଷ୍ଟାଣ୍ଡ ଏତେ ସରସ ସୁନ୍ଦର ଭାବେ ନିର୍ମାଣ କରାଯାଇଥିବା ବେଳେ ତାଳଚେର ପ୍ରତି ଏତେ ବୈମାତୃକ ମନୋଭାବ ଅଂଚଳବାସୀଙ୍କ ମନକୁ କ୍ଷୁବ୍ଧ କରିଛି । ତେଣୁ ତାଳଚେର ରାଣୀପାର୍କ ବସଷ୍ଟାଣ୍ଡରେ ବିକାଶ ଦିଗରେ ବର୍ତମାନର ସରକାର ଦୃଷ୍ଟି ଦେଇ ଏସବୁ ସମସ୍ୟାର କେମିତି ସମାଧାନ କରାଯାଇ ଯାତ୍ରୀଙ୍କ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରାଯିବାକୁ ବିଭିନ୍ନ ମହଲରେ ଦାବି ହେବା ସହ ତାଳଚେର ଅଂଚଳବାସୀ ମଧ୍ୟ ଏହାକୁ ନେଇ ଅନେକାଂଶରେ ମତ ପୋଷଣ କରୁଛନ୍ତି ।

# ବାଲି ବୋଝେଇ ଟ୍ରାକ୍ଟର ଜବତ

କଣିହାଁ, (ସବ୍ୟୁ): ବେଆଇନ ଭାବେ ବାଲି ବୋଝେଇ କରୁଥିବା ଗୋଟିଏ ଟ୍ରାକଟରକୁ କଣିହାଁ ପୋଲିସ ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଚାଳକ ଜଣକ ହେଲେ ଖମାର ଥାନା ଷେଣ୍ଡମୁଣ୍ଡା ଗ୍ରାମର ମୁନା ପିଙ୍ଗୁଆ (୨୬) । ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ଟାକୁଆ ଗ୍ରାମ ନିକଟରେ ଉକ୍ତ ଟ୍ରାକଟରକୁ ଜବତ କରିଥିଲା ।

# ରୋଟାରୀ କ୍ଲବର ସୁବର୍ଣ୍ଣ ଜୟନ୍ତୀ ପାଳିତ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ମହିଷାପାଟ ସ୍ଥିତ ନିରୂପମା ହୋଟେଲ ପରିସରରେ ଢେଙ୍କାନାଳ ରୋଟାରୀ କ୍ଲବର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଥମ ଅଧିବେଶନରେ ଶାନ୍ତି ଓ ବିବାଦ ର ସମାଧାନ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡିଷ୍ଟ୍ରିକଫ ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ରୋଟାରୀ କ୍ଲବର ସଭାପତି ରୋଟାରିଆନ୍ ସାଗରିକା ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ସେମିନାର ଅଧ୍ୟକ୍ଷ ବିନୋଦ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ତପନ କୁମାର ପାଲ ମଞ୍ଚରେ ଉପସ୍ଥିତ ଥିଲେ। ରୋଟାରିଆନ୍ ଜିତେନ୍ଦ୍ର ନାରାୟଣ ଚନ୍ଦ୍ର ମଞ୍ଚ ପରିଚାଳନା



କରିଥିଲେ। ଏହି ଆଲୋଚନା ଚକ୍ରକୁ ରୋଟାରିଆନ୍ ଆଶୁତୋଷ ରଥ ମଡରେଟର ହିସାବରେ ମଞ୍ଚ ପରିଚାଳନା କରିଥିବା ବେଳେ ସୁନିଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରୋଟାରୀ କ୍ଲବର ଆରମ୍ଭରେ ରଣେନ୍ଦ୍ର ପ୍ରତାପ ସିଂଦେଓ, ରୋଟାରିଆନ୍ ନବୀନ ଚନ୍ଦ୍ର ନାରାୟଣ ଦାସ, ସାଗର ମଲ୍ଲ ଅଗ୍ରୱାଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ସଭ୍ୟ ଡା. ବିଧୁଭୂଷଣ ନନ୍ଦ, ଡା. ବଳଭଦ୍ର ରାମଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଢେଙ୍କାନାଳ ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ରୋଟାରିଆନ୍ ଜୟଶ୍ରୀ ମହାନ୍ତି, ତନ୍ମୟ ମହାନ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସବରେ ଶେଷରେ ରୋଟାରିଆନ୍ ନିରଦାନନ୍ଦ ନନ୍ଦ ଆନୁଷ୍ଠାନିକ ଭାବେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**(ଶ୍ରୀମଭଗବଦ୍ ଗୀତା ୨/୪୨)**
**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳପ୍ରଦାମ୍ ।**
**କ୍ରିୟାବିଶେଷବହୁଳାଂ ଭୋଗୈଶ୍ବର୍ଯ୍ୟଗତିଂ ପ୍ରତି ।। ୪୩ ।।**

(ଯଦି କହ, କାମିମାନେ କଷ୍ଟକର କାମନାସବୁ ପରିତ୍ୟାଗ କରି ନିଶ୍ଚୟ ବୁଦ୍ଧିକୁ ଆଶ୍ରୟ କରନ୍ତି ନାହିଁ କାହିଁକି ? ସେଥିପାଇଁ କହୁଚନ୍ତି)- ହେ ପାର୍ଥ ! ଯେଉଁ ମୂଢ଼ମାନେ କର୍ମଫଳର ପ୍ରଶଂସାବାଚକ ବେଦବାକ୍ୟରେ ଆସକ୍ତ ଏବଂ (ଏହା ଭିନ୍ନ ଅନ୍ୟ କୌଣସି ଜ୍ଞାତବ୍ୟ ବିଷୟ ନାହିଁ । ଏପରି କହନ୍ତି, ସେହିସବୁ କାମନାପରାୟଣ, ସ୍ୱର୍ଗାଭିଳାଷୀ ମୂଢ଼ମାନେ ଜନ୍ମ, କର୍ମ ଓ କର୍ମଫଳପ୍ରଦ ଭୋଗୈଶ୍ବର୍ଯ୍ୟର ସାଧକ ଏବଂ ନାନାବିଧ ପ୍ରିୟାବିଷେଶର ବାହୁଲ୍ୟବିଶିଷ୍ଟ ଯେଉଁସବୁ ଆପାତତଃ କର୍ଣ୍ଣସୁଖ ଜନିତ ବାକ୍ୟ ପ୍ରୟୋଗ କରିଥାନ୍ତି, ସେଥିରେ ଅପହୃତଚିତ୍ତ, ଭୋଗୈଶ୍ବର୍ଯ୍ୟରେ ଏକାନ୍ତ ଆସକ୍ତ ବ୍ୟକ୍ତିମାନଙ୍କର କାର୍ଯ୍ୟାକାର୍ଯ୍ୟନିର୍ଣ୍ଣୟକାରିଣୀ ବୁଦ୍ଧି ସ୍ଥିର ହୋଇ ରହେ ନାହିଁ । ।। ୪୩।।

# ଧାନ ରାଜ୍ୟ ଓଡ଼ିଶା

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହେଲେ ମଧ ପଞ୍ଜାବ ବା ହରିଆନା ପରି ବିରାଟ କୃଷି ପ୍ରଧାନ ରାଜ୍ୟ ନ ହେଉ ପଛେ, ପଡୋଶୀ ଆନ୍ଧ୍ର ପ୍ରଦେଶର କୃଷି ସହିତ ଓଡ଼ିଶାର କୃଷିକୁ ତୁଳନା କରି ହୁଏ ନାହିଁ । ବହୁ ପୂର୍ବରୁ କୃଷି କ୍ଷେତ୍ରରେ ଓଡ଼ିଶାର ସୁନାମ ରହିଥିଲା । କେବଳ ଧାନ ଚାଷ ଓଡ଼ିଶାରେ ବେଶୀ ହେଉଥିଲା । ମାତ୍ର ପରେ ଅର୍ଥକରୀ ଫସଲ (Cash Crop)ଦ୍ୱାରା ଓଡ଼ିଶା ଲାଭାନ୍ୱିତ ହୋଇଥିଲା । ତଥାପି ଧାନର ଚାହିଦାକୁ ଅସ୍ୱୀକାର କରି ହେବ ନାହିଁ । ଅନ୍ୟାନ୍ୟ ଅର୍ଥକରୀ ଫସଲ ମଧ୍ୟରୁ ବିଭିନ୍ନ ଡାଲିଜାତୀୟ ଶସ୍ୟ, ଆଖୁ, ଚା, କଫି, ଗହମ, ତୁଳା ଓ ସୋୟାବିନ ଚାଷରୁ ଓଡ଼ିଶା ବିଶେଷ କିଛି ଲାଭ ଅତୀତରେ ପାଇ ପାରି ନାହିଁ । କୋରାପୁଟ ଅଞ୍ଚଳରେ କଫି ଚାଷ ଓ ନବରଙ୍ଗପୁର ପ୍ରଭୃତି ଅଞ୍ଚଳରେ ମକା ଚାଷ ମଧ ଓଡ଼ିଶାରେ ଯେପରି ହେବା କଥା ହୋଇ ପାରୁ ନାହିଁ । ମୁଖ୍ୟତଃ ଧାନ ଉପରେ ଓଡ଼ିଶାବାସୀ ନିର୍ଭର କରିଥା'ନ୍ତି । ଓଡ଼ିଶାରୁ ଧାନ ଚାଉଳ ହୋଇ ଓଡ଼ିଶାବାସୀଙ୍କ ଚାହିଦା ମେଣ୍ଟାଇଥାଏ । ପ୍ରକୃତରେ ଧାନ ହିଁ ଆମର ମୁଖ୍ୟ ଫସଲ ଓ ଚାଉଳ ହିଁ ଆମର ମୁଖ୍ୟ ଖାଦ୍ୟ । ଚାଉଳରୁ କେବଳ ଭାତ ନୁହେଁ, ପିଠା ଓ କ୍ଷୀରି କରି ମଧ ଓଡ଼ିଆମାନେ ନିୟମିତ ଖାଇଥାନ୍ତି ।

ଏବେ ଉପକୂଳ, ପଶ୍ଚିମ ବା ଦକ୍ଷିଣ ଓଡ଼ିଶାରେ ଚାଷୀଙ୍କ ଧାନର ଅଭାବୀ ବିକ୍ରୀ ହେଉଥିବା ଅଭିଯୋଗ ହେଉଛି । ମଣ୍ଡିମାନଙ୍କରେ ଚାଷୀମାନଙ୍କର ଧାନ ବିକ୍ରୀ ହୋଇ ପାରୁନାହିଁ । ଏହାର କାରଣ କ'ଣ ? କଟନି ଛଟନି ହେବ ନାହିଁ ଓ ଚାଷୀ ଉଚିତ ମୂଲ୍ୟ ପାଇବେ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି । ମାତ୍ର ତାହା ହୋଇ ପାରୁ ନାହିଁ କାହିଁକି ? ଅଭିଯୋଗ ମଧ ହେଉଛି ଯେ ମିଲରମାନେ ଜାଣିଶୁଣି ଧାନ କ୍ରୟ କରୁନାହାନ୍ତି । ଏହା କ'ଣ ସତ ? ଚାଷୀଙ୍କର କ'ଣ ଆଦୌ ଦୋଷ ନାହିଁ ?

ପୂର୍ବରୁ ଭାରତୀୟ ଖାଦ୍ୟ ନିଗମ ଏହି ଧାନ ଓ ଚାଉଳର ଦାୟିତ୍ୱ ନେବା ପରେ ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗର ବିଶେଷ ଦାୟିତ୍ୱ ନଥିଲା । ପରବର୍ତ୍ତୀ କାଳରେ ରାଜ୍ୟର ଖାଦ୍ୟ ଓ ଯୋଗାଣ ବିଭାଗ ତଥା ଯୋଗାଣ ନିଗମ ଧାନ ଅମଳ ଓ ଚାଉଳ ଯୋଗାଣର ଦାୟିତ୍ୱ ନେଲା । ମାତ୍ର ରାଜ୍ୟ ସମବାୟ ବିଭାଗ ମଧ ଏଥିରେ ମୁଣ୍ଡ ପୁରାଇଛନ୍ତି । ରାଜ୍ୟ ସମବାୟ ବିଭାଗ କେବଳ ଚିଠି ଲେଖିବା ବ୍ୟତୀତ ସେହି ବିଭାଗରେ ଚାଷୀଙ୍କ ସୁବିଧା ବିଶେଷ ଭାବେ କରୁଥିବା ପରି ମନେ ହୁଏ ନାହିଁ । ଚାଷୀଙ୍କୁ ସାର ଯୋଗାଇ ଦେବା ଓ ଋଣ ପ୍ରଭୃତି ଦେବା କ୍ଷେତ୍ରରେ ସମବାୟ ବିଭାଗର ବିଶେଷ ଭୂମିକା ରହିଥିଲେ ମଧ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଧାନର ବିକ୍ରୟ ବା ଚାଉଳ ବିତରଣ କ୍ଷେତ୍ରରେ ବିଶେଷ ଦକ୍ଷତା ପ୍ରଦର୍ଶନ କରୁ ନଥିବା ଅଭିଯୋଗ ହେଉଛି । ଏହାର କାରଣ ଧାନର ବିକ୍ରୟ ପ୍ରଭୃତି କାର୍ଯ୍ୟରେ ସମବାୟ କର୍ମଚାରୀ ଓ ଅଧିକାରୀମାନଙ୍କର ବିଶେଷ ଅଭିଜ୍ଞତା ନାହିଁ । ଏ ସବୁ ପ୍ରତି ରାଜ୍ୟ ସରକାର ଧ୍ୟାନ ଦେବା ଆବଶ୍ୟକ । ଅପରପକ୍ଷରେ ଅନେକ ଚାଷୀ ଧାନକୁ କାଟି ସଙ୍ଗେ ସଙ୍ଗେ ଅଖାରେ ପୁରାଇ ମଣ୍ଡିକୁ ବିକ୍ରୟ ସକାଶେ ଆଣୁଥିବା ଯୋଗୁଁ ତାହା ବିଶୁଦ୍ଧ ଧାନ ଭାବେ ବିକ୍ରୀ ହୋଇ ପାରୁ ନାହିଁ । ଧାନକୁ ଉଷେଇଁ ବା ଶୁଖେଇ ନ ରଖାଗଲେ ବା ଧାନ ଟିକେ ଖରା ନ ପାଇଲେ, ତାହା ବିକ୍ରୀ ଯୋଗ୍ୟ ହୋଇ ପାରିବ ନାହିଁ । ମିଲରମାନେ ମାନ ନଥିବା ଧାନକୁ କାହିଁକି ବା ଗ୍ରହଣ କରିବେ ? ଚାଷୀମାନେ ଅମଳ କରୁଥିବା ଧାନକୁ ଠିକ୍ ଭାବେ ବିକ୍ରୀଯୋଗ୍ୟ ନ କରି ରାଜନୀତିକ ଉଦ୍ଦେଶ୍ୟ ରଖି କିଛି ଲାଭ ପାଇବେ ବୋଲି ଭାବୁଛନ୍ତି । ଏହା ଉଚିତ ନୁହେଁ ।

**ଗତ ୧୭ ଫେବୃଆରୀ (୨୦୨୬)ରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହୋଇଛି ସତ, ମାତ୍ର ପାଞ୍ଚ ଛଅ ଦିନ ଧରି ଧାନ କ୍ରୟ ବିଷୟରେ ଅଭିଯୋଗ ଆଣି ବିରୋଧୀ ଦଳ ବିଧାନସଭାକୁ ଚଳାଇ ଦେଉ ନାହାନ୍ତି । ବିଧାନସଭାର ଅଧିବେଶନକୁ ବାରମ୍ବାର ବାଚସ୍ପତି ମୁତଲବୀ ରଖିବାକୁ ବାଧ ହେଉଛନ୍ତି । ଏହା ହିଁ ଆମମାନଙ୍କର ଦୁର୍ଭାଗ୍ୟ ।**

ଗତ ୧୭ ଫେବୃଆରୀ (୨୦୨୬)ରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହୋଇଛି ସତ, ମାତ୍ର ପାଞ୍ଚ ଛଅ ଦିନ ଧରି ଧାନ କ୍ରୟ ବିଷୟରେ ଅଭିଯୋଗ ଆଣି ବିରୋଧୀ ଦଳ ବିଧାନସଭାକୁ ଚଳାଇ ଦେଉ ନାହାନ୍ତି । ବିଧାନସଭାର ଅଧିବେଶନକୁ ବାରମ୍ବାର ବାଚସ୍ପତି ମୁତଲବୀ ରଖିବାକୁ ବାଧ ହେଉଛନ୍ତି । ଏହା ହିଁ ଆମମାନଙ୍କର ଦୁର୍ଭାଗ୍ୟ ।

ରାଜ୍ୟ ସରକାର, କୃଷି କ୍ଷେତ୍ରରେ ସର୍ବାଙ୍ଗୀନ ଉନ୍ନତି ଆଣିବା ପାଇଁ ରାଜ୍ୟରେ ଏକ ସୁଦୂର ପ୍ରସାରୀ ବଳିଷ୍ଠ କୃଷି ନୀତି ପ୍ରଣୟନ କରିଛନ୍ତି ବୋଲି ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦାୟିତ୍ୱରେ ଥିବା ଉପ- ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଜେଡି ବିଧାୟକ ଧ୍ରୁବଚରଣ ସାହୁଙ୍କର ଏକ ଅଣତାରକା ପ୍ରଶ୍ନ (ତା ୧୧/୦୯/୨୦୨୪)ର ଉତ୍ତରରେ ଉଲ୍ଲେଖ କରିଥିଲେ । ପ୍ରକୃତରେ କୃଷି ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଚଳିତ ବଜେଟ ଅଧିବେଶନକୁ ଉଦ୍‌ଘାଟନ କରି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଥିଲେ, 'ମୋ ସରକାର, ପୂର୍ବ ସମସ୍ତ ରେକର୍ଡକୁ ଅତିକ୍ରମ କରି ୨୦୨୪-୨୫ରେ ୧୫୦ ଦଶମିକ ୪୮ ଲକ୍ଷ ମେଟ୍ରିକ ଟନ୍ ଫସଲର ଉତ୍ପାଦନ ହାସଲ କରିଛି, ଯାହା କି ୨୦୦୦ ଦଶମିକ ୦୧ରେ ରେକର୍ଡ ହୋଇଥିବା ୫୫ ଦଶମିକ ୩୫ ଲକ୍ଷ ମେଟ୍ରିକ ଟନ ତୁଳନାରେ ପ୍ରାୟ ତିନି ଗୁଣ ଅଧିକ ।

ବିରୋଧୀ ଦଳ ଏ ସବୁ ଉପରେ ବିଧାନସଭାରେ ଆଲୋଚନା କରିବା ଉଚିତ ।

# ଡିଜିଟାଲ ଦୁନିଆର ଜେନ୍ ଜେଡ୍



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ସୋସିଆଲ ମିଡିଆ ଏବଂ ସ୍ମାର୍ଟଫୋନ୍ ଯୁଗରେ ଜନ୍ମ ହୋଇଥିବା ଯୁବପିଢ଼ିକୁ ଜେନ-ଜେଡ୍ କୁହାଯାଏ । ଏମାନେ ହେଉଛନ୍ତି ନୂତନ ଯୁବଶକ୍ତି, ଯେଉଁମାନେ ନିଜ ଦେଶରେ ଅନ୍ୟାୟ ଏବଂ ଅସମାନତା ବିରୋଧରେ ସ୍ୱର ଉତ୍ତୋଳନ କରନ୍ତି । କିଛି ଦିନ ପୂର୍ବରୁ ନେପାଳ, ଶ୍ରୀଲଙ୍କା ଏବଂ ବାଂଲାଦେଶରେ ହୋଇଥିବା ପ୍ରତିବାଦ ସାରା ବିଶ୍ୱ ଦେଖିଥିଲା, ଯେଉଁଠି ହଜାର ହଜାର ଯୁବକ ରାସ୍ତାକୁ ଓହ୍ଲାଇଥିଲେ । ସେତେବେଳେ, ଏପରି ଅନୁଭବ ହେଉଥିଲା ଯେପରି ଅନେକ କିଛି ପରିବର୍ତ୍ତନ ହେବ । ଦୁର୍ନୀତି, ପରିବାରବାଦ, ମୁଦ୍ରାସ୍ଫୀତି, ବେକାରୀ ଏବଂ ଅସମାନତା ଭଳି ସମସ୍ୟା ଦୂର ହେବ । କିନ୍ତୁ ଏପରି କିଛି ବିଶେଷ ହୋଇନଥିଲା । କ୍ଷମତା ପରିବର୍ତ୍ତନ ସତ୍ତ୍ୱେ, କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଗଲା ନାହିଁ ।

ସମସ୍ୟା ହେଉଛି କୃତ୍ରିମ ବୁଦ୍ଧିମତ୍ତା ଏବଂ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରଭାବିତ । ଏହି ପିଢ଼ି ତୁରନ୍ତ ସବୁକିଛି ସଜାଡ଼ିବାକୁ ଚାହୁଁଛନ୍ତି । କିନ୍ତୁ ସତ୍ୟ ହେଉଛି କେବଳ ରାସ୍ତାକୁ ଓହ୍ଲାଇବା ଦ୍ୱାରା ରାତାରାତି ବ୍ୟବସ୍ଥାର ପରିବର୍ତ୍ତନ ହୁଏ ନାହିଁ । ଯଦି ଏହି ପିଢ଼ି ଧୈର୍ଯ୍ୟ ଏବଂ ସକାରାତ୍ମକ ଭାବରେ ନିଜର ଶକ୍ତିକୁ ବ୍ୟବହାର କରନ୍ତି ତେବେ, ସେମାନେ ଯେଉଁ ପରିବର୍ତ୍ତନ ଚାହୁଁଛନ୍ତି, ତାହା ସମ୍ଭବ । ଏପରିସ୍ଥିତିରେ, ଏହି ପିଢ଼ିର ପ୍ରାସଙ୍ଗିକତା ଏବଂ ଶକ୍ତି ଉପରେ ବିଶ୍ୱର ବିଶ୍ୱାସ ପୁନଃସ୍ଥାପିତ ହୋଇପାରିବ । ବର୍ତ୍ତମାନ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ଡିଜିଟାଲ୍ ଦୁନିଆ ଦ୍ୱାରା ପ୍ରଭାବିତ ଏହି ଶକ୍ତି ସଠିକ୍ ଭାବରେ ପରିଚାଳିତ ହେବା ।

ଭାରତରେ, ଅର୍ଥପୂର୍ଣ୍ଣ ନିବେଶ ମାଧ୍ୟମରେ ଏହି ଯୁବ ପିଢ଼ିକୁ ଆଗକୁ ପାଦ ବଢ଼ାଇବା ପାଇଁ ପ୍ରୟାସ କରାଯାଉଛି । ଦେଶ ସେମାନଙ୍କ ସହିତ ପ୍ରଗତି ପଥରେ ଦ୍ରୁତ ଗତିରେ ଆଗକୁ ବଢ଼ିବାକୁ ଚାହୁଁଛି । ତଥାପି, ଏହି ଆଶା କିପରି ସାକାର ହେବ ତାହା ସ୍ପଷ୍ଟ ନୁହେଁ । ବର୍ତ୍ତମାନ, ଲକ୍ଷ ଲକ୍ଷ ଯୁବକ ବେକାର । ଦେଶର ଯୁବ ଜନସଂଖ୍ୟା ସକ୍ଷମ, କିନ୍ତୁ ସେମାନଙ୍କୁ ଚାକିରି ଯୋଗାଇବା ପରିବର୍ତ୍ତେ, ଅନୁକମ୍ପାମୂଳକ ଭିତ୍ତିରେ ବଞ୍ଚିବାକୁ ବାଧ କରାଯାଉଛି । ଯଦି ସେମାନେ ଶୀଘ୍ର ସଫଳତା ପାଇଁ ଅନ୍ୟ ଦେଶକୁ ପ୍ରବାସ କରନ୍ତି, ତେବେ ସମସ୍ତେ ଦେଖିଛନ୍ତି ଯେ ସେମାନଙ୍କୁ କିପରି ଘରକୁ ଫେରାଇ ଦିଆଯାଏ । ଆମ ଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ, ତେଣୁ ଯୁବକମାନେ ଠିକ୍ ପଥରୁ ବିଚ୍ୟୁତ ହେଉଛନ୍ତି ।

ଯୁବକମାନେ ଦେଶର ଏକ ମୂଲ୍ୟବାନ ସମ୍ପତ୍ତି । ସେମାନଙ୍କୁ ଉଜ୍ଜ୍ୱଳ ଏବଂ ପ୍ରଗତିଶୀଳ ବୋଲି କୁହାଯାଏ । ବିଶ୍ୱର ଅନେକ ଦେଶରେ ହୋଇଥିବା ଗବେଷଣାରୁ ଜଣାପଡିଛି ଯେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିଥିବା ଏହି ପିଢ଼ିର ବୌଦ୍ଧିକ କ୍ଷମତା ପୂର୍ବ ପିଢ଼ି ତୁଳନାରେ କମ୍ ଅଛି । ଏହାର କାରଣ କ'ଣ ହୋଇପାରେ? କୁହାଯାଏ ଯେ ଜେନ-ଜେଡ୍ ଭାବରେ ପରିଚିତ ଏହି ପିଢ଼ି ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ଉପରେ ଅତ୍ୟଧିକ ନିର୍ଭରଶୀଳ । ସେମାନେ ନିଜେ ଉଦ୍‌ଭାବନ କିମ୍ବା ଗବେଷଣା କରିବା ପରିବର୍ତ୍ତେ ସବୁକିଛି ପ୍ରସ୍ତୁତ ଚାହାଁନ୍ତି । ପ୍ରାୟତଃ ସେମାନଙ୍କର ମୌଳିକତାର ଅଭାବ ରହିଛି ।

କୁହାଯାଉଛି ଯେ ଭାରତ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ୍ ଜଗତ କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢ଼ୁଛି, କିନ୍ତୁ ଏହା ସ୍ପଷ୍ଟ ଯେ ଏହି ପିଢ଼ିରେ ବୁଦ୍ଧିମତ୍ତା ଏବଂ ସ୍ମୃତି ଦକ୍ଷତାର ଅଭାବ ରହିଛି । ସେମାନଙ୍କର ସମସ୍ୟାର ସମାଧାନ ପଦ୍ଧତିଗୁଡ଼ିକ ଦ୍ରୁତ ହୋଇପାରେ, କିନ୍ତୁ ସେଗୁଡ଼ିକ ସେତେ ବ୍ୟବହାରିକ ନୁହେଁ । ବୟସ୍କମାନେ ଧୈର୍ଯ୍ୟର ସହିତ ଜଟିଳ ସମସ୍ୟାର ସମ୍ମୁଖୀନ ହେଉଥିଲେ । ସେଗୁଡ଼ିକୁ ସମାଧାନ କରିବାରେ ସଫଳ ହେବା ସହ ନୂତନ ମାନଦଣ୍ଡ ମଧ ସ୍ଥାପନ କରୁଥିଲେ । ଅନ୍ୟପକ୍ଷରେ, ଆଜିର ଯୁବ ପିଢ଼ି ଛୋଟ ଭିଡିଓ ମାଧ୍ୟମରେ ନିଜକୁ ତାଲିମ ଦେବା ଏବଂ ସମାଧାନ ଖୋଜିବାରେ ବ୍ୟସ୍ତ । ଶିକ୍ଷକମାନଙ୍କ ସହିତ ମୁହାଁମୁହିଁ ଭାବବିନିମୟ ଆଉ ଦେଖାଯାଏ ନାହିଁ । ଫଳସ୍ୱରୂପ, ପିଲାମାନଙ୍କର ବୌଦ୍ଧିକ କ୍ଷମତା ହ୍ରାସ ପାଉଛି । ଦେଶରେ ପ୍ରଯୁକ୍ତିର ଅତ୍ୟଧିକ ବ୍ୟବହାର ଯୋଗୁଁ, କେହି ନିଜେ ଅନୁସନ୍ଧାନ କରିବାକୁ ଆଗଭର ହେଉନାହାଁନ୍ତି । ଗବେଷଣା ବିଶେଷଜ୍ଞଙ୍କ ମତରେ, ଗତ କିଛି ବର୍ଷ ମଧ୍ୟରେ ଭାରତ ଏବଂ ସାରା ବିଶ୍ୱରେ ଶିକ୍ଷାରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବୃଦ୍ଧି ପାଇଥିବାରୁ, ପିଲାମାନଙ୍କର ଶିଖିବା କ୍ଷମତା ହ୍ରାସ ପାଉଛି । ଯେଉଁମାନେ ପ୍ରଯୁକ୍ତିବିଦ୍ୟାକୁ କମ୍ ବ୍ୟବହାର କରନ୍ତି କିମ୍ବା ଆଦୌ ବ୍ୟବହାର କରନ୍ତି ନାହିଁ, ସେମାନଙ୍କର ଫଳାଫଳ ଡିଜିଟାଲ୍ ସୁବିଧା ଉପରେ ନିର୍ଭର କରୁଥିବା ପିଲାମାନଙ୍କ ତୁଳନାରେ ଉନ୍ନତ ହୋଇଥାଏ ।

ଭାରତ ସମେତ ସାରା ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା ପ୍ରଚଳିତ ହୋଇଛି । ଏକ କାଗଜବିହୀନ କାର୍ଯ୍ୟସଂସ୍କୃତି ସବୁଠି ବିକଶିତ ହେଉଛି । ଏହି ନୂତନ ପ୍ରଯୁକ୍ତିବିଦ୍ୟାର ଫଳସ୍ୱରୂପ, ସ୍ମାର୍ଟଫୋନ୍, ଲାପଟପ୍ ଏବଂ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନର ଧାରା ବୃଦ୍ଧି ପାଉଛି । ଯୁବ ପିଢ଼ି, ଡିଜିଟାଲ ଶକ୍ତି ବ୍ୟବହାର କରନ୍ତି । ସେମାନେ ଅଧିକ ଆତ୍ମବିଶ୍ୱାସୀ ।

ସେମାନେ ବିଶ୍ୱାସ କରନ୍ତି ଯେ ସେମାନେ ସବୁକିଛି ଜାଣନ୍ତି । ସେମାନଙ୍କ ପାଖରେ ସମସ୍ତ ସୂଚନା ଉପଲବ୍ଧ । ଆମେ ପିଲାମାନଙ୍କୁ ସ୍ମାର୍ଟଫୋନ୍ ଦେଉଛନ୍ତି, ଫଳସ୍ୱରୂପ ସେମାନଙ୍କର ମୌଳିକତା ହ୍ରାସ ପାଉଛି । ଡିଜିଟାଲ ଦୁନିଆର ଏହି ବିଶାଳ ଶକ୍ତି ଏକ ନୂତନ ବିପଦକୁ ଜନ୍ମ ଦେଉଛି ।

**ଶିକ୍ଷାରେ ପ୍ରଯୁକ୍ତିର ଅତ୍ୟଧିକ ବ୍ୟବହାର ଭଲ ନୁହେଁ । ଏହାକୁ ମାର୍ଗଦର୍ଶକ ଶକ୍ତି ହେବାକୁ ନ ଦେବା ଉଚିତ । ଏହାର ନକାରାତ୍ମକ ପ୍ରଭାବ ଏବେ ସ୍ପଷ୍ଟ ହେବାରେ ଲାଗିଛି । ଗାଜିଆବାଦରେ ଘଟିଥିବା ସାମ୍ପ୍ରତିକ ଘଟଣାରୁ ଶିକ୍ଷା ପାଇହେବ, ଯେଉଁଠାରେ ତିନି ଜଣ ନାବାଳିକା ଭଉଣୀ ଭର୍ଚୁଆଲ୍ ଦୁନିଆରେ ନିଜକୁ ହଜାଇ ଦେଇ ନିଜ ଜୀବନ ଶେଷ କରିଦେଇଥିଲେ । ଏହି ଘଟଣା କେବଳ ଗୋଟିଏ ଉଦାହରଣ ।**

ଏବେ କୁହାଯାଉଛି ଯେ ପ୍ରଯୁକ୍ତିବିଦ୍ୟାକୁ ନେଇ ଆଗକୁ ବଢ଼, କିନ୍ତୁ ଏହାକୁ ନିୟନ୍ତ୍ରଣରେ ମଧ ରଖ । ବିଶେଷଜ୍ଞମାନେ ଏହି ସମଗ୍ର ପରିସ୍ଥିତି ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି । ଉଲ୍ଲେଖନୀୟ ଯେ ଏକ ସମୟରେ, ସମଗ୍ର ବିଶ୍ୱ ଏହି ଡିଜିଟାଲ ଶକ୍ତି ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲା । ବର୍ତ୍ତମାନ ଏହାର ପ୍ରଭାବ ହ୍ରାସ ପାଇବାକୁ ଲାଗିଛି । କିଛି ଦେଶ ପ୍ରଯୁକ୍ତିର ଅତ୍ୟଧିକ ବ୍ୟବହାରରୁ ପଛକୁ ହଟିବାକୁ ଆରମ୍ଭ କରିଛନ୍ତି । ସ୍ୱିଡେନ୍ ସମ୍ପ୍ରତି ସ୍କୁଲରୁ ଡିଜିଟାଲ ଡିଭାଇସଗୁଡ଼ିକୁ ହଟାଇ କଲମ, କାଗଜ ଏବଂ ପୁସ୍ତକକୁ ଫେରିବାକୁ ନିଷ୍ପତ୍ତି ନେଇଛି । ଫ୍ରାନ୍ସ, ନେଦରଲ୍ୟାଣ୍ଡ, ୟୁକେ ଏବଂ ଫିନଲ୍ୟାଣ୍ଡ ଭଳି ଦେଶରେ, ସ୍କୁଲଗୁଡ଼ିକରେ ଲାପଟପ୍ ଏବଂ ଟାବଲେଟ୍ ବ୍ୟବହାର ଉପରେ ଏବେ ପ୍ରତିବନ୍ଧକ ଲଗାଯାଉଛି ।

ୟୁନେସ୍କୋର ଏକ ରିପୋର୍ଟ ଅନୁଯାୟୀ, ଶିକ୍ଷାରେ ପ୍ରଯୁକ୍ତିର ଅତ୍ୟଧିକ ବ୍ୟବହାର ଭଲ ନୁହେଁ । ଏହାକୁ ମାର୍ଗଦର୍ଶକ ଶକ୍ତି ହେବାକୁ ନ ଦେବା ଉଚିତ । ଏହାର ନକାରାତ୍ମକ ପ୍ରଭାବ ଏବେ ସ୍ପଷ୍ଟ ହେବାରେ ଲାଗିଛି । ଗାଜିଆବାଦରେ ଘଟିଥିବା ସାମ୍ପ୍ରତିକ ଘଟଣାରୁ ଶିକ୍ଷା ପାଇହେବ, ଯେଉଁଠାରେ ତିନି ଜଣ ନାବାଳିକା ଭଉଣୀ ଭର୍ଚୁଆଲ୍ ଦୁନିଆରେ ନିଜକୁ ହଜାଇ ଦେଇ ନିଜ ଜୀବନ ଶେଷ କରିଦେଇଥିଲେ । ଏହି ଘଟଣା କେବଳ ଗୋଟିଏ ଉଦାହରଣ । ଡିଜିଟାଲ୍ ନିଶା ଯୋଗୁଁ ଅତୀତରେ ଏହିପରି ଅନେକ ଘଟଣା ଘଟିଛି । ପ୍ରକୃତରେ, ଆମର ନୂତନ ପିଢ଼ି ସ୍ୱପ୍ନରେ ବଞ୍ଚିବା ଆରମ୍ଭ କରିଛନ୍ତି । ସେମାନଙ୍କର ଶକ୍ତି ଡିଜିଟାଲ୍ ଆଶାବାଡ଼ି ଉପରେ ନିର୍ଭର କରେ । ବିଶ୍ୱକୁ ସଶକ୍ତ କରିବା ପାଇଁ ଯେଉଁ ଶକ୍ତି ସୃଷ୍ଟି ହୋଇଥିଲା ତାହା ଯୁବକମାନଙ୍କୁ ଏକ କାଳ୍ପନିକ ଦୁନିଆରେ ବନ୍ଦୀ କରୁଛି । ବର୍ତ୍ତମାନ ସେମାନେ କମ୍ପ୍ୟୁଟର କିମ୍ବା ସ୍ମାର୍ଟଫୋନ୍ ସାମ୍ନାରେ ଘଣ୍ଟା ଘଣ୍ଟା ବିତାଉଛନ୍ତି ।

ଯୁବକମାନେ, ଭର୍ଚୁଆଲ୍ ଦୁନିଆକୁ ବାସ୍ତବ ବୋଲି ବିଶ୍ୱାସ କରି, ଜୀବନର ବାସ୍ତବତାଠାରୁ ନିଜକୁ ଦୂରେଇ ରଖୁଛନ୍ତି ଏବଂ ଏପରି ଏକ ଜୀବନ ବଞ୍ଚୁଛନ୍ତି ଯାହା କେବଳ ସେମାନଙ୍କ କଳ୍ପନାରେ ବିଦ୍ୟମାନ କିନ୍ତୁ ତାହା ବାସ୍ତବ ଜୀବନରେ କୌଣସି ସ୍ଥାନରେ ନାହିଁ । ନୂତନ ପିଢ଼ି ଉଭା ହେବା ଏବଂ ପରିପକ୍ୱ ହେବା ପୂର୍ବରୁ, ଡିଜିଟାଲ୍ ଶକ୍ତି ସେମାନଙ୍କୁ ବାସ୍ତବତାରୁ ଦୂରେଇ ନେଉଛି ।

**ନୟାଗଡ଼, ମୋ-୯୪୩୭୬୪୨୯୪୭**

# କାହ୍ନୁ ଚରଣ ଲେଙ୍କାଙ୍କୁ ଶ୍ରଦ୍ଧାଞ୍ଜଳି



**ଡାକ୍ତର ଦୀନବନ୍ଧୁ ମହାରଣା**

ଓଡ଼ିଶାର ରାଜନୀତିରେ କାହ୍ନୁ ଚରଣ ଲେଙ୍କା ଏକ ପରିଚିତ ନାମ । ୧୯୩୯ ମସିହାରେ ଜନ୍ମଲାଭ କରି ୨୦୨୬ ମସିହାରେ ପାର୍ଥିବ ଲୀଳାରୁ ବିରତି ନେଇ ପରପଥର ଯାତ୍ରୀ ହୋଇଗଲେ ଏଇ ବିଚକ୍ଷଣ ରାଜନେତା । ଓଡ଼ିଶାରେ କଂଗ୍ରେସ ଦଳର ରାଜନୈତିକ ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିପାରିଥିବା ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କା ବହୁ ଦୁଃସ୍ଥିତି ମଧରେ ଗତି କରି ଆସିଥିଲେ ମଧ କେବେ ବି ଭାଙ୍ଗିପଡ଼ି ନଥିଲେ । କଟକ ନିକଟବର୍ତ୍ତୀ ଚୌଦ୍ୱାର ଅଞ୍ଚଳରୁ ଆସି ସମଗ୍ର ଓଡ଼ିଶା ଓ ଭାରତରେ ନିଜର କୃତିତ୍ୱ ପ୍ରଦର୍ଶନ କରି ଜନସାଧାରଣଙ୍କର ପ୍ରିୟଭାଜନ ହୋଇ ପାରିଥିଲେ ।

ଓଡ଼ିଶା ବିଧାନସଭାକୁ ସଦସ୍ୟ ଭାବେ ଚାରି ଥର ନିର୍ବାଚିତ ହୋଇ ନିଜ ଦକ୍ଷତା ଓ ଲୋକପ୍ରିୟତାର ପରିଚୟ ଦେଇଥିବା ସ୍ୱର୍ଗତ ଲେଙ୍କା କଂଗ୍ରେସରେ ପ୍ରାୟ ଚାରି ଦଶନ୍ଧି ଧରି ନିଜର ପ୍ରଭାବ ବିସ୍ତାର କରିପାରିଥିଲେ । ଉଚ୍ଚାଭିଳାଷୀ କାହ୍ନୁବାବୁ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ବିଭିନ୍ନ ବିଭାଗରେ ମନ୍ତ୍ରୀ ହୋଇଥିଲେ । କୃଷକ ପରିବାରରେ ଜନ୍ମଗ୍ରହଣ କରି ନିଜ ସାଧନା ଓ ସଙ୍କଳ୍ପ ବଳରେ ରାଜନୀତି କ୍ଷେତ୍ରରେ ଉପନୀତ ହୋଇ ରାଜ୍ୟ ଓ ଦେଶର ଅନେକ କଲ୍ୟାଣକାରୀ ଯୋଜନାକୁ ସାକାର କରି ପାରିଥିଲେ ।

ରେଭେନ୍‌ସା ମହାବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିବା ସମୟରେ ୧୯୫୭ ମସିହାରେ କଂଗ୍ରେସ ସେବା ଦଳରେ ଯୋଗଦାନ କରି ଏହି ଜାତୀୟ ଦଳରେ ୩୯ ବର୍ଷ କାଳ ନିଜ ଜୀବନକୁ ବାଜି ଲଗେଇ ଦେଇ ସେ ଅନେକ ସଫଳତା ସାଉଁଟି ଥିଲେ । ଜାତୀୟ ସ୍ତରରେ ମଧ ସେ ଦକ୍ଷତା ପ୍ରତିପାଦନ କରିବା ସହ କଂଗ୍ରେସ ଦଳର ପର୍ଯ୍ୟବେକ୍ଷକ ଭାବେ ବିଭିନ୍ନ ରାଜ୍ୟ ପାଇଁ ନିଯୁକ୍ତି ପାଇଥିଲେ । କଂଗ୍ରେସ ନେତ୍ରୀ ଇନ୍ଦିରା ଗାନ୍ଧିଙ୍କ ପ୍ରତି ସେ ଥିଲେ ଅନୁରକ୍ତ । ୧୯୬୯ ମସିହାରେ କଂଗ୍ରେସ ଦଳର ବିଭାଜନ ବେଳେ ସେ ଇନ୍ଦିରାଙ୍କ ହାତ ଛାଡ଼ି ନଥିଲେ । ସେହିପରି ୧୯୭୮ ମସିହାରେ ଦଳର ଦ୍ୱିତୀୟ ବିଭାଜନ ବେଳେ ମଧ ସେ ଇନ୍ଦିରାଙ୍କ ସପକ୍ଷରେ ଥିଲେ ଏବଂ ସେହି ବର୍ଷ ଓଡ଼ିଶା ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ପଦବୀର ଭାର ସମ୍ଭାଳି ଥିଲେ ।



ଓଡ଼ିଶାରୁ ଦୁଇଥର ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇ କୃଷି ଓ ରେଳ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ତାଙ୍କ ମନ୍ତ୍ରୀତ୍ୱ କାଳରେ ଦେଶରେ ବିଶେଷ କରି ଓଡ଼ିଶାରେ କୃଷି ଓ ରେଳବାଇ କ୍ଷେତ୍ରରେ ବିଶେଷ ପ୍ରଗତି ସମ୍ଭବ ହୋଇ ପାରିଥିଲା । ୧୯୮୮ରୁ ୧୯୯୪ ମସିହା ପର୍ଯ୍ୟନ୍ତ ସେ ରାଜ୍ୟସଭାର ସଦସ୍ୟ ଥିଲେ । କଂଗ୍ରେସ ସେବାଦଳର ବିଭିନ୍ନ ପଦବୀ ମଣ୍ଡନ ସହ ୧୯୬୪ରୁ ୧୯୬୬ ମସିହା ପର୍ଯ୍ୟନ୍ତ ଛାତ୍ର କଂଗ୍ରେସର ସାଧାରଣ ସଂପାଦକ ନିଯୁକ୍ତ ହୋଇ ରାଜ୍ୟର କଂଗ୍ରେସ ସଂଗଠନକୁ ଦୃଢ଼ କରିପାରିଥିଲେ ।

ଜଣେ ଦକ୍ଷ ସଂଗଠକ, କୃଷକ ନେତା, ଶ୍ରମିକ ନେତା ଓ ଲୋକପ୍ରିୟ ବିଧାୟକ, ସାଂସଦ ଓ ମନ୍ତ୍ରୀ ଭାବରେ ସେ ନିଜର ନିଷ୍ଠା ଓ ଦାୟିତ୍ୱ ସମ୍ପାଦନ କରି ପ୍ରଶଂସନୀୟ ହୋଇ ପାରିଥିଲେ । ରାଜନୀତି ବ୍ୟତୀତ ସାହିତ୍ୟ ଓ ସଂସ୍କୃତି ପ୍ରତି ଥିଲା ତାଙ୍କର ଗଭୀର ଅନୁରାଗ । ସାହିତ୍ୟ-ସଂସ୍କୃତିଭିତ୍ତିକ ମାସିକ ପତ୍ରିକା 'ଫାଲ୍‌ଗୁନି'ର ସେ ଥିଲେ ପ୍ରତିଷ୍ଠାତା ଓ ପୃଷ୍ଠପୋଷକ । ତାଙ୍କର ପତ୍ନୀ ବିଜୟଲକ୍ଷ୍ମୀ ଲେଙ୍କା ଥିଲେ ଏହି ପତ୍ରିକାର ସଂପାଦିକା । ସେହିପରି ଧର୍ମ ଆଚରଣ ପ୍ରତି ଥିଲା ତାଙ୍କର ବିଶେଷ ଶ୍ରଦ୍ଧା ଓ ରୁଚି । ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ ସହ ସେ ସମ୍ପୃକ୍ତ ଥାଇ ଓଡ଼ିଶାରେ ସତ୍‌ସଙ୍ଗ ସଙ୍ଗଠନର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଯୋଗଦାନ କରିଥିଲେ । ଆଇ.ଏନ୍.ଟି.ୟୁ .ସି.ଓ ହିନ୍ଦ୍ ମଜଦୁର୍ ସଭା ପରି କେତେକ ଶ୍ରମିକ ସଂଘରେ ଯୋଗ ଦେଇ ଶ୍ରମିକ କଲ୍ୟାଣ ଦିଗରେ ସେ ମଧ କାର୍ଯ୍ୟ କରିଥିଲେ ।

ଛାତ୍ରନେତାରୁ କେନ୍ଦ୍ରମନ୍ତ୍ରୀ - ଦୀର୍ଘ ଚାରିଦଶନ୍ଧିର ସାଧନା ତାଙ୍କୁ ସର୍ବଦା ରାଜନୀତିରେ ଦୀପ୍ତିମନ୍ତ କରିଥିଲା । ବିଭିନ୍ନ ସମୟରେ ନିଜ ରାଜନୈତିକ ଦଳରେ ବହୁ ସମୟରେ ସେ ଦୁଃସ୍ଥିତିର ସମ୍ମୁଖୀନ ହୋଇଥିଲେ ମଧ ସକଳ ବାଧା-ବନ୍ଧନକୁ ଏଡ଼ାଇ ସଫଳତାର ଶିଢ଼ି ଚଢ଼ିପାରିଥିଲେ । ସେ ଥିଲେ ଖୁବ୍ ଦୃଢ଼ମନା ଓ ପ୍ରତିପକ୍ଷଙ୍କୁ ସମ୍ମୁଖୀନ ହେବାର କଳାକୌଶଳ ତାଙ୍କୁ ଜଣା ଥିଲା ।

ଭାରତ କୃଷକ ସମାଜର ସେ ଥିଲେ ଆଜୀବନ ସଭ୍ୟ । କୃଷି ଓ କୃଷି ଗବେଷଣାର ପରିସର ବୃଦ୍ଧି କ୍ଷେତ୍ରରେ ସେ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ଗ୍ରହଣ କରି ପ୍ରଶଂସିତ ହୋଇଥିଲେ । ସରକାର ଓ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସେ ବହୁବାର ଜଣେ କୃଷକ ଭାବରେ ଓ କୃଷି ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ ହୋଇଥିଲେ । ଓଡ଼ିଶାରେ ଶଙ୍କରୀକରଣ ମକା ଓ ଯଅ ଶସ୍ୟ ମଞ୍ଜି ଉତ୍ପାଦନ କ୍ଷେତ୍ରରେ ସଫଳତା ପାଇଁ ୧୯୬୮ ମସିହାରେ ସେ ପୁରସ୍କୃତ ହୋଇଥିଲେ । ଉଲ୍ଲେଖନୀୟ ସାମାଜିକ ସେବା ନିମନ୍ତେ ୧୯୯୧ ମସିହାରେ ତାଙ୍କୁ 'ବିଜୟ ରତ୍ନ' ସମ୍ମାନ ପ୍ରାଦାନ କରାଯାଇଥିଲା । ୧୯୯୩ ମସିହାରେ ଓଡ଼ିଶାରେ ଓ ଦେଶରେ ରେଳବାଇ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଅନ୍ତର୍ଜାତୀୟ ବନ୍ଧୁତା ସଂଗଠନ ପୁରସ୍କାର ବା International Friendship Organisation Award ପ୍ରାପ୍ତ ହୋଇ ସେ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିଥିଲେ । ୧୯୯୫ରେ ସେବା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ ନିମନ୍ତେ ତାଙ୍କୁ ଜବାହାରଲାଲ ନେହେରୁ ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଥିଲା ।

ସଂଘର୍ଷ ଓ ସଫଳତାର ଉଭୟ ମାର୍ଗରେ ଗତି କରି ଓଡ଼ିଶା ରାଜନୀତିର ଇତିହାସରେ ଏହି ନିରଳସ ଲୋକପ୍ରିୟ ରାଜନେତା ଯେଉଁ ଘଟଣାବହୁଳ ତଥା ରୋମାଞ୍ଚକର ଅଧ୍ୟାୟ ସୃଷ୍ଟି କରିଯାଇଛନ୍ତି, ତାହା ପ୍ରଣିଧାନଯୋଗ୍ୟ । ତାଙ୍କ ଜୀବନର ସାଧନା, ନିଷ୍ଠା ଓ ସଫଳତା ଅନ୍ୟ ରାଜନେତାଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ । ଜୀବନରେ ଅନେକ ଉତ୍‌ଥାନ ପତନର ସ୍ୱାଦ ଚାଖି କୌଣସି ପରିସ୍ଥିତିରେ ଭାଙ୍ଗି ନ ପଡ଼ି ଦୃଢ଼ ଇଚ୍ଛାଶକ୍ତି ପୋଷଣ ପୂର୍ବକ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେବାର ଅଦମ୍ୟ ସାହସ ଓ କୌଶଳ ଆଜିର ଯୁବପିଢ଼ି ସ୍ୱର୍ଗତ ଲେଙ୍କାଙ୍କ ଜୀବନର ଇତିହାସରୁ ଶିକ୍ଷାଲାଭ କରିବା ଉଚିତ ।

ଦୀର୍ଘ ୮୭ ବର୍ଷର ଜୀବନଯାତ୍ରାରେ କାହ୍ନୁବାବୁ ବହୁ ତିକ୍ତ-ମଧୁର ଅନୁଭୂତି ହାସଲ କରି ଜୀବନକୁ ନିଜ ଢଙ୍ଗରେ ଜୀଇଁଥିଲେ । ତାଙ୍କର ସ୍ମୃତି ସଦା ଅମଳିନ । ତାଙ୍କ ବିୟୋଗରେ ଆମ ରାଜ୍ୟ ନିଶ୍ଚିତ ଭାବେ ଜଣେ ଯଶସ୍ୱୀ ତଥା ଦକ୍ଷ ରାଜନେତାଙ୍କୁ ହରାଇଲା । ତାଙ୍କର ସ୍ଥାନ ଅପୂରଣୀୟ ହୋଇ ରହିବ । ଏହି ଅବସରରେ ତାଙ୍କ ସ୍ମୃତି ପ୍ରତି ମୁଁ ବିନମ୍ର ଶ୍ରଦ୍ଧା ନିବେଦନ କରୁଛି ।

**ଡି.ଲିଟ୍ ପ୍ରାପ୍ତ ଆୟୁର୍ବେଦ ଚିକିତ୍ସକ ଓ ଗବେଷକ,ଓଡ଼ିଶା ଆୟୁର୍ବେଦ ସେବା ସଦନ ୧୧୧, ମୁନିସିପାଲ୍ ମାର୍କେଟ୍, ଓଏମ୍‌ପି ଛକ, କଟକ,ମୋ-୯୪୩୭୦୪୩୧୦୩**

# ସୁଖମୟ ଜୀବନର ସନ୍ଧାନ

**ଅପର୍ଣ୍ଣା ନାୟକ**

ପ୍ରେମ ଓ ଶାନ୍ତି ହିଁ ମନୁଷ୍ୟର ଜୀବନକୁ ସୁଖମୟ କରିଦିଏ । ଏହି ପ୍ରେମ ଓ ଶାନ୍ତି ପାଇଁ ଆମକୁ କେତେଗୁଡ଼ିଏ ଦିଗପ୍ରତି ଗୁରୁତ୍ୱ ଦେବାକୁ ହେବ । ସେହି ସରଳ ମାର୍ଗ ଗୁଡ଼ିକ ହେଉଛି ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ରଖିବା ସହ ନିଜକୁ ସବୁବେଳେ ଭାଗ୍ୟବାନ ମନେ କରିବା । ଏହାଦ୍ୱାରା ମନ ମଧ୍ୟରୁ ସବୁ ଗ୍ଲାନି ଦୂର ହୋଇଯାଏ । ଏହାସବୁ ଅସଫଳତାକୁ ଦୂର କରିବାରେ ସହାୟକ ହୋଇଥାଏ । ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ନିଜ ପାଇଁ କିଛି ସମୟ ରଖିବା ଉଚିତ । ଶାନ୍ତି ଓ ନିରୋଳାରେ କିଛି ମୁହୂର୍ତ୍ତ ବ୍ୟକ୍ତିର ସୃଜନଶୀଳତାକୁ ବୃଦ୍ଧି କରିବା ସହ ଏକାଗ୍ରତା ବୃଦ୍ଧି କରିଥାଏ । କେବଳ ସେତିକି ନୁହେଁ, ଏହାଦ୍ୱାରା ଜୀବନର ଗୁଣାତ୍ମକମାନ ବୃଦ୍ଧି ହୋଇଥାଏ । ବର୍ଷ ପରେ ବର୍ଷ ବିତି ଚାଲିଛି । ସମୟ ଚକ୍ରରେ ବ୍ୟକ୍ତିର ଜୀବନ ହେଉଛି ଏକ ଛୋଟ ଅଣୁ ପରି । ଏହା ସହ ଜୀବନ ହେଉଛି କ୍ଷଣସ୍ଥାୟୀ । ଏପରି ଭାବିବା ଦ୍ୱାରା ମନର ସଂକୀର୍ଣ୍ଣତା ଦୂର ହୋଇଯାଏ । ଫଳରେ ବ୍ୟକ୍ତି ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିପାରେ । ମନରେ ସବୁବେଳେ ଦୟାଭାବ ରଖିବା ଉଚିତ । ଏହାସହ କୌଣସି ଆଶା ନରଖି ଅନ୍ୟର ସେବା କରିବା ଉଚିତ । ଏହା ଜୀବନରେ ଶାନ୍ତି ଓ ପ୍ରେମକୁ ବଢ଼ାଇବାରେ ସହାୟକ ହୋଇଥାଏ । ହସ ମନୁଷ୍ୟର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ ।

ପ୍ରତ୍ୟେକ ଦିନ ସକାଳେ ଦର୍ପଣରେ ନିଜକୁ ଏକ ଛୋଟ ହସ ଉପହାର ଦେଇ ଦିନରୁ ଶୁଭାରମ୍ଭ କରିବା ଉଚିତ । ଏହାସହ ପ୍ରତିଦିନ ଭେଟୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହି ଉପହାର ଦେବା ଉଚିତ । ଏହା ବ୍ୟକ୍ତିକୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହା ବ୍ୟକ୍ତି ଆତ୍ମବିଶ୍ୱାସକୁ ମଧ୍ୟ ବଢ଼ାଇଥାଏ । ସେହିପରି ବ୍ୟକ୍ତି ମନର ଶାନ୍ତି ପାଇଁ ପ୍ରତିଦିନ ଧ୍ୟାନ ଅଭ୍ୟାସ କରିବା ଉଚିତ । ଏହା ମନରେ ଗଭୀର ବିଶ୍ୱାସ ଆଣିବା ସହ ମନକୁ ଉପଯୁକ୍ତ ବିଶ୍ରାମ ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ, ସବୁବେଳେ ନିଜକୁ ଜଣେ ଛାତ୍ର ଭାବେ ମାନିବା ଉଚିତ । ଏହା ମନରୁ ଅହଂ ଭାବ ଦୂର କରିଥାଏ । ଛାତ୍ର ଭଳି ସବୁବେଳେ ଜିଜ୍ଞାସୁ ହେବା ଉଚିତ । କାରଣ ପ୍ରତ୍ୟେକ ବସ୍ତୁରୁ ବ୍ୟକ୍ତି କିଛି ନା କିଛି ଶିକ୍ଷା ଗ୍ରହଣ କରିଥାଏ । ଉପରୋକ୍ତ ଦିବ୍ୟ ଚିନ୍ତନର ମାର୍ଗ ଆମ ସମସ୍ତଙ୍କ ଜୀବନକୁ ଆଧ୍ୟାତ୍ମିକମୟ ଓ ଆନନ୍ଦରେ ଭରି ଦେବ ନିଶ୍ଚୟ, ଏହି କାମନା କରିବା।

**ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଏମ୍ସ ଭୁବନେଶ୍ୱରରେ ଅତ୍ୟାଧୁନିକ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଏବଂ ରୋବୋଟିକ୍ ସର୍ଜରୀ ସିଷ୍ଟମ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଏବଂ ପୂର୍ବ ଭାରତର ସ୍ୱାସ୍ଥ୍ୟସେବା ପରିଦୃଶ୍ୟକୁ ଏକ ନୂତନ ଦିଶା ଦେବା ସହିତ, ଏମ୍ସ ଭୁବନେଶ୍ୱର ସଫଳତାର ସହିତ ଏକ ଅତ୍ୟାଧୁନିକ ଯକୃତ ପ୍ରତିରୋପଣ(ଲିଭର ଟ୍ରାନ୍ସପ୍ଲାଣ୍ଟ) କାର୍ଯ୍ୟକ୍ରମ ସହିତ ଏକ ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ବ୍ୟବସ୍ଥା ଆରମ୍ଭ କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ସୋମବାର ଭର୍ଚୁଆଲ୍ ଭାବରେ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଉଦଘାଟନ କରିଛନ୍ତି ଏବଂ ପ୍ରତିଷ୍ଠାନରେ ଉନ୍ନତ ରୋବୋଟିକ୍ ସର୍ଜରୀ ସିଷ୍ଟମକୁ ଆନୁଷ୍ଠାନିକ ଭାବରେ ଆରମ୍ଭ କରିଛନ୍ତି। ଭୁବନେଶ୍ୱରର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ପୁଣ୍ୟ ସଲିଳା ଶ୍ରୀବାସ୍ତବ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ସୁବିଧାଗୁଡ଼ିକୁ ଉଦଘାଟନ କରି ଶ୍ରୀ ନଡ୍ଡା କହିଛନ୍ତି ଯେ "ଏହା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ଅବସର, ଏମ୍ସ ଭୁବନେଶ୍ୱରର ଗୌରବମୟ ଦଶନ୍ଧିରୁ ଊର୍ଦ୍ଧ୍ୱ ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ। ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦ୍ରୁତ ଗତିରେ ଗୁଣବତ୍ତାପୂର୍ଣ୍ଣ




ସ୍ୱାସ୍ଥ୍ୟସେବା ପ୍ରଦାନରେ ଉତ୍କର୍ଷ କେନ୍ଦ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିଛି। ଏହି ନୂତନ ବ୍ୟବସ୍ଥାଗୁଡ଼ିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ମଜବୁତ କରିବ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନର ଗୁଣବତ୍ତା ବୃଦ୍ଧି କରିବ, ଯାହା ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ରୋଗୀଙ୍କ ପାଇଁ ଉନ୍ନତ, ବିଶ୍ୱସ୍ତରୀୟ, ଜୀବନ ରକ୍ଷାକାରୀ ଚିକିତ୍ସା ସୁବିଧା ପ୍ରଦାନ କରିବ। ଏମ୍ସ ଭୁବନେଶ୍ୱର ଟିମ୍‌କୁ ଅଭିନନ୍ଦନ ଜଣାଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ପ୍ରତିଷ୍ଠାନ ପୂର୍ବରୁ ସଫଳତାର ସହିତ ବୃକକ୍ ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ କରିଆସୁଥିବା ବେଳେ, ଲିଭର ଟ୍ରାନ୍ସପ୍ଲାଣ୍ଟ କାର୍ଯ୍ୟକ୍ରମର ଆରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ନୂତନ ଅଧ୍ୟାୟ ଏବଂ ଏହି ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ସେବାକୁ ସୁଦୃଢ଼ କରିବାରେ ଏକ ପ୍ରମୁଖ ମାଇଲଖୁଣ୍ଟ।

ଅଙ୍ଗଦାନ ସହିତ ଜଡିତ ଜାତୀୟ ପ୍ରାଥମିକତା ଉପରେ ଆଲୋକପାତ କରି ଶ୍ରୀ ନଡ୍ଡା ନାଗରିକମାନଙ୍କୁ ସଚେତନ କରିବା ଏବଂ ଅଙ୍ଗଦାନକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ମରଣ କରିଥିଲେ। ଏହି ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ନଡ୍ଡା କହିଥିଲେ ଯେ "ଯକୃତ ପ୍ରତିରୋପଣ ସୁବିଧା ପଶ୍ଚିମବଙ୍ଗ, ଆସାମ ଏବଂ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟ ସମେତ ଓଡ଼ିଶା ଏବଂ ପୂର୍ବ ଭାରତର ରୋଗୀମାନଙ୍କ ପାଖରେ ଶେଷ ପର୍ଯ୍ୟାୟ ଯକୃତ ରୋଗର ଉନ୍ନତ ଚିକିତ୍ସା ଆଣିବ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ଦୁର୍ବଳ ରୋଗୀମାନଙ୍କୁ ଆର୍ଥିକ କଷ୍ଟ ବିନା ପ୍ରତିରୋପଣ ଏବଂ ବ୍ୟାପକ ଅନୁସରଣ ଯତ୍ନ ନେବାକୁ ସକ୍ଷମ କରିବ, ଯାହା ଦ୍ୱାରା ସେମାନଙ୍କୁ ଦୀର୍ଘ ଦୂରତା ଯାତ୍ରାର ବୋଝରୁ ମୁକ୍ତି ମିଳିବ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁଦୃଢ଼ କରିବାରେ ଏକ ପ୍ରମୁଖ ମାଇଲଖୁଣ୍ଟ ପ୍ରତିନିଧିତ୍ୱ କରିବ। ସର୍ଜିକାଲ୍ ରୋବୋଟିକ୍ ସିଷ୍ଟମ୍ ଆରମ୍ଭ ହେବା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ ଏମ୍ସ ଭୁବନେଶ୍ୱର ଓଡ଼ିଶାର ପ୍ରଥମ ସରକାରୀ ଚିକିତ୍ସା ପ୍ରତିଷ୍ଠାନ ହୋଇଛି ଯାହା ଏକ ବ୍ୟାପକ ରୋବୋଟିକ୍ ସର୍ଜରୀ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିଛି, ଯାହା ସାର୍ବଜନୀନ କ୍ଷେତ୍ରର ସ୍ୱାସ୍ଥ୍ୟସେବା ନବସୃଜନରେ ଏକ ଗୁରୁତ୍ୱପୂର୍ଣ୍ଣ ଲମ୍ଫ ସୃଷ୍ଟି କରିଛି।

ଏହି ଅବସରରେ ଭୁବନେଶ୍ୱର ଲୋକସଭା ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଗୁରୁତ୍ୱାରୋପ କରିଥିଲେ ଯେ ଏମ୍ସ ଭୁବନେଶ୍ୱର ଅନ୍ୟାନ୍ୟ ଏମ୍ସ ପ୍ରତିଷ୍ଠାନ ପାଇଁ ଏକ ଆଦର୍ଶ ଭାବରେ ଉଭା ହୋଇଛି, ସ୍ୱାସ୍ଥ୍ୟସେବା ପ୍ରଦାନ, ଚିକିତ୍ସା ଶିକ୍ଷା ଏବଂ ଗବେଷଣାରେ ନିରନ୍ତର ନୂତନ ମାଇଲଖୁଣ୍ଟ ହାସଲ କରିଛି। ସମାବେଶକୁ ସମ୍ବୋଧିତ କରି, କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଆଲୋକପାତ କରିଥିଲେ ଯେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ-ଜେଏୱାଇ) ଏବଂ ରାଷ୍ଟ୍ରୀୟ ଆରୋଗ୍ୟ ନିଧି ଅଧୀନରେ ଜୀବନ ରକ୍ଷାକାରୀ ପ୍ରତିରୋପଣ ସେବା ଯୋଗାଇ ଦିଆଯାଉଛି, ଯାହା ସୁନିଶ୍ଚିତ କରୁଛି ଯେ ଆର୍ଥିକ ଭାବରେ ପଛୁଆ ରୋଗୀମାନେ ଆର୍ଥିକ କଷ୍ଟ ବିନା ବ୍ୟାପକ ପ୍ରତିରୋପଣ ଯତ୍ନ ପାଇବେ। ଏମ୍ସ ଭୁବନେଶ୍ୱର ଅଧ୍ୟକ୍ଷା ଡ. ଅନୀତା ସକ୍ସେନା, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀମତୀ ଅଙ୍କିତା ମିଶ୍ର ବୁନ୍ଦେଲା ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏପରି ଏକ ସ୍ମରଣୀୟ ମୁହୂର୍ତ୍ତ ଏବଂ ସଫଳତା ପାଇଁ ସମସ୍ତ ସମର୍ଥନ ପ୍ରଦାନ ସହିତ ଦୃଢ଼ ନେତୃତ୍ୱ ନିମନ୍ତେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଡ. ବିଶ୍ୱାସ ଏହି ଅବସରରେ ନିଜର ଯକୃତ ପ୍ରଦାନ କରିଥିବା ଦୁଇ ଦାତାଙ୍କୁ ସମ୍ମାନିତ କରିଥିଲେ। ଏମ୍ସ ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିନ୍ ଡ. ପି ଆର୍ ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଂଜନ ତ୍ରିପାଠୀ, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଅଭିଜିତ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

## ୨୬ରୁ କଟକରେ ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତା

କଟକ, (ସ୍ୱପ୍ର) : ଆଇଏସ୍. ଚେସ ସେଣ୍ଟର ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନର ମିଳିତ ଆନୁକୂଲ୍ୟରେ ମାର୍ଚ୍ଚ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଜବାହରଲାଲ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ଆନ୍ତର୍ଜାତୀୟ ଓପନ୍ ଫିଡ଼େ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ପାଞ୍ଚଦିନ ବ୍ୟାପି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ୯ ରାଉଣ୍ଡ ବିଶିଷ୍ଟ ହେବ, ଏଥିରେ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ସହ ୫୩ ଗୋଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ ।




ଏହି ଟୁର୍ନାମେଣ୍ଟରେ ୭, ୯, ୧୧, ୧୩, ୧୫ ବୟସ ବର୍ଗରେ ୫ ଜଣ ଲେଖାଏଁ ଉଭୟ ବାଳକ ଓ ବାଳିକାଙ୍କୁ ଟ୍ରଫି ପ୍ରଦାନ କରାଯିବ । ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିବା ଅନ୍ ରେଟେଡ୍ ଖେଳାଳୀମାନେ ନୂଆକରି ରେଟିଂ ପ୍ରାପ୍ତ କରିବାର ସହ ରେଟେଡ୍ ଖେଳାଳିମାନେ ନିଜରଅନ୍ତର୍ଜାତୀୟ ରେଟିଂ ବଢ଼ାଇବାର ମଧ୍ୟ ସୁଯୋଗ ରହିଛି ବୋଲି ଆଇଏସ୍. ଚେସ୍ ସେଣ୍ଟରର ସମ୍ପାଦକ ମାନସ ପାଣି ସୂଚନା ଦେଇଛନ୍ତି । ଚେସ୍ ଖେଳକୁ ରାଜ୍ୟରେ ଅଧିକ ଲୋକପ୍ରିୟ କରିବାରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ସମସ୍ତ ସହଯୋଗ କରିବ ବୋଲି ରାଜ୍ୟ ସମ୍ପାଦକ ଇଂ. ଦେବବ୍ରତ ଭଞ୍ଜ ପ୍ରକାଶ କରିଥିଲେ । କଟକରେ ଏଭଳି ଏକ ଅନ୍ତର୍ଜାତୀୟ ରେଟିଙ୍ଗ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେଉଥିବାରୁ ବିଶେଷ କରି ଟୁଇନ ସିଟିର ଖେଳାଳୀ ମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି । ଆନ୍ତର୍ଜାତୀୟ ଆର୍ବିଟର୍ ସୁରେଶ ଚନ୍ଦ୍ର ସାହୁ ମୁଖ୍ୟ ଆର୍ବିଟର ଭାବେ ମ୍ୟାଚ୍ ପରିଚାଳନା କରିବେ । ନାମ ପଞ୍ଜୀକରଣ ପାଇଁ ୯୪୩୭୨୦୮୮୬୪ ନମ୍ବରରେ ଯୋଗାଯୋଗ କରି ମାର୍ଚ୍ଚ ୨୫ ତାରିଖ ସୁଦ୍ଧା ନାମ ପଞ୍ଜିକରଣ କରିବାକୁ ଆୟୋଜକ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅସିତ ମୁଖାର୍ଜୀ, ଧନଞ୍ଜୟ ସାବତ, ମନୋଜ ପତି, ଅମିୟ ରଞ୍ଜନ ରାଉତରାୟ, ଶଙ୍କର ରାଓ, ସୂର୍ଯ୍ୟକାନ୍ତ ବିଶୋଇ, ସଞ୍ଜୟ ଜେନା, ହିମାଂଶୁ ଷଡ଼ଙ୍ଗୀ, ସୋନାଲି ଦାସ, ଦେବ ରାୟ ଓ ଭେଙ୍କଟ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ରେଳ ଟିଟିଇଙ୍କ ଅଚାନକ ପରଲୋକ

ଜଟଣୀ, (ସବ୍ୟୁ) : ସ୍ଥାନୀୟ ମଧୁସୂଦନ ନଗର ବାସିନ୍ଦା ଶ୍ରମିକ କଂଗ୍ରେସର ପୂର୍ବତନ ଶାଖା ସମ୍ପାଦକ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ୪୪ ବର୍ଷ ବୟସରେ ପରଲୋକ ଘଟିଛି । ସେ ଦୀର୍ଘଦିନ ହେବ ଯକୃତ ରୋଗରେ ପୀଡିତ ଥିଲେ । ଗତକାଲି ଅଧିକ ଅସୁସ୍ଥତା କାରଣରୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରଯାଇଥିଲା । ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ୱେ ସୋମବାର ସକାଳୁ ପ୍ରାଣବାୟୁ ଉଡିଯାଇଥିଲା। ଶ୍ରୀ ମହାନ୍ତି ଖୋର୍ଦ୍ଧାରୋଡ ରେଳ ମଣ୍ଡଳରେ ବରିଷ୍ଠ ଟିକେଟ କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ । ଅତ୍ୟନ୍ତ ପରୋପକାରୀ ବ୍ୟକ୍ତି , କରୋନା ସମୟରେ ଘରୁ କେହି ପଦାକୁ ବାହାରୁନଥିବା ବେଳେ ଉଭୟ ସ୍ୱାମୀ ସ୍ତ୍ରୀ ଘରୁ ରୋଷେଇକରି ଗରିବ ଦୁଖୀ ଲୋକଙ୍କୁ ଖାଦ୍ୟ ବାଣ୍ଟିଥିଲେ । ଶ୍ରମିକ କଂଗ୍ରେସର ପ୍ରତ୍ୟକ କାର୍ଯ୍ୟକ୍ରମରେ ସଦା ସର୍ବଦା ଆଗରେ ରୁହନ୍ତି ଓ ଆଜି ଶ୍ରମିକ କଂଗ୍ରେସ ଜଣେ ଦକ୍ଷ ସଂଘଠକଙ୍କୁ ହରାଇଲା ବୋଲି ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ କୋହଭରା କଣ୍ଠରେ କହିଥିଲେ । ଖବରପାଇ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଉପସଭାପତି ପ୍ରମୋଦ ସାହାଣୀ, ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ସହ ସଂଯୋଜକ ନିରଞ୍ଜନ ମିଶ୍ର , କେନ୍ଦ୍ରୀୟ ପଦାଧିକାରୀ ଏମ ଗୋପାଳ କ୍ରିଷ୍ଣା ରାଓ , ସୁବ୍ରତ ପଣ୍ଡା , ଶାଖା ସମ୍ପାଦକ ଏଲ ଡ଼ି ମହାନ୍ତି ସମେତ ଅନ୍ୟମାନେ ସ୍ୱର୍ଗତ ମହାନ୍ତିଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### କେନ୍ଦ୍ରାପଡାରେ ସୁପର ସ୍ପେଶାଲିଷ୍ଟ ଦାତବ୍ୟ ଚିକିତ୍ସାଳୟ ପାଇଁ

## ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବୈଜୟନ୍ତ ଓ ସ୍ୱାମୀଜୀ ମଧୁସୂଦନ ସାଇ

ଭୁବନେଶ୍ୱର, (ସବ୍ୟୁ): ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରଚେଷ୍ଟା ଓ ନିୟମିତ ତତ୍ତ୍ୱାବଧାନରେ ଖୁବ୍ ଶୀଘ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ସୁପର



ସ୍ପେଶାଲିଷ୍ଟ ଦାତବ୍ୟ ଚିକିତ୍ସାଳୟ ପ୍ରତିଷ୍ଠା ହେବାକୁ ଯାଉଛି। ଏ ନେଇ ସୋମବାର ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକର ରଜାଙ୍ଗ ଠାରେ ଶ୍ରୀ ପଣ୍ଡା ଏବଂ ସତ୍ୟ ସାଇ ବାବାଙ୍କ ସହଯୋଗୀ ପୂଜ୍ୟ ସ୍ୱାମୀଜୀ ମଧୁସୂଦନ ସାଇଙ୍କ କରକମଳରେ ଭୂମି ପୂଜା ସହିତ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ବହୁ ଦିନର ଦାବିକୁ ବିଚାର ବିମର୍ଷକରି ସାଂସଦ ଶ୍ରୀ ପଣ୍ଡା ଦେଶର ବିଭିନ୍ନ ଅଗ୍ରଣୀ ପ୍ରମୁଖ ଅନୁଷ୍ଠାନ ମାନଙ୍କ ସହିତ ଗତ ୨ ବର୍ଷ ଧରି ଯୋଗାଯୋଗରେ ଥିଲେ। ଶେଷରେ ଶ୍ରୀ ପଣ୍ଡାଙ୍କ ଅନୁରୋଧକ୍ରମେ ପ୍ରଶାନ୍ତି ବାଲ୍ ମନ୍ଦିର ଟ୍ରଷ୍ଟ କେନ୍ଦ୍ରାପଡାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଷାଲିଷ୍ଟ ଦାତବ୍ୟ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିବା ପରେ କେନ୍ଦ୍ରାପଡ଼ା ଜନସାଧାରଣଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶ୍ରୀ ପଣ୍ଡା ଗତ ଏପ୍ରିଲ ୨୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀଙ୍କ ସହ ଏହି ପ୍ରକଳ୍ପ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ ଏବଂ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇଦେବାକୁ ଅନୁରୋଧ କରିଥିଲେ। ପ୍ରଶାନ୍ତି ବାଲ୍ ମନ୍ଦିର ଟ୍ରଷ୍ଟର ଓଡ଼ିଶାରେ ଏହା ପ୍ରଥମ ଚିକିତ୍ସାଳୟ ହେବାକୁ ଥିଲାବେଳେ ଏଥିପାଇଁ ଆବଶ୍ୟକୀୟ ୧୦ ଏକର ଜମି ଇତିମଧ୍ୟରେ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ କେନ୍ଦ୍ରାପଡ଼ା ସ୍ଥିତ ଡେରାବିଶ ବ୍ଲକ ଅନ୍ତର୍ଗତ ରଜାଙ୍ଗ ଠାରେ ଚିହ୍ନଟ କରିଥିଲେ। ଏହି ଚିକିତ୍ସାଳୟରେ ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଓଡ଼ିଶାର ଜନସାଧାରଣ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସେବା ପାଇବେ। ପ୍ରାୟ ୧୧୦ ବ୍ୟୟ ଅଟକଳର ଏହି ପ୍ରକଳ୍ପଟି ୨୪ ମାସରେ କାର୍ଯ୍ୟକ୍ଷମ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପଣ୍ଡାଙ୍କ ସମେତ ବିଜେପିର ନେତୃମଣ୍ଡଳୀ ଓ ବହୁ ସଂଖ୍ୟାରେ ସାଧାରଣ ଜନତା ଉପସ୍ଥିତ ଥିଲେ।

### ସୋସିଆଲ ମିଡିଆରେ ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ

## ଭରତପୁର ଥାନାରେ ସ୍ୱାମୀଙ୍କ ନାଁରେ ଏତଲା

ଭୁବନେଶ୍ୱର, (ସବ୍ୟୁ) : ସୋସିଆଲ ମିଡିଆରେ ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରାଇବାକୁ ନେଇ ଭରତପୁର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଛି । ଆଠଗଡ ତିଗିରିଆ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ ଅଭିଯୁକ୍ତ । ପ୍ରେମବିବାହ କରିବା ପରେ ସ୍ୱାମୀ-ସ୍ତ୍ରୀ ଭାବେ ଚଳିବା ପରିବର୍ତ୍ତେ ସେ ଆଉ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାର ଫଟୋ ଆଣି ସ୍ତ୍ରୀକୁ ଦେଖାଇଥିଲା । ସ୍ତ୍ରୀ ପ୍ରତିବାଦ କରିବାରୁ ଚତୁରତାର ସହ ବୁଝାମଣା କରିଥିଲା । ବୁଝାମଣା ପରେ ସ୍ୱାମୀ-ସ୍ତ୍ରୀ ଶାରୀରିକ ସମ୍ପର୍କ ରଖିବା ସମୟର ଫଟୋ ସେ ଉତ୍ତୋଳନ କରି ସୋସିଆଲ ମିଡିଆରେ ଫେକ୍ ଆଇଡି ଖୋଲି ଫଟୋକୁ ଏଡିଟ୍ କରି ସେଥିରେ ଅପଲୋଡ୍ କରିଥିବା ସ୍ତ୍ରୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ସ୍ୱାମୀର ଏହି ଘୃଣ୍ୟ କାମକୁ ନେଇ ସାଇପଡିଶା ଓ ପୋଲିସ ଅଫିସରମାନେ ଛିଛାକର କରୁଛନ୍ତି । ସ୍ୱାମୀକୁ ପୋଲିସ ଡାକି ପଚରାଉଚରା କରିବା ପରେ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି ।

### ଗ୍ରାମୀଣ ଓଡ଼ିଶାର ଉନ୍ନତି ପାଇଁ ସହଯୋଗ କରୁଛନ୍ତି

## ଉଦ୍ୟମୀ ୨.୦: ଇଡିଆଇଆଇ ଓ ୟୁଏଆଇଏଲ୍

ଭୁବନେଶ୍ୱର, (ସବ୍ୟୁ): ଦକ୍ଷିଣ ଓଡିଶାର ଦୂରସ୍ଥ ଆଦିବାସୀ ଗ୍ରାମଗୁଡିକରେ ବର୍ଷରୁ ବର୍ଷ




ଧରି ଆର୍ଥିକ ସୁଯୋଗର ଅଭାବ ରହିଆସିଛି। ଏହି କାରଣରୁ ଅନେକ ଯୁବକ-ଯୁବତୀମାନେ କାମର ସନ୍ଧାନରେ ନିଜ ଘର ଛାଡ଼ି ଅନ୍ୟ ଅଞ୍ଚଳକୁ ଯାଉଛନ୍ତି। ଏବେ ଏହି ପରିସ୍ଥିତିକୁ ବଦଳାଇବା ପାଇଁ ଏକ ନୂତନ ପ୍ରୟାସ ଆରମ୍ଭ ହୋଇଛି। ଆଦିତ୍ୟ ବିର୍ଲା ଗ୍ରୁପ ଅଧୀନ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍‌ର ସହଯୋଗୀ ସଂସ୍ଥା ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍ (ୟୁଏଆଇଏଲ୍)ର ସମର୍ଥନରେ ଏବଂ ଏଣ୍ଟରପ୍ରେନରଶିପ୍ ଡିଭେଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ) ଦ୍ୱାରା କାର୍ଯ୍ୟାନୁଷ୍ଠିତ 'ଉଦ୍ୟମୀ ୨.୦' ନାମକ ଏହି ବିଶେଷ ପ୍ରକଳ୍ପ ଗ୍ରାମୀଣ ଯୁବମାନଙ୍କୁ ନିଜ ଗ୍ରାମରେ ଛୋଟ ବ୍ୟବସାୟ ଆରମ୍ଭ କରିବା ପାଇଁ ପ୍ରଶିକ୍ଷଣ ଓ ଆବଶ୍ୟକ ସହାୟତା ଯୋଗାଇ ଦେଉଛି। ଏହା ଦ୍ୱାରା ସେମାନେ ଆତ୍ମନିର୍ଭର ହେବା ସହିତ ଅନ୍ୟତ୍ର ପ୍ରବାସ କମିବାରେ ସାହାଯ୍ୟ ମିଳୁଛି। ଉଦ୍ୟମୀ ୨.୦ ପ୍ରକଳ୍ପଟି ଅଗଷ୍ଟ ୨୦୨୪ ରେ ଆରମ୍ଭ ହୋଇଥିଲା ଏବଂ ୨୦୨୭ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରୟାସଟି ରାୟଗଡା ଜିଲ୍ଲାର କାଶୀପୁର ବ୍ଲକ ଏବଂ କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁର ବ୍ଲକ ରେ ୧୮୧ଟି ଗ୍ରାମ ରେ କାର୍ଯ୍ୟାନ୍ୱିତ ହେଉଛି। ଏହି ପ୍ରକଳ୍ପରେ କୃଷି ବ୍ୟତୀତ ଓ କୃଷି ସହଯୋଗୀ କ୍ଷେତ୍ରରେ ଏବଂ ଅଣକୃଷିଭିତ୍ତିକ ଉଦ୍ୟମ ଆରମ୍ଭ କରିବାକୁ ଉତ୍ସାହ ଦିଆଯାଉଛି। ବିଶେଷ କରି ମହିଳା ମାନେ, ଆଦିବାସୀ ସମୁଦାୟ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଏସ୍‌ସି/ଏସ୍‌ଟି) ଗୋଷ୍ଠୀଙ୍କୁ ପ୍ରାଥମିକତା ଦିଆଯାଉଛି।

## ଆଦର୍ଶ ଶିଶୁ ଜ୍ଞାନ ମନ୍ଦିରର ବାର୍ଷିକୋତ୍ସବ

କଟକ, (ସ୍ୱପ୍ର): ସିଏମସିର ୪୨ନଂ ୱାର୍ଡ ଚାଉଳିଆଗଞ୍ଜ ସ୍ଥିତ ଆଦର୍ଶ ଶିଶୁ ଜ୍ଞାନ ମନ୍ଦିରର ୨୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସମ୍ପାଦକ ସୁକାନ୍ତ ଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ଶ୍ରୀକ୍ଷେତ୍ର ମଣ୍ଡପ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଉଦଘାଟକ ସୁରେଶ ପଣ୍ଡା, ମୁଖ୍ୟବକ୍ତା ନରହରି ସେନ୍, ସମ୍ମାନିତ ଅତିଥି ପ୍ରଫେସର୍ ଡ. ଆଲୋକ ପୃଷ୍ଟି, ପ୍ରଫେସର ଡ. ଶୁଭାକାଂକ୍ଷୀ ବାରିକ, ଡ. ସଂଘମିତ୍ରା ଦାଶ, ମିନତୀ ସାହୁ, ପ୍ରଦୀପ କୁମାର ପ୍ରଧାନ, ସାହି ଅଧିକାରୀ ପ୍ରଦୀପ କୁମାର ସାହୁ, ସାହି ମୁରବି ଶିବରାମ ପାଟରା ଉପସ୍ଥିତ ଥିଲେ । ବିଦ୍ୟାଳୟର



ସଭାପତି ସୁରେଶ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପସଭାପତି ଶିବସୁନ୍ଦର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର କାର୍ଯ୍ୟକାରୀ ସଂପାଦିକା ବିସ୍ମିତା ସାହାଣୀ ଧନ୍ୟବାଦ ଦେଇଥିଲେ । ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦୁଇଟି ପ୍ରାଇମେରୀ ସବ୍‌ଷ୍ଟେସନ ଉଦ୍‌ଘାଟିତ

ଚୌଦ୍ୱାର, (ସ.ବ୍ୟୁ.): ଟାଙ୍ଗୀ-ଚୌଦ୍ୱାରର ବିଭିନ୍ନ ସ୍ଥାନରେ ଲୋ ଭୋଲଟେଜ୍‌ର ବହୁ ଦିନ ଧରି ଲାଗି ରହିଥିବା ବେଳେ ଏହାର ସମାଧାନ ନିମନ୍ତେ ଉଚ୍ଚକ୍ଷମତାସମ୍ପନ୍ନ ବିଶିଷ୍ଟ ଦୁଇଟି ପ୍ରାଇମେରୀ ସବ୍‌ଷ୍ଟେସନ୍‌କୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଶୁଭ ଉଦ୍‌ଘାଟନ କରିଛନ୍ତି । ଚୌଦ୍ୱାର ନୁନ୍‌ଟିକିରି ସମ୍ମୁଖରେ ଓ ବିଶ୍ୱନାହାକାଣୀରେ ଓଡ଼ିଶା ସରକାରଙ୍କର ଓଡିଏସ୍‌ଏସ୍‌ପି ଆଇଭି ଯୋଜନା ଅନ୍ତର୍ଭୁକ୍ତ ୩୩/୧୧କେ.ଭି ଶକ୍ତିସମ୍ପନ୍ନ ବିଶିଷ୍ଟ ଦୁଇଟି ସବ୍‌ଷ୍ଟେସନ୍ ହେବା ଫଳରେ ମଙ୍ଗୁଳି ସମେତ ବିଶ୍ୱନାହାକାଣୀ ପଂଚାୟତର ବହୁ ଜନସାଧାରଣ ଲୋ ଭୋଲଟେଜ୍ ସମସ୍ୟାରୁ ଦୂର ହୋଇପାରିବେ । ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବିଜେପି ନେତା ଅରିନ୍ଦମ ରାୟ, ଚୌଦ୍ୱାର ପୌରପାଳିକା ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବିଜେପି ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଇଂ ଜ୍ଞାନେନ୍ଦ୍ର ସ୍ୱାଇଁ, ଭଟିମୁଣ୍ଡା ସରପଂଚ ତାପସ ସାହୁ, ଚୌଧୁରୀ ହେମନ୍ତ ସାହୁଙ୍କ ସମେତ ଟିପିସିଓଡିଏଲର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ସୋଆ କ୍ରିଏଟିଭୋ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଅଧିନସ୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ ର ସାମାଜିକ ଓ ସାଂସ୍କୃତିକ ଶାଖା କ୍ରିଏଟିଭୋ



ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ୨୦୨୬ ପାଳିତ ହୋଇଯାଇଛି। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏହି ଉତ୍ସବକୁ ଉଦ୍‌ଘାଟନ କରିବା ସହ ମାତୃଭାଷା ଗୋଟିଏ ଜାତିର ଉନ୍ନତିର ଭିତ୍ତିଭୂମି ବୋଲି କହିଥିଲେ। ଏହି ଅବସରରେ ବରିଷ୍ଠ ପ୍ରଫେସର ସନ୍ତୋଷ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ କରିଥିଲେ।

ଏହି କାର୍ଯ୍ୟକ୍ରମର ଆବାହକ ଡକ୍ଟର ଭୁବନାନନ୍ଦ ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ କ୍ରିଆଟିଭୋ ଉପଦେଷ୍ଟା ପ୍ରଫେସର ବିବୁଧ ପରାଶର, ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ ଏବଂ ବରିଷ୍ଠ ପ୍ରଫେସର ଡକ୍ଟର ସରୋଜ କୁମାର ମହାନ୍ତି ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଓଡ଼ିଆ କବିତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମାତୃଭାଷା ଦିବସ ପାଳନର ସଂଯୋଜକ ଡକ୍ଟର ସୁବ୍ରତ ସେନାପତି କବିତା ଆବୃତି ଅଧିବେଶନ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡକ୍ଟର ନନ୍ଦିତା ଜେନା ଓ ଡକ୍ଟର ଅମ୍ବରିଶ ମଙ୍ଗରାଜ ବିଚାରକ ଭାବେ ଯୋଗ ଦେଇଥିଲେ।

ଏହି କବିତା ଆସରରେ ଶ୍ରୀମତି ଲୋପାମୁଦ୍ରା ମହାନ୍ତି, ଡକ୍ଟର କୁମାର ସମ୍ଭବ ଗିରି, ଡକ୍ଟର ସୁବ୍ରତ ସେନାପତି, ଅଦିତି ରଥ, ଆଶିଷ ପ୍ରତୀକ, ଅର୍ପିତା ସେନାପତି, ଆଦିତ୍ୟ ମହାପାତ୍ର, ଅଶୋକା ପାଣିଗ୍ରାହୀ, ସୋମ୍ୟାଶ୍ରୀ ମିଶ୍ର, ବର୍ଷାରାଣି ଓଝା ପ୍ରମୁଖ କବିତା ଆବୃତି କରିଥିଲେ। ଶେଷରେ ଡକ୍ଟର ବିଦ୍ୱାନ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର ରାଜୀବ କୁମାର ବେହେରା, ଡକ୍ଟର ଏସ୍.ପି ମୋନାଲିସା, ଡକ୍ଟର ରାମକୃଷ୍ଣ ବସ୍ତିଆ, ଡକ୍ଟର ଦୀପାଲି ଦାଶ ଓ ବିଶ୍ୱଜିତ ମିଶ୍ର ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିଥିଲେ।

### ପୋଲିସ୍ ଏସ୍‌ଆଇ ପ୍ରଶ୍ନପତ୍ର କେଲେଙ୍କାରୀ, ୧୨ଜଣଙ୍କ ଜାମିନ୍ ଆବେଦନ ମାମଲା

## ଦାଖଲ ହୋଇ ପାରିଲାନି ଡକ୍ୟୁମେଣ୍ଟ

କଟକ, (ସବ୍ୟୁ): ପୁଲିସ୍ ସବ୍ ଇନ୍ସପେକ୍ଟର(ଏସ୍‌ଆଇ) ପ୍ରଶ୍ନପତ୍ର କେଲେଙ୍କାରୀ ଘଟଣାରେ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ପ୍ରାୟ ୧୨ଜଣ ଅଭିଯୁକ୍ତଙ୍କ ଜାମିନ୍ ମାମଲାରେ ସୋମବାର ଅଦାଲତରେ ସମସ୍ତ ଡକ୍ୟୁମେଣ୍ଟ ଦାଖଲ ହୋଇପାରି ନଥିଲା। ଏସ୍‌ଆଇ ମାମଲାରେ ଥିବା ଅଭିଯୁକ୍ତଙ୍କ ମଧ୍ୟରୁ କେତେକ ଅଭିଯୁକ୍ତ ହାଇକୋର୍ଟ ଏଏଓ ପରୀକ୍ଷା ସହ ଜଡ଼ିତ । ଉଭୟ ମାମଲା ପୃଥକ ପୃଥକ ସଂସ୍ଥା ଦ୍ୱାରା ତଦନ୍ତ କରାଯାଉଛି। ଏହି ପରିପ୍ରେକ୍ଷୀରେ ମାମଲା ସହ ଜଡ଼ିତ ସମସ୍ତ ଡକ୍ୟୁମେଣ୍ଟ ହାଇକୋର୍ଟଙ୍କ ହସ୍ତଗତ ହୋଇନଥିବାରୁ ମାମଲାର ଶୁଣାଣି ଆସନ୍ତା ୨୬ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ସେହିଦିନ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ହେବ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି । ପୁଲିସ୍ ଏସ୍‌ଆଇ ପ୍ରଶ୍ନପତ୍ର କେଲେଙ୍କାରୀ ଘଟଣାରେ ସିବିଆଇ ପକ୍ଷରୁ ପ୍ରାୟ ୧୬ଜଣଙ୍କୁ ଗିରଫ କରାଯାଇଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବିଶ୍ୱଜିତ୍ ହରିଚନ୍ଦନ, ଲୋକନାଥ ସାହୁ, ତଫିନ୍ ଅହମ୍ମଦ ଖାଁ, ମୁନା ମହାନ୍ତି, ଶଙ୍କର ପୃଷ୍ଟି, ବିଶ୍ୱରଞ୍ଜନ ବେହେରା, ଅରବିନ୍ଦ ଦାସ, ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା, ପ୍ରିୟଦର୍ଶିନୀ ସାମଲ, ସୁରେଶ ଚନ୍ଦ୍ର ନାୟକ, ସାଗର କୁମାର ଗୌଡ଼ା, ବିରଞ୍ଚି କୁମାର ନାୟକ, ଅର୍ଜୁନ ନାୟକ, ନିମାଇଁ ଚରଣ ସାହୁ ଏବଂ ନିତିଶ୍ କୁମାର।

## ଚାଷୀ ମାରଣ ନୀତି ବିରୋଧରେ ବିଜେଡିର ବିଶାଳ ବିକ୍ଷୋଭ ଆଜି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡିଛି ଯେଉଁଥିପାଇଁ ରାଜ୍ୟର ଚାଷୀକୁଳ ହତାଶ ହୋଇପଡିଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିବା ସହିତ ମଙ୍ଗଳବାର ବିଜୁ ଜନତା ଦଳ ତରଫରୁ ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମ୍‌ଜି ଠାରେ ଏକ ବିଶାଳ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାନସଭାରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସହିତ ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥା ଓ ମହିଳା ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଅଭିଯୋଗ କରିଥିଲେ ।

ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଚଳିତ ବର୍ଷ ରାଜ୍ୟରେ ଧାନ ସଂଗ୍ରହ କାର୍ଯ୍ୟକ୍ରମ ପ୍ରଥମ ଦିନରୁ ଅବ୍ୟବସ୍ଥା ଲାଗି ରହିଛି । ଧାନ ସଂଗ୍ରହ ପାଇଁ ପଞ୍ଜିକରଣ, ଟୋକନ ବିତରଣ, ମଣ୍ଡିରେ ଧାନ ସଂଗ୍ରହ ବ୍ୟବସ୍ଥା, କଟନୀ ଛଟନୀ ଇତ୍ୟାଦି ରାଜ୍ୟର ଚାଷୀ ମାନଙ୍କୁ ନାହିଁ ନଥିବା ଅସୁବିଧାରେ ପକାଇଛି । ରାଜ୍ୟର ପ୍ରତିଟି ବ୍ଲକରେ ଓ ଜିଲ୍ଲାରେ ଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଉଥିବା ଖବର ଗଣମାଧ୍ୟମରେ ଶିରୋନାମା ପାଲଟୁଛି । କିନ୍ତୁ ରାଜ୍ୟ ସରକାର ଚାଷୀ ମାନଙ୍କ ସମସ୍ୟାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନାହାନ୍ତି । ଧାନ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ଚାଲିଛି ବୋଲି କହି ସରକାର ନିଜ ପିଠି ନିଜେ ଥାପୁଡ଼େଉଛନ୍ତି । କିନ୍ତୁ ସରକାରୀ ତଥ୍ୟ ରାଜ୍ୟ ସରକାରଙ୍କ ଦାବିକୁ ଡାହା ମିଛ ବୋଲି ପ୍ରମାଣିତ କରୁଛି । ରାଜ୍ୟର ଚାଷୀ ସମୁଦାୟକୁ ବିଭିନ୍ନ ପ୍ରତିଶ୍ରୁତିରେ ପୋତି ପକାଇ ତାଙ୍କ ଭୋଟ ହାତେଇବା ପରେ ସରକାର ଏବେ ଚାଷୀ ମାରଣ ନୀତି ଆପଣେଇଛନ୍ତି । ତେଣୁ ଏହି ନୀତି ବିରୋଧରେ ବିଜୁ ଜନତା ଦଳ ତରଫରୁ ଆସନ୍ତାକାଲି ଏକ ବିଶାଳ ବିକ୍ଷୋଭ ଆୟୋଜନ କରାଯିବ ।

ଦେବୀ ପ୍ରସାଦ ମିଶ୍ର କହିଥିଲେ, ବିଜେଡି ସଭାପତିଙ୍କ ନିର୍ଦ୍ଦେଶକ୍ରମେ, ଫେବୃଆରୀ ୨ ତାରିଖରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚାଷୀମାନଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଆସୁଛି । ଆସନ୍ତାକାଲି ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମଜି ଠାରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯିବ । ରାଜ୍ୟରେ ଧାନ ସଂଗ୍ରହରେ ଅବ୍ୟବସ୍ଥା ବ୍ୟତୀତ ରାଜ୍ୟର ଆଇନ ଶୃଙ୍ଖଳା ଓ ମହିଳା ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ଏହିସବୁ ପ୍ରସଙ୍ଗକୁ ନେଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ।

### ଦୁର୍ଘଟଣା ପରେ ବାୟୁସେନାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ତେଜସର ସମସ୍ତ ବିମାନ ଉଡ଼ାଣ ବନ୍ଦ

ନୂଆଦିଲ୍ଲୀ: ଭାରତୀୟ ବାୟୁସେନାର ହାଲୁକା ଲଢୁଆ ବିମାନ ତେଜସ୍ ଅବତରଣ କରିବା ସମୟରେ ଦୁର୍ଘଟଣାର ଶିକାର ହେବା ପରେ ବିମାନକୁ ନେଇ ବଡ଼ଧରଣ ତଦନ୍ତ ଓ ବୈଷୟିକ ଯାଞ୍ଚ ଆରମ୍ଭ ହୋଇଯାଇଛି। ତଦନ୍ତ ଚାଲିଥିବା ପର୍ଯ୍ୟନ୍ତ ବାୟୁସେନା ତେଜସ୍ର ସମସ୍ତ ୩୦ ବିମାନର ଉଡ଼ାଣ ବନ୍ଦ କରିଛି। ଚଳିତ ମାସ ପ୍ରଥମ ସପ୍ତାହରେ ତେଜସ୍ ବିମାନ ଅବତରଣ କରିବା ସମୟରେ ରନୱେରୁ ବାହାରି ଯାଇଥିଲା। ପ୍ରାରମ୍ଭିକ ତଦନ୍ତରୁ ବ୍ରେକ୍ ଫେଲ୍ ହୋଇଥିବା ଅନୁମାନ କରାଯାଉଛି।

ନ୍ୟୁଜ ଏଜେନ୍ସି ଏଏନ୍ଆଇ ସୂଚନା ଅନୁଯାୟୀ, ଚଳିତ ମାସ ୭ ତାରିଖରେ ଏହି ଦୁର୍ଘଟଣା ଘଟିଥିଲା। ବର୍ତ୍ତମାନ ଏ ବିଷୟରେ ଜଣାପଡ଼ିଛି। ପ୍ରଶିକ୍ଷଣ ଉଡ଼ାଣ ପରେ ବିମାନ ଏୟାରବେସ୍କୁ ଫେରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ପାଇଲଟ ବିମାନକୁ ଅବତରଣ କରାଇବା ସମୟରେ ବ୍ରେକ୍ ଲଗାଉଥିବା ଥିବା ସମୟରେ ବ୍ରେକ୍ ଧରିନଥିଲା ଓ ଏହା ରନୱେ ବାହାରକୁ ଚାଲି ଯାଇଥିଲା। ଦୁର୍ଘଟଣା ପୂର୍ବରୁ ପାଇଲଟ ସୁରକ୍ଷିତ ଭାବେ ବିମାନରୁ ବାହାରକୁ ଚାଲି ଆସିଥିଲେ। ପାଇଲଟ ସୁରକ୍ଷିତ ଥିବାବେଳେ ବିମାନ କ୍ଷତିଗ୍ରସ୍ତ ହୋଇଛି। ତେବେ ଏହି ଦୁର୍ଘଟଣା କେଉଁ ଏୟାରବେସ୍ରେ ହୋଇଥିଲା ତାହା ପ୍ରକାଶ କରାଯାଇନାହିଁ। ଏହି ଘଟଣା ପରେ ବାୟୁସେନା ପାଖାପାଖି ୩୦ଟି ଏକକ ସିଟ୍ ବିଶିଷ୍ଟ ତେଜସ୍ ବିମାନର ସମ୍ପୂର୍ଣ୍ଣ ଉଡ଼ାଣ ବନ୍ଦ କରିଦେଇଛି। ତଦନ୍ତ ଓ ସମ୍ପୂର୍ଣ୍ଣ ଯାଞ୍ଚ ଶେଷ ନ ହେବା ପର୍ଯ୍ୟନ୍ତ ବିମାନ ଉଡ଼ାଣ ଭରିବ ନାହିଁ। ତେଜସ୍ ଦୁର୍ଘଟଣା ସମ୍ପର୍କରେ ବାୟୁସେନା ପକ୍ଷରୁ କୌଣସି ବିଧିବଦ୍ଧ ବୟାନ ଆସିନାହିଁ। ତେଜସ୍ ବିମାନ ସମ୍ପର୍କିତ ଏହା ତୃତୀୟ ଦୁର୍ଘଟଣା।ପ୍ରଥମ ଦୁର୍ଘଟଣା ୧୨ ମାର୍ଚ୍ଚ ୨୦୨୪ରେ ହୋଇଥିଲା। ଜୈସାଲମେର୍ ନିକଟରେ ତେଜସ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ତେବେ ପାଇଲଟ୍ ବର୍ତ୍ତି ଯାଇଥିଲେ। ଦ୍ୱିତୀୟ ଥର ପାଇଁ ନଭେମ୍ବର ୨୦୨୫ରେ ଦୁବାଇ ଏୟାର ସୋ'ରେ ଏରିଏଲ ଡିସ୍ପ୍ଲେ ପରେ ତେଜସ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁବାଇର ଅଲ ମକତୁମ ବିମାନବନ୍ଦରଠାରେ ଏୟାର ସୋ' ବେଳେ ବିମାନ ତଳକୁ ଖସିବା ପରେ ଏଥିରେ ନିଆଁ ଲାଗି ଯାଇଥିଲା। ଏହି ଦୁର୍ଘଟଣାରେ ପାଇଲଟ୍ ୱିଙ୍ଗ କମାଣ୍ଡର ନମଂଶ ଶ୍ୟାଲଙ୍କ ମୃତ୍ୟୁ ହୋଇଥିଲା। ନମଂଶଙ୍କ ଘର ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାରେ। ତେଜସ୍ ଏମ୍କେ୧ଏ କାର୍ଯ୍ୟକ୍ରମରେ ବିଳମ୍ବ ହେବା ସହିତ, ବାୟୁସେନା ୧୮୦ଟି ଏମ୍କେ୧ଏ ଲଢୁଆ ବିମାନ ପାଇଁ ଅର୍ଡର ଦେବା ସତ୍ତ୍ୱେ ଡେଲିଭରି ସମୟସୀମା ପ୍ରାୟ ଦୁଇ ବର୍ଷ ବିଳମ୍ବରେ ଚାଲିଥିବା ବେଳେ ଏହି ସଦ୍ୟତମ ଦୁର୍ଘଟଣା ଘଟିଛି। ଏମ୍କେ୧ଏ ହେଉଛି ଭାରତୀୟ ବାୟୁସେନା ସହିତ ବର୍ତ୍ତମାନ ସେବାରେ ଥିବା ତେଜସ୍ ଜେଟ୍ର ଏକ ଅପଗ୍ରେଡେଡ୍ ମଡେଲ।



## ପ.ବଙ୍ଗ ଜନତାଙ୍କୁ ଚିଠି ଲେଖିଲେ ମୋଦୀ



ନୂଆଦିଲ୍ଲୀ: ଚଳିତ ବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସାଧାରଣଙ୍କୁ ସମ୍ବୋଧିତ କରି ଏକ ଚିଠି ଲେଖିଛନ୍ତି। ଏହାକୁ ନିର୍ବାଚନ ପ୍ରଚାରର ଆରମ୍ଭ ମଧ୍ୟ ବୋଲି ବିବେଚନା କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ବଙ୍ଗଳା ଓ ହିନ୍ଦୀରେ ଚିଠି ଲେଖିଛନ୍ତି। ଚିଠିରେ ପ୍ରଧାନମନ୍ତ୍ରୀ ମୋଦୀ ଏବର ବିଜେପି ସରକାର ସ୍ଲୋଗାନକୁ ପ୍ରାଥମିକତା ଦେଇଛନ୍ତି। ସେ ଅବୈଧ ପ୍ରବାସ ଓ ମହିଳା ବିରୋଧୀ ହିଂସା ଉପରେ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗର ଜନସାଧାରଣଙ୍କୁ ଚିଠିରେ ପ୍ରଧାନମନ୍ତ୍ରୀ ମୋଦୀ ରାଜ୍ୟକୁ ସମୃଦ୍ଧ ଓ ସୁରକ୍ଷିତ କରିବା ପାଇଁ ବିକାଶ ତଥା ଅଭିବୃଦ୍ଧିର ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଚିଠିରେ ସୋନାର ବାଙ୍ଗ୍ଲା ସ୍ୱପ୍ନକୁ ସାକାର କରିବା ଓ ମହିଳାଙ୍କ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ସେ ଲେଖିଛନ୍ତି ଯେ "ସୋନାର ବାଙ୍ଗ୍ଲା ସ୍ୱପ୍ନ ଦେଖୁଥିବା ପ୍ରତ୍ୟେକ ବ୍ୟକ୍ତି ଦୁଃଖିତ। ଚିଠିରେ ପ୍ରଧାନମନ୍ତ୍ରୀ ଅନେକ ଯୋଜନାର ମଧ୍ୟ ଉଲ୍ଲେଖ କରିଛନ୍ତି। ରାଜ୍ୟର ଲୋକମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଯେ, ସେମାନେ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଉଜ୍ଜ୍ୱଳା ଯୋଜନା ଭଳି କେନ୍ଦ୍ର ସରକାରଙ୍କ ଯୋଜନାରୁ ଉପକୃତ ହେଉଛନ୍ତି। ଏହି ଯୋଜନାଗୁଡ଼ିକ ଆପଣଙ୍କ ଜୀବନକୁ ସହଜ କରିଛି। ଆପଣଙ୍କ ପରି ଲକ୍ଷ ଲକ୍ଷ ପରିବାର ଏହି ଯୋଜନାରୁ ଉପକୃତ ହେଉଛନ୍ତି ବୋଲି ସେ କହିଛନ୍ତି।

## ଆମେରିକା ପୂର୍ବ ଉପକୂଳରେ ତୁଷାର ଝଡ଼ : ୮୦୦୦ ବିମାନ ବାତିଲ

ନ୍ୟୁୟର୍କ: ଆମେରିକାର ପୂର୍ବ ଉପକୂଳରେ ରବିବାରଠାରୁ ପ୍ରବଳ ତୁଷାର ଝଡ଼ ଯୋଗୁଁ ଜନଜୀବନ ଉପରେ ବ୍ୟାପକ ପ୍ରଭାବ ପଡ଼ିଥିବାବେଳେ ୮୦୦୦ରୁ ଅଧିକ ବିମାନ ବାତିଲ ହୋଇଛି। ନ୍ୟୁୟର୍କ ଓ ନ୍ୟୁଜର୍ସି ସମେତ ଅନେକ ରାଜ୍ୟରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ସୋମବାର ମଧ୍ୟ ଆମେରିକା ଓ କାନାଡ଼ାର କେତେକ ଭାଗରେ ଶୀତକାଳୀନ ପ୍ରବଳ ତୁଷାର ଝଡ଼ ନେଇ ଚେତାବନୀ ଜାରି ହୋଇଥିବାବେଳେ ସମଗ୍ର ନ୍ୟୁୟର୍କ ସିଟି ହାଇ ଆଲର୍ଟରେ ରହିଛି। ଲୋକଙ୍କୁ ଘର ଭିତରେ ରହିବାକୁ କୁହାଯାଇଛି। ଗତ ୯ ବର୍ଷରେ ନ୍ୟୁୟର୍କରେ ଏପରି ଶୀତକାଳୀନ ତୁଷାର ଝଡ଼ ଆସି ନଥିଲା। ତୁଷାର ଝଡ଼ର ପ୍ରଭାବ ଉତ୍ତର କେରୋଲିନାଠାରୁ ଉତ୍ତର ମେନ୍ ପର୍ଯ୍ୟନ୍ତ ଦେଖିବାକୁ ମିଳିଛି। କାନାଡାର ପୂର୍ବାଞ୍ଚଳ, ନୋଭା ସ୍କୋଟିଆ ପ୍ରଭାବିତ ହୋଇଛି। କେତେକ ସ୍ଥାନରେ ୨ ଫୁଟ ଉଚ୍ଚତାରେ ତୁଷାରପାତ ହୋଇପାରେ ବୋଲି ଆମେରିକାର ନ୍ୟାସନାଲ ୱେଦର ସର୍ଭିସ ଚେତାବନୀ ଇଛେ। ଅତି ଜରୁରୀ ଆବଶ୍ୟକତା ନଥିଲେ ଲୋକଙ୍କୁ ବାହାରକୁ ନ ଯିବାକୁ କୁହାଯାଇଛି। ବିଦ୍ୟୁତ ସେବା ମଧ୍ୟ ପ୍ରଭାବିତ ହୋଇଛି। କେବଳ ନ୍ୟୁଜର୍ସିରେ ୯୦,୦୦୦ ଘରେ ବିଦ୍ୟୁତ ନାହିଁ। ଗତ ଜାନୁଆରିରେ ଆସିଥିବା ତୁଷାର ଝଡ଼ରେ ୧୯ ଜଣଙ୍କର ମୃତ୍ୟୁ ହୋଇଥିଲା। ପ୍ରାୟ ଏକ ଦଶନ୍ଧି ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ନୋର ଇଷ୍ଟର ଝଡ଼ ଦ୍ୱାରା ପ୍ରବଳ ତୁଷାରପାତ, ପବନ ଏବଂ ଉପକୂଳବର୍ତ୍ତୀ ବନ୍ୟା ଆସିବା ଆଶଙ୍କା କରାଯାଉଛି। ରବିବାର ଓ ସୋମବାର ୮୦୦୦ରୁ ଅଧିକ ବିମାନ ବାତିଲ ହୋଇଥିବା ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ପକ୍ଷରୁ କୁହାଯାଇଛି। ରବିବାର ୩୫୦୦ ବିମାନ ବାତିଲ ହୋଇଥିଲା। ମାସାଚୁସେଟ୍ସରେ ପ୍ରବଳ ତୁଷାରପାତ ସହିତ ଘଣ୍ଟାକୁ ୭୫ ମାଇଲ୍ ବେଗରେ ପବନ ବହିବ ବୋଲି କୁହାଯାଇଛି। ଆମେରିକାରେ ପ୍ରାୟ ୫୪ ନିୟୁତ ଲୋକ ଏଥିରେ ପ୍ରଭାବିତ ହେବେ।



## ନିଷ୍କ୍ରିୟ ଖାତାର ଟଙ୍କା ଫେରାଇବ ଇପିଏଫ୍ଓ

### ଉପକୃତ ହେବେ ୩୧ ଲକ୍ଷ ସଦସ୍ୟ

ନୂଆଦିଲ୍ଲୀ: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ) ଖାତାରେ ପଡ଼ିରହିଥିବା ଦାବିହୀନ ପାଣ୍ଠିକୁ ଯୋଗ୍ୟତମ ସଦସ୍ୟ ଓ ସେମାନଙ୍କ ଉତ୍ତରାଧିକାରୀଙ୍କୁ ଫେରାଇବାକୁ ଶ୍ରମ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏଥିପାଇଁ ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ୩୧ ଲକ୍ଷରୁ ଅଧିକ ଖାତାଧାରୀ ଉପକୃତ ହେବେ ବୋଲି ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି। ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାପ୍ତାହିକ ସମୀକ୍ଷା ବୈଠକରେ ନିଷ୍କ୍ରିୟ ଖାତାର ଟଙ୍କା ଫେରାଇବା ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ୭ ଲକ୍ଷ ଖାତାକୁ ନେଇ ଟଙ୍କା ଫେରସ୍ତର ଏକ ପରୀକ୍ଷାମୂଳକ ପର୍ଯ୍ୟାୟ ଆରମ୍ଭ କରାଯିବ। ଏହି ପର୍ଯ୍ୟାୟ ପାଇଁ ଚୟନ କରାଯାଇଥିବା ଖାତାଗୁଡ଼ିକରେ ପୂର୍ବରୁ ଆଧାର ଆଧାର ଲିଙ୍କ୍ ହୋଇଥିବା ବ୍ୟାଙ୍କ ଖାତାର ବିବରଣୀ ଇପିଏଫ୍ଓ ପାଖରେ ରହିଛି। ସେହି ବ୍ୟାଙ୍କ ଖାତାରେ ଇପିଏଫ୍ଓ ସିଧାସଳଖ ବାକି ଥିବା ଟଙ୍କା ଫେରାଇପାରିବ। ଇପିଏଫ୍ଓରେ ବର୍ତ୍ତମାନ ୩୧.୮୬ ଲକ୍ଷ ନିଷ୍କ୍ରିୟ ବା ଅଚଳ ଖାତା ରହିଛି। ସେହି ଖାତାଗୁଡ଼ିକରେ ୧୦,୯୦୩ କୋଟି ଟଙ୍କା ପଡ଼ିରହିଛି ଯାହା ପାଇବାକୁ କେହି ଦାବି କରୁନାହାନ୍ତି। ସେଥିରୁ ୭ ଲକ୍ଷ ୧୧ ହଜାର ଏଭଳି ଖାତା ରହିଛି, ଯେଉଁଥିରେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ବାଲାନ୍ସ ରହିଛି। ସେଭଳି ଖାତାରେ ମୋଟ୍ ଉପରେ ୩୦.୫୨ କୋଟି ଟଙ୍କା ରହିଥିବା ଜଣାପଡ଼ିଛି।




ନିଷ୍କ୍ରିୟ ହୋଇପଡ଼ିଥିବା ଖାତାଗୁଡ଼ିକ ମଧ୍ୟରୁ ଅଧିକାଂଶ ୨୦ ବର୍ଷ ପର୍ଯ୍ୟନ୍ତ ପୁରୁଣା। ସେହି ଖାତାଗୁଡ଼ିକରେ ଗତ ତିନି ବର୍ଷ ମଧ୍ୟରେ କୌଣସି କାରବାର ହୋଇନାହିଁ। ସେଥିପାଇଁ ସେଗୁଡ଼ିକୁ ନିଷ୍କ୍ରିୟ ବର୍ଗରେ ସ୍ଥାନିତ କରାଯାଇଛି। ଇପିଏଫ୍ ଆଇନ ଅନୁଯାୟୀ ହିତାଧିକାରୀମାନେ ସେମାନଙ୍କ ଭବିଷ୍ୟନିଧି ପାଣ୍ଠି ସଞ୍ଚୟ ରାଶି ପାଇବାକୁ ହେଲେ ଦାବି ଦାଖଲ କରିବାକୁ ପଡ଼ିବ। ଅନେକ କ୍ଷେତ୍ରରେ ପାଇବାକୁ ଥିବା ରାଶି ତୁଳନାରେ କାଗଜପତ୍ର ଆବଶ୍ୟକତା ଏତେ ଅଧିକ ରହୁଛି ଯେ ଅନେକ ସଦସ୍ୟ ସେଥିପ୍ରତି ଆଗ୍ରହ ଦେଖାଉନାହାନ୍ତି।

ଅନ୍ୟ ଏକ ନିଷ୍ପତ୍ତିକ୍ରମେ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଅଣସଂଗଠିତ ଶ୍ରମିକମାନଙ୍କ ପିଲାମାନଙ୍କ ପାଇଁ ଶିକ୍ଷା ସହାୟତା କାର୍ଯ୍ୟକ୍ରମରେ ପୂର୍ବ କଲ୍ୟାଣଭିତ୍ତିକ ସହାୟତା ସହିତ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଯୋଗ୍ୟତା ଆଧାରିତ ଛାତ୍ରବୃତ୍ତି ସାମିଲ କରାଯିବ। ଛାତ୍ରଛାତ୍ରୀମାନେ ସୁବିଧାରେ ଯେଭଳି ବୃତ୍ତି ପାଇପାରିବେ ସେଥିପାଇଁ ଶ୍ରମ ମନ୍ତ୍ରଣାଳୟ ଯୋଜନା ନିର୍ଦ୍ଦେଶାବଳୀରେ ଆବଶ୍ୟକ ସଂଶୋଧନ କରୁଛି। ଫଳରେ ଛାତ୍ରଛାତ୍ରୀମାନେ ଯେକୌଣସି କେନ୍ଦ୍ର କିମ୍ବା ରାଜ୍ୟ ସରକାରୀ ସଂସ୍ଥାଠାରୁ ଯୋଗ୍ୟତା ଆଧାରିତ ବୃତ୍ତି ପାଇପାରିବେ।

## ୟୁନୁସଙ୍କ ନାଁରେ ଶାହାବୁଦ୍ଦିନଙ୍କ ସାଂଘାତିକ ଅଭିଯୋଗ



ଢାକା: ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ପ୍ରାୟ ଦେଢ ବର୍ଷ ପରେ ନିଜକୁ ମୁକ୍ତ ମନେକରୁଛନ୍ତି। ବାଂଲାଦେଶରେ ନୂଆ ସରକାର ଗଠନ ହେବା ଓ ଅନ୍ତରୀଣ ସରକାର ଭାଙ୍ଗିବା ପରେ ଶାହାବୁଦ୍ଦିନ ମହମଦ ୟୁନୁସ୍ଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବାଂଲାଦେଶର ଦୈନିକ ଖବରକାଗଜ 'କଲାର କାଣ୍ଠୋ'କୁ ଏକ ସାକ୍ଷାତକାର ଦେଇ ଅନ୍ତରୀଣ ପ୍ରଶାସନ ମୁଖ୍ୟ ମହମ୍ମଦ ୟୁନୁସ କେମିତି ତାଙ୍କ ପ୍ରାଧାନ୍ୟ ହ୍ରାସ କରିବାକୁ ତାଙ୍କୁ ଅନ୍ଧାରରେ ରଖୁଥିଲେ ତାହା କହିଛନ୍ତି ।ଅଗଷ୍ଟ ୨୦୨୪ରେ ଶେଖ୍ ହସିନାଙ୍କ ସରକାରର ପତନ ପରେ ୟୁନୁସ୍ ଅନ୍ତରୀଣ ପ୍ରଶାସନର ମୁଖ୍ୟ ଥିଲେ। ସେତେବେଳେ ଶାହାବୁଦ୍ଦିନ ସାମ୍ବିଧାନିକ ପଦବିରେ ଥିବା ଏକମାତ୍ର ବ୍ୟକ୍ତି ହୋଇଥିଲେ ମଧ୍ୟ ୟୁନୁସ୍ ତାଙ୍କୁ ହଟେଇବାକୁ ଆଗ୍ରହ ରଖିଥିଲେ। ତାଙ୍କ ବିଦେଶ ଯାତ୍ରା ସେମାନେ ବନ୍ଦ କରିଦେଇଥିଲେ। ସଂସଦୀୟ ନିର୍ବାଚନର କିଛି ଦିନ ପୂର୍ବରୁ ବାଂଲାଦେଶ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ୟୁନୁସ୍ ଏ ସମ୍ପର୍କରେ ତାଙ୍କୁ କିଛି ଜଣାଇ ନଥିଲେ।

## ଆଜିଠାରୁ ଟ୍ରମ୍ପଙ୍କ ଶୁଳ୍କ ସଂଗ୍ରହ କରିବ ନାହିଁ ଆମେରିକା

ୱାଶିଂଟନ : ଆଜିଠାରୁ ବିଶ୍ୱର ବିଭିନ୍ନ ଦେଶରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ଟାରିଫ ବା ଶୁଳ୍କକୁ ଆଉ ସଂଗ୍ରହ କରିବ ନାହିଁ ଆମେରିକା। ଦେଶର ସୁପ୍ରିମକୋର୍ଟ ଶୁକ୍ରବାର ରାଷ୍ଟ୍ରପତି ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଲଗାଇଥିବା ପାରସ୍ପରିକ ଟାରିଫକୁ ଅବୈଧ ବା ବେଆଇନ ବୋଲି କହିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ପରେ ଏବେ ବିଭିନ୍ନ ଦେଶରୁ ଆମେରିକାକୁ ଆସୁଥିବା ଦ୍ରବ୍ୟ ଉପରେ ଟ୍ରମ୍ପ ଲଗାଇଥିବା ଉଚ୍ଚ ଶୁଳ୍କକୁ ଆଉ ସଂଗ୍ରହ ନ କରିବାକୁ ଆମେରିକା ନିଷ୍ପତ୍ତି ନେଇଛି।ଟ୍ରମ୍ପଙ୍କ ପାରସ୍ପରିକ ଟାରିଫ ନୀତି ଯୋଗୁ ବିଭିନ୍ନ ସହଯୋଗୀ ରାଷ୍ଟ୍ରଗୁଡ଼ିକ ସହ ଆମେରିକାର ସମ୍ପର୍କ ବିଗିଡ଼ିଥିଲା। ସେହିପରି ଏହା ବିଶ୍ୱ ସପ୍ଲାଏ ଚେନକୁ ମଧ୍ୟ ପ୍ରଭାବିତ କରିଥିଲା। ଏଥିଯୋଗୁ ଆମେରିକା ସୁପ୍ରିମକୋର୍ଟ ଗୋଟିଏ ଐତିହାସିକ ରାୟରେ ଟ୍ରମ୍ପଙ୍କ ଟାରିଫ ନୀତିକୁ ବେଆଇନ କହିଥିଲେ।

ଆମେରିକାର ସୀମା ଶୁଳ୍କ ଓ ସୀମା ସୁରକ୍ଷା ବିଭାଗ ଗୋଟିଏ ବିବୃତିରେ କହିଛି ଯେ ୧୯୭୭ର ଅନ୍ତର୍ଜାତୀୟ ଜରୁରିକାଳୀନ ଆର୍ଥିକ ଶକ୍ତି ଅଧିନିୟକ ଅନୁସାରେ ସଂଗ୍ରହ ହେଉଥିବା ଟାରିଫ ମଙ୍ଗଳବାର ଠାରୁ ବନ୍ଦ ହୋଇଯିବ। ଆମେରିକା ସମୟ ରାତି ୧୨.୧(ଭାରତୀୟ ସମୟ ଦିନ ୧୦.୩୦) ଏହି ନିୟମ ଲାଗୁ ହେବ। ଶୁକ୍ରବାର ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଶୁଳ୍କ ନୀତିକୁ ବେଆଇନ କହିଥିଲେ। ଏହାପରେ ବିଭାଗ ପକ୍ଷରୁ ଏପରି ବିବୃତି ଜାରି କରାଯାଇଛି। ତେବେ ପୂର୍ବରୁ ବିଭିନ୍ନ ରାଷ୍ଟ୍ରଠାରୁ ସଂଗ୍ରହ ହୋଇଥିବା ଟାରିଫକୁ ଆମେରିକା ଫେରସ୍ତ କରିବ କି ନାହିଁ, ସେକଥା ବିଭାଗ ସ୍ପଷ୍ଟ କରିନି। ବିଭାଗର କହିବା କଥା ଯେ । ଅଧୀନରେ ସଂଗ୍ରହ ହେଉଥିବା ଟାରିଫକୁ ହିଁ ନିଲମ୍ବିତ କରାଯାଉଛି। ଟ୍ରମ୍ପ ଯୁଗର ଅନ୍ୟ ଟାରିଫ ନିୟମ ପୂର୍ବଭଳି ବଳବତ୍ତର ରହିଛି। ଏହା ମଧ୍ୟରେ ଜାତୀୟ ସୁରକ୍ଷା କ୍ଷମତାର ଧାରା ୨୩୨ ଓ ଅନୁଚିତ ବ୍ୟାପାର ପାଇଁ ଲାଗୁ ହେଉଥିବା ଟାରିଫ ରହିଛି। ଆମେରିକାର ସୀମା ଶୁଳ୍କ ଓ ସୀମା ସୁରକ୍ଷା ବିଭାଗ ବାଣିଜ୍ୟ କାରବାର କରୁଥିବା ଲୋକଙ୍କୁ ସିଏସଏମଏସ ଜରିଆରେ ସବୁ ପ୍ରକାରର ସହାୟତା କରିବ। ସୁପ୍ରିମକୋର୍ଟ ଯୋଗୁ ରାଗି ଯାଇଥିବା ଟ୍ରମ୍ପ ଶନିବାର ଆଉ ଏକ ପ୍ରଦକ୍ଷେପ ଗ୍ରହଣ କରିଥିଲେ। ସେ ଗୋଟିଏ ନିର୍ଦ୍ଦେଶନାମାରେ ଦସ୍ତଖତ କରି ସବୁ ଦେଶ ଉପରେ ବାଧ୍ୟତାମୂଳକ ଭାବେ ୧୦% ଟାରିଫ ଲଗାଇଥିଲେ।



## ସିକିମରେ ଅପରେସନ୍ ହିମରାହତ

ଗାଙ୍ଗଟକ: ପୂର୍ବ ସିକିମର ଉଚ୍ଚ ହିମାଳୟ ଅଞ୍ଚଳରେ ହଠାତ୍ ପ୍ରବଳ ତୁଷାରପାତ ମଧ୍ୟରେ, ଭାରତୀୟ ସେନା ପକ୍ଷରୁ ଅପରେସନ୍ ହିମରାହତ ଆରମ୍ଭ ହୋଇଛି। ଫସି ରହିଥିବା ସ୍ଥାନୀୟ ନାଗରିକ ଓ ପର୍ଯ୍ୟଟକଙ୍କ ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୁଆହାଟୀରେ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ଲେଫ୍ଟନାଣ୍ଟ କର୍ଣ୍ଣେଲ ମହେନ୍ଦ୍ର ରାୱତ କହିଛନ୍ତି, ହଠାତ୍ ଓ ପ୍ରବଳ ତୁଷାରପାତ ତଥା ଶୂନ ଡିଗ୍ରି ତଳେ ତାପମାତ୍ରା ଯୋଗୁ ସମ୍ବେଦନଶୀଳ ରାସ୍ତାରେ ଅନେକ ପର୍ଯ୍ୟଟକ ଯାନ ଅଟକି ରହିଛି। ପ୍ରତିକୂଳ ପାଗ ଯୋଗୁ ଖୋଲା ଆକାଶ ତଳେ ଲୋକମାନେ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ସେନା କର୍ମଚାରୀମାନେ ତୁରନ୍ତ ପ୍ରଭାବିତ ଅଞ୍ଚଳକୁ ଯାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ସେ କହିଛନ୍ତି ଯେ ଅପରେସନ୍ ସମୟରେ, ମୋଟ ୪୬ ଜଣ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇ ନିକଟସ୍ଥ ଏକ ସେନା ଶିବିରକୁ ନିଆଯାଇଛି। ଶିବିରରେ, ସେମାନଙ୍କର ଡାକ୍ତରୀ ପରୀକ୍ଷା କରାଯାଇ ଗରମ ପୋଷାକ, ଗରମ ଖାଦ୍ୟ ଆଦି ଯୋଗାଇ ଦିଆଯାଇଛି। ସେନା ଡାକ୍ତରୀ ଦଳ ସମସ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ । ଏହା ସହିତ ସେନା ୧୫୦ ରୁ ଅଧିକ ପର୍ଯ୍ୟଟକ ଯାନବାହନକୁ ନିରାପଦ ସ୍ଥାନକୁ ଯିବା ପାଇଁ ସହାୟତା ଯୋଗାଇ ଦେଇଥିଲା। ରାୱତ କହିଛନ୍ତି, ଅପରେସନ୍ ହିମରାହତ ଦୁର୍ଗମ ଓ କଷ୍ଟକର ଭୌଗୋଳିକ ପରିସ୍ଥିତିରେ ମାନବିକ ସହାୟତା ତଥା ବିପର୍ଯ୍ୟୟ ସହାୟତା ପ୍ରତି ସେନାର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିଛି। ଅତ୍ୟଧିକ ଥଣ୍ଡାରେ ମଧ୍ୟ ସୈନିକମାନେ ରାତିସାରା ଉଦ୍ଧାର କାର୍ଯ୍ୟ କରିଥିବା ସେ କହିଛନ୍ତି।

## ସେନ୍ସେକ୍ସ ୪୮୦ ପଏଣ୍ଟ, ନିଫ୍ଟି ୧୪୧ ପଏଣ୍ଟ ବଢ଼ିଲା

ମୁମ୍ବାଇ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ସେଠକାର ସୁପ୍ରିମକୋର୍ଟ ଅସିଦ୍ଧ ଘୋଷଣା କରିବା ପରେ ନିବେଶକମାନେ ବେଶ୍ ଖୁସି ହୋଇଯାଇଛନ୍ତି। ସେଥିପାଇଁ ସୋମବାର ଷ୍ଟକ୍ ବଜାରରେ ସେୟାର କ୍ରୟ ତ୍ୱରାନ୍ୱିତ ହୋଇଥିଲା। ତାହାର ପ୍ରଭାବରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୪୮୦ ପଏଣ୍ଟ ବୃଦ୍ଧି ପାଇ ୮୩,୨୯୪ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୪୧ ପଏଣ୍ଟ ବଢ଼ି ୨୫,୭୧୩ ପଏଣ୍ଟ୍ରେ ବନ୍ଦ ହୋଇଛି। ଆଜିର କାରବାରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସେୟାର ମୂଲ୍ୟ ବଢ଼ିଥିଲା। ଔଷଧ, ତୈଳ ଓ ଗ୍ୟାସ୍, ଭିତ୍ତିଭୂମି, ଏଫ୍ଏମ୍ସିଜି ଓ ଅଟୋମୋବାଇଲ୍ କ୍ଷେତ୍ରର କମ୍ପାନିଗୁଡ଼ିକ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ଆର୍ଥିକ ସେବା କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ମଧ୍ୟ ବଢ଼ିଥିଲା। ତେବେ ସୂଚନା ପ୍ରଯୁକ୍ତି ସୂଚୀରେ ହ୍ରାସ ଘଟିଥିଲା। କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ବିପ୍ଳବ ଓ ବିଶ୍ୱ ବଜାରରେ ଅନିଶ୍ଚିତତା ଲାଗି ରହିଥିବାରୁ ସୂଚନା ପ୍ରଯୁକ୍ତି କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ଗତ କିଛି ଦିନ ହେଲାଣି ଲଗାତାର ଭାବେ ହ୍ରାସ ପାଉଛି। ଖଣିଜ ପଦାର୍ଥ କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ମଧ୍ୟ କମ୍ ହୋଇଛି।ନିଫ୍ଟିରେ ଆଦାନୀ ପୋର୍ଟସ୍, କୋଟକ୍ ବ୍ୟାଙ୍କ, ଏଚ୍ଡିଏଫ୍ସି ଲାଇଫ୍, ଡକ୍ଟର ରେଡ୍ଡିସ୍ ଓ ଅଲ୍ଟ୍ରାଟେକ୍ ସିମେଣ୍ଟ ସେୟାର ମୂଲ୍ୟରେ ବୃଦ୍ଧି ଘଟିଛି। ତେବେ ହିଣ୍ଡାଲ୍କୋ, ୱିପ୍ରୋ, ଇନ୍ଫୋସିସ୍, ଟେକ୍ ମହିନ୍ଦ୍ରା ଓ ସିପ୍ଲା ସେୟାର ମୂଲ୍ୟ କମ୍ ହୋଇଛି। ବିଶେଷଜ୍ଞ ମାନଙ୍କ ମତରେ ଆଗାମୀ ଦିନରେ ଆମେରିକାରେ ଘଟୁଥିବା ଘଟଣା ଉପରେ ବଜାରର ପ୍ରଦର୍ଶନ ନିର୍ଭର କରିବ। ଆମେରିକା ସୁପ୍ରିମକୋର୍ଟ ଶୁଳ୍କକୁ ଅସିଦ୍ଧ କରିବା ପରେ ଟ୍ରମ୍ପ ଦୁଇଟି ପର୍ଯ୍ୟାୟରେ ୧୫ ପ୍ରତିଶତର ନୂଆ ଟିକସ ଲଗାଇଛନ୍ତି।

## ତାମିଲନାଡୁରେ ଏସ୍ଆଇଆର ତାଲିକା ଚୂଡାନ୍ତ : କଟିଲେ ୭୪ ଲକ୍ଷ ଭୋଟର

ଚେନ୍ନାଇ: ଆଗକୁ ବିଧାନସଭା ନିର୍ବାଚନ ଥିବା ରାଜ୍ୟ ତାମିଲନାଡୁରେ ଏସ୍ଆଇଆର (ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ) ପ୍ରକ୍ରିୟା ଶେଷ ହେବାପରେ ଆଜି ଚୂଡ଼ାନ୍ତ ଏସ୍ଆଇଆର ତାଲିକା ଜାରି ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଅର୍ଚ୍ଚନା ପଟ୍ଟନାୟକଙ୍କ ଦ୍ୱାରା ଏହି ଚୂଡ଼ାନ୍ତ ତାଲିକା ଜାରି କରାଯାଇଛି। ଚୂଡ଼ାନ୍ତ ତାଲିକାରେ ମୋଟ୍ ୭୪ ଲକ୍ଷ ଭୋଟରଙ୍କ ନାଁ କଟିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଅର୍ଚ୍ଚନା କହିଛନ୍ତି, ଏସ୍ଆଇଆର ପ୍ରକ୍ରିୟା ପୂର୍ବରୁ ରାଜ୍ୟରେ ଭୋଟରଙ୍କ ସଂଖ୍ୟା ୬.୪୧ କୋଟି ଥିଲା। ଏସ୍ଆଇଆର୍ ପ୍ରକ୍ରିୟାରେ ୧୮ରୁ ୧୯ ବୟସବର୍ଗ ମଧ୍ୟରେ ୭.୪୦ ଲକ୍ଷ ଲୋକଙ୍କ ନାଁ ଭୋଟର ତାଲିକାରେ ଯୋଡ଼ି ହୋଇଛି ଏବଂ ୭୪ ଲକ୍ଷ ଭୋଟରଙ୍କ ନାଁ ତାଲିକାରୁ କଟାଯାଇଛି। ଅର୍ଚ୍ଚନା କହିଛନ୍ତି, ଭାରତର ନିର୍ବାଚନ କମିସନ୍ଙ୍କ ନିର୍ଦ୍ଦେଶ କ୍ରମେ ତାମିଲନାଡୁରେ ୨୭.୧୦.୨୦୨୫ରୁ ୨୩.୦୨.୨୦୨୬ ମଧ୍ୟରେ ଏସ୍ଆଇଆର୍ ପରିଚାଳନା କରାଯାଇଛି। ୨୭.୧୦.୨୦୨୬ ସୁଦ୍ଧା ଭୋଟର ତାଲିକାରେ ୬,୪୧,୧୪,୫୮୭ ଭୋଟର ଥିଲେ। ତେବେ ଗଣନା ପ୍ରକ୍ରିୟା ଶେଷ ହେବାପରେ ୧୯.୧୨.୨୦୨୫ରେ ଚିଠା ତାଲିକା ପ୍ରକାଶ ପାଇଲା। ଏଥିରେ ମୋଟ୍ ୫,୪୩,୭୬,୭୫୬ ଜଣଙ୍କ ନାଁ ଥିଲା। ତେବେ ଚୂଡ଼ାନ୍ତ ତାଲିକା ଆସିବା ପରେ ତାମିଲନାଡୁରେ ଏବେ ମୋଟ୍ ଭୋଟରଙ୍କ ସଂଖ୍ୟା ୫.୬୭ କୋଟି ରହିଛି।

## ଫୋନପେର ବାୟୋମେଟ୍ରିକ ଅଥେଣ୍ଟିକେସନ : ୟୁପିଆଇ ପେମେଣ୍ଟର ଶୁଭାରମ୍ଭ

ମୁମ୍ବାଇ : ଫୋନପେ ପକ୍ଷରୁୟୁପିଆଇ ପେମେଣ୍ଟ ବ୍ୟବସ୍ଥାକୁ ଆହୁରି ସହଜ କରିବା ପାଇଁ ବାୟୋମେଟ୍ରିକ୍ ସୁବିଧାର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ଗ୍ରାହକମାନେ ଏବେ ଆହୁରି ଶୀଘ୍ର ଏବଂ ଗୋଟିଏ ଟଚରେ ପେମେଣ୍ଟ କରିପାରିବେ । ଏହି ନୂଆ ଫିଚର୍ ଦ୍ୱାରା,ୟୁଜରମାନେ ନିଜ ସ୍ମାର୍ଟଫୋନର ଫିଙ୍ଗରପ୍ରିଣ୍ଟ କିମ୍ବା ଫେସ୍ ଅନ୍ଲକ୍ ବ୍ୟବହାର କରି ସୁରକ୍ଷିତ ଭାବେ ଟଙ୍କା ଦେଣନେଣ କରିପାରିବେ । ଅର୍ଥାତ୍ ଏବେ ପେମେଣ୍ଟ ପାଇଁ ଆଉ ମାନୁଆଲ୍ ଭାବେୟୁପିଆଇ ପିନ୍ ଟାଇପ୍ କରିବାକୁ ପଡ଼ିବ ନାହିଁ। ବ୍ୟାପକ ସ୍ତରରେ ଗ୍ରାହକଙ୍କୁ ଏଭଳି ସୁବିଧା ଯୋଗାଇବାରେ ଫୋନପେ ଦେଶର ପ୍ରଥମ କେତୋଟି ବଡ଼ ପେମେଂଟ ଆପ୍ ମଧ୍ୟରୁ ଅନ୍ୟତମ ହୋଇପାରିଛି। ଏହି ଶୁଭାରମ୍ଭ ଅବସରରେ ଫୋନପେ



ପେମେଣ୍ଟସର ମୁଖ୍ୟ , ଦୀପ ଅଗ୍ରଓ୍ୱାଲ କହିଛନ୍ତି, ଫୋନପେରେ ଆମର ଲକ୍ଷ୍ୟ ସର୍ବଦା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଡିଜିଟାଲ ପେମେଣ୍ଟକୁ ଅତି ସହଜ ଏବଂ ସୁଲଭ କରିବା । ବାୟୋମେଟ୍ରିକ ଅଥେଣ୍ଟିକେସନକୁ ସାମିଲ କରି, ଆମେ କୌଣସି ବାଧାବିଘ୍ନ ନଥାଇ ଏକ ସୁରୁଖୁରୁ ପେମେଣ୍ଟ ଅନୁଭୂତି ଦିଗରେ ଏକ ବଡ଼ ପଦକ୍ଷେପ ନେଉଛୁ । ଏହି ଫିଚର କେବଳ ସମୟ ବଞ୍ଚାଏ ନାହିଁ, ବରଂ ଏହାଦ୍ୱାରାୟୁଜରମାନଙ୍କୁ ହାର୍ଡୱେର-ଲେଭଲ ସୁରକ୍ଷା ମଧ୍ୟ ମିଳିଥାଏ, ଯାହା ସେମାନଙ୍କର ଦୈନନ୍ଦିନ ଟ୍ରାଞ୍ଜାକସନକୁ ସୁରକ୍ଷିତ କରିଥାଏ । ଆମର ବିଶ୍ୱାସ ଯେ ପେମେଣ୍ଟ ପ୍ରକ୍ରିୟାରୁ ସାଧାରଣ ବାଧାବିଘ୍ନଗୁଡ଼ିକୁ ଦୂର କରି, ଆମେ ଡିଜିଟାଲ ପେମେଣ୍ଟକୁ ସମସ୍ତଙ୍କ ପାଇଁ ଆହୁରି ସହଜ ଏବଂ ସୁରକ୍ଷିତ କରୁଛୁ ।

## ସଂସଦୀୟ ବନ୍ଧୁତ୍ୱ ଗୋଷ୍ଠୀ ଗଠନ

ନୂଆଦିଲ୍ଲୀ : ବିଶ୍ୱ ସହିତ ଭାରତର ଆନ୍ତଃ-ସଂସଦୀୟ ସମ୍ପର୍କକୁ ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲା ୬୦ ରୁ ଅଧିକ ଦେଶ ସହିତ ସଂସଦୀୟ ବନ୍ଧୁତା ଗୋଷ୍ଠୀ ଗଠନ କରିଛନ୍ତି। ଏହି ପଦକ୍ଷେପ ମହାଦେଶର ସଂସଦଗୁଡ଼ିକ ସହିତ ଭାରତୀୟ ସଂସଦର ଆଲୋଚନା ଏବଂ ଭାବବିନିମୟକୁ ଗଭୀର କରିବା ଏବଂ ନିରନ୍ତର ସଂସଦୀୟ ସମ୍ପର୍କ ସହିତ ପାରମ୍ପରିକ କୂଟନୀତିକୁ ପରିପୂରକ କରିବା ପାଇଁ ସୁଚିନ୍ତିତ ପ୍ରୟାସକୁ ପ୍ରତିଫଳିତ କରେ।

## ଭାରତୀୟ ଛାତ୍ରଛାତ୍ରୀଙ୍କୁ ଏଡୋବି ଦେବ ଏଆଇ-ପରିଚାଳିତ ସଫ୍ଟୱେର ଟୁଲସ୍

ନୂଆଦିଲ୍ଲୀ : ବିଶ୍ୱର ପ୍ରତିଷ୍ଠିତ ବୈଷୟିକ ସଂସ୍ଥା ଏଡୋବି ପକ୍ଷରୁ ଭାରତୀୟ ଯୁବପିଢୀଙ୍କ ପାଇଁ ଏକ ବଡ଼ ରଣନୈତିକ ନିବେଶ ସମ୍ପର୍କରେ ଘୋଷଣା କରାଯାଇଛି । "ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀରେ କମ୍ପାନୀ ପକ୍ଷରୁ ସୃଜନଶୀଳତା, ଉତ୍ପାଦକତା ଏବଂ ବ୍ୟକ୍ତିଗତ ଗ୍ରାହକ ଅଭିଜ୍ଞତା କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏଆଇ)ର ନୂତନ ଦିଗକୁ ଉନ୍ମୋଚନ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ଭାରତର ଆଗାମୀ ପୀଢିର ପ୍ରତିଭାମାନଙ୍କ ପାଇଁ ଏଆଇ-ପରିଚାଳିତ ସୃଜନଶୀଳତା ଏବଂ ଉତ୍ପାଦକତାକୁ ତ୍ୱରାନ୍ୱିତ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି ।

ସମଗ୍ର ଭାରତରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଏଡୋବି ସୃଜନଶୀଳତାର ସୁଯୋଗ ବିସ୍ତାର କରୁଛି ଏବଂ ସେମାନଙ୍କୁ ଏଆଇ ଦକ୍ଷତାରେ ସଶକ୍ତ କରୁଛି, ଯାହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣକୁ ଆହୁରି ତ୍ୱରାନ୍ୱିତ କରୁଛି, ବୋଲି ଏଡୋବିର ଅଧ୍ୟକ୍ଷ ତଥା ସିଇଓ ଶାନ୍ତନୁ ନାରାୟଣ କହିଛନ୍ତି । ଏଡୋବିର ଶିଳ୍ପ-ଅଗ୍ରଣୀ ଉପକରଣ (ଟୁଲ୍ସ) ବ୍ୟବହାର କରି ଭାରତର ଛାତ୍ରଛାତ୍ରୀମାନେ କଣ ସୃଷ୍ଟି କରୁଛନ୍ତି ଏବଂ ଏହା ମାଧ୍ୟମରେ କିପରି "ବିକଶିତ ଭାରତ"କୁ ତ୍ୱରାନ୍ୱିତ କରୁଛନ୍ତି, ତାହା ଦେଖିବାକୁ ମୁଁ ଉତ୍ସୁକତାର ସହ ଅପେକ୍ଷା କରିଛି । ଏହି ଯୋଜନା ଅଧୀନରେ ସମଗ୍ର ଭାରତରେ ସ୍ୱୀକୃତିପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଏଡୋବିର ପ୍ରମୁଖ ଆପ୍ଲିକେସନ୍ ଯଥା- ଫାୟାରଫ୍ଲାଏ, ଫଟୋସପ୍ ଏବଂ ଆକ୍ରୋବାଟ୍ ମାଗଣାରେ ପ୍ରଦାନ କରାଯିବ । ଏଡୋବି ଏହି ଉପାୟରେ ଆଗାମୀ ପିଢ଼ିକୁ ଏଆଇ-ପ୍ରାଥମିକତା କ୍ୟାରିୟର ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ କରୁଛି । କେବଳ ସଫ୍ଟୱେର ନୁହେଁ, ବରଂ ଏହି ଟୁଲକିଟ୍ ସହିତ ଆଧୁନିକ ପାଠ୍ୟକ୍ରମ, ତାଲିମ ଏବଂ ପ୍ରମାଣପତ୍ର ମଧ୍ୟ ସହଜରେ ଉପଲବ୍ଧ କରାଯାଉଛି । ଏହା ଦ୍ୱାରା ଛାତ୍ରଛାତ୍ରୀମାନେ ସେମାନଙ୍କର ପାଠପଢା ଶେଷ କରିବା ବେଳକୁ ବୈଷୟିକ ଜ୍ଞାନକୌଶଳରେ ଅନ୍ୟମାନଙ୍କଠାରୁ ଅଧିକ ଦକ୍ଷ ଓ ସ୍ୱତନ୍ତ୍ର ହୋଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ।

**ଟି -୨୦ ବିଶ୍ୱକପ୍**

# ଭାରତକୁ ଘାରିଛି ସେମିଫାଇନାଲ ଚିନ୍ତା

ଅହମଦାବାଦ, ୨୩।୨(ଏଜେନ୍ସି) : ଟି-୨୦ ବିଶ୍ୱକପରେ ଦ.ଆଫ୍ରିକା ନିକଟରୁ ବିରାଟ ପରାଜୟ ପରେ ଭାରତର ସେମି ଫାଇନାଲ ରାସ୍ତା କଣ୍ଟକିତ ହୋଇ ଯାଇଛି। ଦଳ ନିଜର ବାକି ୨ଟି ଯାକ ମ୍ୟାଚ୍ ଜିତିଲେ ମଧ୍ୟ ସେମିରେ ପ୍ରବେଶ କରିବାର ଗ୍ୟାରେଣ୍ଟୀ ନାହିଁ। ଦଳର ନେଟ ରନ ରେଟ ବା ପରାଜୟର ବ୍ୟବଧାନ ଏତେ ଖରାପ ହୋଇ ଯାଇଛି ଯେ କେବଳ କୌଣସି ଚମତ୍କାର ହିଁ ଭାରତକୁ ଚଳିତ ଟି-୨୦ ବିଶ୍ୱକପର ସେମି ଟିକେଟ ଦେଇପାରିବ।

ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳା ଯାଉଥିବା ମ୍ୟାଚରେ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୭ ରନ କରିଥିଲା। ଡାଭିଡ ମିଲର ୬୩ ଓ ଡେୱାଲ୍ଡ ବ୍ରେଭିସ ଦ୍ରୁତ ୪୫ ରନର ଇନିଂସ ଖେଳିଥିଲେ। ଭାରତ ପାଇଁ ଯଶପ୍ରୀତ ବୁମ୍ରା ୪ ଓଭରରେ ମାତ୍ର ୧୫ ରନ ଦେଇ ୩ ୱିକେଟ ନେଇଥିଲେ। ୧୮୮ ରନର ପିଛା କରୁଥିବା ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ କେବଳ ୧୧୧ ରନ କରିବାକୁ ସକ୍ଷମ ହୋଇଥିଲା। ମାର୍କୋ ୟାନସେନ ୪ ୱିକେଟ ନେଇଥିଲେ।




ପ୍ରଥମ ମ୍ୟାଚରେ ଭାରତ ହାରିଥିବାରୁ ଦଳକୁ ଏବେ ବାକି ଥିବା ଜିମ୍ବାୱେ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚକୁ ପ୍ରଥମେ ଜିତିବାକୁ ପଡ଼ିବ। ଦୁଇଟି ମ୍ୟାଚ୍ ଜିତିଲେ ମଧ୍ୟ ଅନ୍ୟ ଦଳର ପ୍ରଦର୍ଶନ ଉପରେ ଭାରତକୁ ନିର୍ଭର କରିବାକୁ ପଡ଼ିବ। ସେହିପରି ନେଟ ରନ ରେଟକୁ ମଧ୍ୟ ଦଳକୁ ସୁଧାରିବାକୁ ପଡ଼ିବ। ଭାରତ ଯଦି ତା'ର ବାକି ଦୁଇଟି ଯାକ ମ୍ୟାଚ୍ ଜିତିବ, ତା'ହେଲେ ଦଳର ପଏଣ୍ଟ ସଂଖ୍ୟା ୪ରେ ପହଞ୍ଚିବ। ଏପରି ସ୍ଥିତିରେ ଗ୍ରୁପରେ ଥିବା ବାକି ୩ଟି ଟିମରୁ ୨ଟି ଟିମ ଯଦି ୪ ପଏଣ୍ଟ ହାସଲ ନ କରିପାରିବେ, ତା'ହେଲେ ଭାରତ ବେଶ ସହଜରେ ସେମି ଫାଇନାଲକୁ ପ୍ରବେଶ କରିଯିବ। ଏଥିପାଇଁ ଦଳକୁ ଦକ୍ଷିଣ ଆଫ୍ରିକା ଉପରେ ନିର୍ଭର କରିବାକୁ ପଡ଼ିବ। ଭାରତ ଚାହିଁବ ଯେ ଦକ୍ଷିଣ ଆଫ୍ରିକା ଗ୍ରୁପ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଜିତୁ। ଏପରି ହେଲେ ଦକ୍ଷିଣ ଆଫ୍ରିକା ୬ ପଏଣ୍ଟ ପାଇ ଗ୍ରୁପ ଏରୁ ପ୍ରଥମ ସ୍ଥାନ ସହ ସେମି ଫାଇନାଲକୁ ଚାଲିଯିବ। ଏହାପରେ ରହିବେ ଭାରତ, ୱେଷ୍ଟଇଣ୍ଡିଜ ଓ ଜିମ୍ବାୱେ। ଆଜି ଜିମ୍ବାୱେ ଓ ୱେଷ୍ଟଇଣ୍ଡିଜ ମ୍ୟାଚ୍ ରହିଛି। ଧରି ନିଅନ୍ତୁ ଏହି ମ୍ୟାଚ୍ରେ ୱେଷ୍ଟଇଣ୍ଡିଜ ଜିତବ। ପରବର୍ତ୍ତୀ ମ୍ୟାଚରେ ୱେଷ୍ଟଇଣ୍ଡିଜର ମୁକାବିଲା ଦକ୍ଷିଣ ଆଫ୍ରିକା ଓ ସୁପର ୮ରେ ଦଳ ଶେଷ ମ୍ୟାଚ୍ ଭାରତ ବିପକ୍ଷରେ ଖେଳିବ। ଏହି ଦୁଇଟି ଯାକ ମ୍ୟାଚ୍ ୱେଷ୍ଟଇଣ୍ଡିଜ ହାରୁ ବୋଲି ଭାରତ ଚାହିଁବ। ଏପରି ହେଲେ ୱେଷ୍ଟଇଣ୍ଡିଜ କେବଳ ୨ ପଏଣ୍ଟ ପାଇବ।

ଭାରତ ୪ ପଏଣ୍ଟ ସହ ସେମିରେ ପ୍ରବେଶ କରିବ। ଯଦି ଦକ୍ଷିଣ ଆଫ୍ରିକା ପରବର୍ତ୍ତୀ ମ୍ୟାଚ୍ରେ ଇଣ୍ଡିଜ ଠାରୁ ହାରିଯିବ ଓ ଇଣ୍ଡିଜ ଟିମ ଜିମ୍ବାୱେକୁ ହରାଇ ଦେବ, ତା'ହେଲେ ଭାରତର ଭାଗ୍ୟ ନେଟ ରନ ରେଟ ଉପରେ ନିର୍ଭର କରିବ। ନେଟ ରନ ରେଟ ଆଧାରରେ ଭାରତ ଆଗକୁ ବଢ଼ିବା ବେଶ ମୁସ୍କିଲ।

ଯଦି ଆଜି ଖେଳା ଯିବାକୁ ଥିବା ଇଣ୍ଡିଜ ବିପକ୍ଷ ମ୍ୟାଚକୁ ଜିମ୍ବାୱେ ଜିତି ନେବ, ତା'ହେଲେ ବି ଭାରତକୁ ସେତେଟା ଫରକ ପଡ଼ିବ ନାହିଁ। ଧରି ନିଅନ୍ତୁ ଆଜିର ମ୍ୟାଚ୍ରେ ଜିମ୍ବାୱେ ଜିତବ। ପରବର୍ତ୍ତୀ ମ୍ୟାଚ୍ରେ ଜିମ୍ବାୱେର ମୁକାବିଲା ଭାରତ ଓ ଦକ୍ଷିଣ ଆଫ୍ରିକା ସହ ହେବ। ଏହି ଦୁଇଟି ଯାକ ମ୍ୟାଚ୍ ଜିମ୍ବାୱେ ହାରୁ ବୋଲି ଭାରତ ଚାହିଁବ। ଏପରି ହେଲେ ଜିମ୍ବାୱେ କେବଳ ୨ ପଏଣ୍ଟ ପାଇବ। ଭାରତ ୪ ପଏଣ୍ଟ ସହ ସେମିରେ ପ୍ରବେଶ କରିବ।

ଦକ୍ଷିଣ ଆଫ୍ରିକା ଯଦି ତା'ର ପରବର୍ତ୍ତୀ ଦୁଇଟି ଯାକ ମ୍ୟାଚ୍ ହାରିଯିବ ଓ ଭାରତ ପରବର୍ତ୍ତୀ ଦୁଇଟି ଯାକ ମ୍ୟାଚ୍ ଜିତି ନେବ ଓ ଇଣ୍ଡିଜ ମଧ୍ୟ ଦୁଟି ମ୍ୟାଚ୍ ଜିତିବ ତା'ହେଲେ ଗ୍ରୁପ ପର୍ଯ୍ୟାୟର ରୋମାଞ୍ଚ ଆହୁରି ବଢ଼ିବ। ଭାରତ ୪ ପଏଣ୍ଟ ସହ ଶୀର୍ଷରେ ରହିବାକୁ ଥିବା ବେଳେ ଇଣ୍ଡିଜ ଟିମ ମଧ୍ୟ ୪ ପଏଣ୍ଟ ପାଇବ।

ଏପରି ସ୍ଥିତିରେ ଭାରତ ଓ ଇଣ୍ଡିଜ ସେମିକୁ ଯିବେ। ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକାକୁ ସୁପର ୮ରୁ ବିଦାୟ ନେବାକୁ ପଡ଼ିବ। ସମାନ ନିୟମ ଜିମ୍ବାୱେ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ଜିମ୍ବାୱେ ୨ଟି ମ୍ୟାଚ ଜିତିଲେ ସେମି ଫାଇନାଲ ଦୌଡ଼ରେ ରହିପାରିବ।

## ଭାରତ ଏକାଦଶରେ ପରିବର୍ତ୍ତନ ସମ୍ଭାବନା

ଅହମଦାବାଦ : ସୁପର-୮ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତର ଶୋଚନୀୟ ପରାଜୟ ପରେ ଭାରତୀୟ ଦଳ ପାଇଁ ପରବର୍ତ୍ତି ଦୁଇଟି ମ୍ୟାଚ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ଦଳରେ କେତେକ ପରିବର୍ତ୍ତନ କରାଯାଇପାରେ ବୋଲି ସଂକେତ ଦେଇଛନ୍ତି ସହକାରୀ ପ୍ରଶିକ୍ଷକ ରିୟାନ ଟେନ୍ ଡଇସେଟ୍। ବିଶେଷକରି ସଂଜୁ ସାମସନଙ୍କୁ ଦଳରେ ସାମିଲ କରାଯିବା ଲାଗି ବିଚାର କରାଯାଉଛି ବୋଲି ସେ କହିଛନ୍ତି। ତେବେ କାହା ବଦଳରେ ତାଙ୍କୁ ସାମିଲ କରାଯିବ ସେ ସମ୍ପର୍କରେ ସେ କିଛି କହିନାହାନ୍ତି।ସେ କହିଛନ୍ତି ଯେ ଚଳିତ ବିଶ୍ୱକପରେ ଭାରତର ଟପ୍‌ଅର୍ଡର ଏକ ଭଲ ମୂଳଦୁଆ ସ୍ଥାପନ କରିବାରେ ବିଫଳ ହୋଇଛି।ଅଧିକାଂଶ ଥର ପ୍ରଥମ ୱିକେଟ୍ ଯୋଡ଼ିରେ ଶୂନ କିମ୍ବା -୧-୨ ରନ କରାଯାଇଛି। ପ୍ରତ୍ୟେକ ଥର ବିପକ୍ଷ ଦଳ ଜଣେ କାମଚଳା ଅଫ୍-ସ୍ପିନରଙ୍କ ମାଧ୍ୟମରେ ଭାରତୀୟ ଓପନିଂ ଯୋଡ଼ିକୁ ଭାଙ୍ଗିବାରେ ସଫଳ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ଏହି କାମ କରିଦେଇଥିଲେ। ଏହି କାରଣରୁ ସୂର୍ଯ୍ୟକୁମାର ଓ ତିଳକ ବର୍ମାଙ୍କ ଉପରେ ମୂଳରୁ ହିଁ ଚାପ ରହୁଛି। ଜଣେ ବ୍ୟାଟର ଯିଏକି ଗତ ୧୮ ମାସ ହେଲା ଭଲ ପ୍ରଦର୍ଶନ କରୁଛନ୍ତି, ମାତ୍ର ଗତ କେତୋଟି ମ୍ୟାଚରେ ବିଫଳ ହେଉଛନ୍ତି, ତାଙ୍କୁ ପୁଣି ଥରେ ସୁଯୋଗ ଦିଆଯିବ କିମ୍ବା ଓପନିଂରେ ବାମହାତୀ-ଡାହାଣହାତୀ ଯୋଡ଼ି ଲାଗି ସଂଜୁ ସାମସନଙ୍କୁ ଅଣାଯିବ? ଏ ସମ୍ପର୍କରେ ଆସନ୍ତା କିଛିଦିନରେ ଦଳରେ ବିଚାର କରାଯିବ ବୋଲି ସେ ସଂକେତ ଦେଇଛନ୍ତି। ତେବେ ଦଳରେ ରିଙ୍କୁ ସିଂଙ୍କୁ ସାମିଲ କରାଯିବା ନିଷ୍ପତ୍ତିକୁ ସେ ସମର୍ଥନ କରିଛନ୍ତି।

## ୱେଷ୍ଟ ଇଣ୍ଡିଜ ୧୦୭ ରନରେ ବିଜୟୀ

ୱାଙ୍ଖଡେ, ୨୩।୨(ଏଜେନ୍ସି) : ଟି -୨୦ ବିଶ୍ୱକପର ୪୪ତମ ମ୍ୟାଚ (ସୁପର ୮) ରେ ଜିମ୍ବାୱେକୁ ୧୦୭ ରନରେ ହରାଇ ୱେଷ୍ଟଇଣ୍ଡିଜ୍ ବିଜୟ ଲାଭ କରିଛି। ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ଓଭରରେ ୬ ୱିକେଟ ହରାଇ ୨୫୪ ରନ କରିଥିଲା। ଏହାର ଜବାବରେ ଜିମ୍ବାୱେ ସମସ୍ତ ୱିକେଟ ହରାଇ ୧୪୭ ରନ କରିଥିଲା।

**ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ**

## ୨ୟ ଦିନରେ ପପୁଲାର କ୍ଲବ ଢେଙ୍କାନାଳ ବିଜୟୀ



ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡା ସହରାଞ୍ଚଳର ମଧୁବନ ମିନି ଷ୍ଟାଡିୟମରେ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଠାରୁ ଆରମ୍ଭ ହୋଇଥିବା ବେଳେ ଦିତୀୟ ଦିବସରେ ପପୁଲାର କ୍ଲବ ଢେଙ୍କାନାଳ ୩-୧ ଗୋଲରେ ବିଜୟୀ ହେଇଥିବା ଜଣାଯାଇଛି । ଦିତୀୟ ଦିବସର ମ୍ୟାଚରେ ସ୍ଥାନୀୟ ତହସିଲଦାର ବିଶ୍ୱଶୃତ ତ୍ରିପାଠୀ ମୂଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡଃ ଅଭିଷାର ପଣ୍ଡା, କଟକ ଲୋକସଭା ସାଂସଦଙ୍କ ନୟାଗଡ଼ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ପଣ୍ଡିତ ମନୋଜ ଦାଶ, ସମାଜସେବୀ ଅଖିଳ କୁମାର ମହାରଣା ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ । ଏହି ମ୍ୟାଚ ପପୁଲାର କ୍ଲବ ଢେଙ୍କାନାଳ ଓ ବଜରଙ୍ଗୀ କ୍ଲବ ଘାଟିକିଆ ଭୁନେଶର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୩-୧ ଗୋଲରେ ପପୁଲାର କ୍ଲବ ବିଜୟୀ ଘୋଷିତ ହୋଇଥିଲା । ବରିଷ୍ଠ କ୍ରୀଡାବିତ ପ୍ରସନ୍ନ ନାୟକ ଏହି କ୍ରୀଡା ପରିଚାଳନା କରିଥିବାବେଳେ ସରୋଜ ମହାରଣା, ବିଦ୍ୟାଧର ନାୟକ ଲାଇନ ରେ ଓ ସମୀର ଖୁଣ୍ଟିଆ ଚତୁର୍ଥ ରେଫରୀ ଭାବେ କାର୍ଯ୍ୟ କରିଥିଲେ । ସ୍ଥାନୀୟ ବିଧାୟକଙ୍କ ସର୍ଗତ ପିତାଙ୍କ ନାମରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଦାରା ଆୟୋଜିତ ଏହି ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଉପଦେଷ୍ଟା ବରିଷ୍ଠ କ୍ରୀଡାବିତ ଭିକାରୀ ଖଣ୍ଡାୟତଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିବା ଜଣାଯାଇଛି । ଗତକାଲି ରବିବାର ଦିନ ଏହିଖେଳର ମ୍ୟାଚକୁ ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ଙ୍କ ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ ।

**ମା ମାହେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ**

## ଉଦଘାଟନୀ ମ୍ୟାଚରେ କନ୍ଧମାଳ ବିଜୟୀ

ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ୟୁଥ ଆନୁକୂଲ୍ୟରେ ଅନୁଷ୍ଠିତ ମା ମାହେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ମିନି ଷ୍ଟାଡିଅମ ଖେଳ ପଡିଆ ରେ ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ କନ୍ଧମାଳ ଏବଂ ଆଠମଲ୍ଲିକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ୩ ଟି ଗୋଲ ଦେଇଥିବା ବେଳେ ଆଠମଲ୍ଲିକ ୨ ଟି ଗୋଲ ପରିଶୋଧ କରିଥିଲେ। ଯା ଫଳ ରେ ୩ /୨ ଗୋଲରେ କନ୍ଧମାଳ ବିଜୟୀ ହୋଇ ସେମି ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହି ମ୍ୟାଚରେ ମୁଖ୍ୟ ରେଫରୀ ଭାବରେ ସାଗର ବେହେରା, ଲାଇନ୍ସ ମ୍ୟାନ ଭାବେ ସଲିଲ ବେହେରା, ଶଶିକାନ୍ତ ଦାଶିଆ ଖେଳକୁ ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରୀ ଭାବରେ ମୁକେଶ ପ୍ରଧାନ ଦାୟିତ୍ୱ ତୁଲାଇ



ଥିଲେ। ଏହି ମ୍ୟାଚ ଅବସରରେ ଅତିଥି ଭାବରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, କିଶୋରନଗର ବ୍ଲକ ପ୍ରତିନିଧି ସରୋଜ ସାହୁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଯୁବ ରାଜ ପରେଶ ଦେଓ, ବିଜେପି ନେତା ପିନା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳର ଖେଳାଳଙ୍କ ସହିତ କରମର୍ଦନ କରିବା ସହିତ ଉତ୍ସାହିତ କରିଥିଲେ। ଆଠମଲ୍ଲିକୟୁଥର ସଭାପତି ହୁସେନ ଖାଁ, ସମ୍ପାଦକ ଅବିନାଶ ଷଡ଼ଙ୍ଗୀ,ସଦସ୍ୟ ମହେନ୍ଦ୍ର ସାହୁ, ରବୀନ୍ଦ୍ର ଦାଶ,ସ୍ୱଦେଶ ରଥ, ନନ୍ଦ କିଶୋର ତ୍ରିପାଠୀ,ପ୍ରଦୀପ ଦାଶ, ଜୀବନ ଜ୍ୟୋତି ମୁଖି, ଅନିଲ ମହାଲିକ,ନିରାକାର ଭୁକ୍ତା, ସିଦ୍ଧାର୍ଥ ମହାକୁଡ଼, ଯୀଶୁ ମେଣ୍ଡୁଲି, ଭକ୍ତି ପ୍ରସାଦ ଦେହୁରୀ, ନଗେନ ପ୍ରଧାନ, ପ୍ରଦୀପ ବାଘ, ସ୍ୱଓ୍ୱଙ୍ଗ ଶକ୍ତି ପ୍ରଧାନ, ଅନିଲ ସାହୁ, ଦେବବ୍ରତ ବେହେରା, ଶିତେଶ ରଥଙ୍କ ସମେତ ଆଠମଲ୍ଲିକୟୁଥର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଦୀପ କୁମାର ବାହୁକା ମଙ୍ଗଳବାର ଝାରସୁଗୁଡା ଓ ବରଗଡ଼ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ମାନେ ପ୍ରକାଶ କରିଛନ୍ତି।



ଭୁବନେଶ୍ୱରଠାରେ ଚାଲିଥିବା ତୋଷାଳୀ ସ୍ୱଦେଶୀ ମେଳାରେ କ୍ରୀଡାବିତ୍ ଡ. ଅନୁରାଧା ବିଶ୍ୱାଳଙ୍କୁ ହସ୍ତତନ୍ତ ଓ ବୟନ ସଚିବ ତଥା କମିଶନର ଗୁହା ପୁନମ୍ ତାପସ କୁମାର ସମ୍ବର୍ଦ୍ଧିତ କରୁଛନ୍ତି । ନିକଟରେ ଉପସ୍ଥିତ ଅଛନ୍ତି ଶକ୍ତି କମିଶନର ତଥା ସଚିବ ବିଶାଳ ଦେବ ।

**ରୋଟାରୀ ରୟାଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

## ରୋଟାରୀ କ୍ଲବ୍ ଅଫ୍ କଟକ ବିଜୟୀ

ଭୁବନେଶ୍ୱର, ୨୩।୨(ସବ୍ୟୁ) : ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ରୟାଲ୍ ଆନୁକୂଲ୍ୟରେ ସ୍ଥାନୀୟ ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ କ୍ରିକେଟ୍ ପଡ଼ିଆଠାରେ 'ରୋଟାରୀ ରୟାଲ୍ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୨୦୨୬' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଗତ ରବିବାର (୨୨ ଫେବୃଆରୀ) ଅନୁଷ୍ଠିତ ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ରୋଟାରିଆନମାନଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ, ବନ୍ଧୁତ୍ୱ ଓ କ୍ରୀଡ଼ା ନୈପୁଣ୍ୟ ଦେଖିବାକୁ ମିଳିଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ୍ ମନୋଜ ତ୍ରିପାଠୀ ଉଦଘାଟନ କରିଥିଲେ। ଏହି ଅବସରରେ ଡି.ଜି.ଇ ରୋଟାରିଆନ୍ ଅନିଲ ସାମଲ, ପି.ଡି.ଜି ରୋଟାରିଆନ୍ ରବିନାରାୟଣ ନନ୍ଦ ଏବଂ ପି.ଡି.ଜି ରୋଟାରିଆନ୍ ଦେବାଶିଷ ମିଶ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ରୋଟାରୀ ଆନ୍ତର୍ଜାତୀୟ ଜିଲ୍ଲା ୩୨୬୨ର ମୋଟ ଚାରୋଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ 'ରୋଟାରୀ କ୍ଲବ୍ ଅଫ୍ ମେଡୋଜ୍' ଏବଂ 'ରୋଟାରୀ କ୍ଲବ୍ ଅଫ୍ କଟକ' ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ରୋଟାରୀ କ୍ଲବ୍ ଅଫ୍ କଟକ ବିଜୟୀ ହୋଇ ସମ୍ମାନଜନକ 'ରୟାଲ୍ କପ୍' ଟ୍ରଫି ହାସଲ କରିଛି। ପୁରସ୍କାର ବିତରଣୀ ସମାରୋହରେ ଅନେକ ବିଶିଷ୍ଟ



ରୋଟାରିଆନ୍ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ପି.ଡି.ଜି ରୋଟାରିଆନ୍ ଅଶ୍ୱିନୀ କର, ଡି.ଜି.ଇ.ଏନ୍ ରୋଟାରିଆନ୍ ଇନ୍ଦ୍ରଜିତ ସାହୁ, ପି.ଡି.ଜି ରୋଟାରିଆନ୍ ଶିବବ୍ରତ ଦାସ, ଡି.ଜି.ଇ ରୋଟାରିଆନ୍ ଅନିଲ ସାମଲ, ପି.ଡି.ଜି ରୋଟାରିଆନ୍ ରବିନାରାୟଣ ନନ୍ଦ, ରୟାଲ୍ କ୍ଲବ୍ ସଭାପତି ରୋଟାରିଆନ୍ ଅର୍ଜୁନ କୁମାର ସାହୁ, ସମ୍ପାଦକ ରୋଟାରିଆନ୍ ଦୀପକ ସେହଗଲ୍ ଏବଂ ଟୁର୍ଣ୍ଣାମେଣ୍ଟ ଅଧକ୍ଷ ରୋଟାରିଆନ୍ ବିଶ୍ୱଜିତ ମିଶ୍ର ପ୍ରମୁଖ ସାମିଲ ଥିଲେ। ଏହା ବ୍ୟତୀତ ଆଇ.ପି.ପି ବିଭୂତି ଭୂଷଣ କର, ପି.ପି ପ୍ରସନ୍ନ କୁମାର ଲେଙ୍କା, ପି.ପି ବାଦଲ ପରିଜା, କାର୍ଯ୍ୟନିର୍ବାହୀ ସମ୍ପାଦକ ଦେବାବ୍ରତ ମହାନ୍ତି, ବିଜୟ ଅଗ୍ରୱାଲ, ପି.ପି ସଞ୍ଜୟ ଚୌଧୁରୀ, ପ୍ରଭଞ୍ଜନ ମଲ୍ଲିକ, ପ୍ରଶାନ୍ତ ସାହୁ, ଶ୍ରୀନିବାସ ସାହୁ, ଦେବା ପାତ୍ର, ପି.ପି ତୁଷାର ମହାନ୍ତି, ପି.ପି ଅଜୟ ପଟ୍ଟନାୟକ ଏବଂ ପି.ପି ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଭାପତି ରୋଟାରିଆନ୍ ଅର୍ଜୁନ କୁମାର ସାହୁ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ସଦସ୍ୟଙ୍କ ନିରନ୍ତର ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ନିମନ୍ତେ କୃତଜ୍ଞତା ଜ୍ଞାପନ କରିଛନ୍ତି। ରୋଟାରୀ ଜିଲ୍ଲାର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଏକତା ଓ ସଂହତି ବୃଦ୍ଧି କରିବା ପାଇଁ ପ୍ରତିବର୍ଷ ଏହି ରୟାଲ୍ କପ୍ ଆୟୋଜନ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୦୭୮୫୩୩୧୭୪ / ଇମେଲ୍ classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୦୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

## ରୁଙ୍ଗଟା ମାଇନ୍ସ ପକ୍ଷରୁ ଆୟୋଜିତ ସିଏସଆର୍ ଟି ୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶେଷ

ଯୋଡ଼ା , (ସବ୍ୟୁ): ଗତ ଫେବୃଆରୀ ୧୭ ତାରିଖରେ ଆରମ୍ଭ ହୋଇଥିବା ରୁଙ୍ଗଟା ମାଇନ୍ସ ଲିମିଟେଡ ପକ୍ଷରୁ ନିଗମ ସାମାଜିକ ଦାୟିତ୍ୱ(ସିଏସଆର) ଦ୍ୱାରା ଆୟୋଜିତ ପ୍ରଥମ ସଂସ୍କରଣ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ୨୧ ତାରିଖରେ ଶେଷ ହୋଇଛି ।ଏଥିରେ ଚାମ୍ପିଆନ ହେବା ଦୌଡରେ ସାମିଲ ହୋଇଥିଲେ ବଡ଼ବିଲର କୋଣ ଅନୁକୋଣରୁ ଆସିଥିବା ୧୬ଟି ଟିମ । ବଡବିଲରୁ ଆସିଥିବା ଦଳ ଏବଂ ଖେଳାଳୀ ମାନଙ୍କ ପ୍ରଦର୍ଶନ ଏବଂ ଉତ୍ସାହ ଚର୍ଚ୍ଚାର ବିଷୟ ଥିଲା ।

ବଡବିଲ ପୋଲିସ ଟିମ ଓ ରୁଙ୍ଗଟା ଏକାଦଶ ଟିମ ଦ୍ୱୟ ଲିଗ ମ୍ୟାଚ ପର୍ଯ୍ୟାୟରୁ ହିଁ ନିଜର ଉତ୍ତମ ତାଳମେଳ, ସୁଦୃଢ ରଣ କୌଶଳ ଏବଂ ଉତ୍କୃଷ୍ଟ ଖେଳର ପ୍ରଦର୍ଶନ କରି ଦର୍ଶକମାନଙ୍କ ମନ ଜିଣି ପାରିଥିଲେ । ଫାଇନାଲ ମ୍ୟାଚରେ ଏହି ଦୁଇ ଶକ୍ତିଶାଳୀ ଦଳ ମୁହାଁମୁହିଁ ହୋଇଥିଲେ । ବଡବିଲ ପୋଲିସ ଟିମ ଟସ ଜିତି ବ୍ୟାଟିଂ ର ନିଷ୍ପତି ନେଇଥିଲେ ଏବଂ ରୁଙ୍ଗଟା ଏକାଦଶ ଆଗରେ ୯୨ ରନର ବିଜୟ ଲକ୍ଷ୍ୟ ରଖିପାରିଥିଲେ । ଏହି ଲକ୍ଷ୍ୟକୁ ରୁଙ୍ଗଟା ଏକାଦଶ ପିଛା



କରି ୧୦ ଓଭର୍ ରେ ମାତ୍ର ୮୨ ରନ କରି ପରାଜୟ ହୋଇଥିଲା । ବଡବିଲ ପୋଲିସ ଦଳର ଅଧିନାୟକ ପ୍ରଶାନ୍ତ ସାମଲ ନିଜର ବ୍ୟକ୍ତିଗତ ୭ ରନ ସହିତ ୨ଟି ଓ୍ୱିକେଟ ହାସଲ କରିବା ସହ ପ୍ଲେଅର୍ ଅଫ ଦ ମ୍ୟାଚ ପୁରସ୍କୃତ ହୋଇଥିଲେ ।

ତେବେ ନିଜ ଚମତ୍କାର ବ୍ୟାଟିଂ ଏବଂ ବୋଲିଂ ବଳରେ ରୁଙ୍ଗଟା ଏକାଦଶର ସତ୍ୟବାନ ଆପଟ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୫୭ ରନ ସହିତ ୫ ଓ୍ୱିକେଟ ସଂଗ୍ରହ କରି ସର୍ବଶ୍ରେଷ୍ଠ ଖେଳାଳୀର ଟାଇଟେଲ ହାସଲ କରିଥିଲେ । ସେହିଭଳି ବଡବିଲ ପୋଲିସ ଟିମ ର ରାଜନ ଟୁର୍ଣ୍ଣାମେଣ୍ଟର ବେଷ୍ଟ-ବ୍ୟାଟର୍ ଏବଂ ପ୍ରଶାନ୍ତ ସାମଲ ବେଷ୍ଟ-ବୋଲରର ଟାଇଟେଲ ଜିତିଥିଲେ । ରାଜନ ପୁରା ଟୁର୍ଣ୍ଣାମେଣ୍ଟରେ ୧୨୦ ରନ ସ୍କୋର୍ କରିଥିବା ବେଳେ, ପ୍ରଶାନ୍ତ ସାମଲ ସମୁଦାୟ ୪ଟି ଇନିଂସ-ରେ ୮ ଟି ଓ୍ୱିକେଟ ହାସଲ କରିଥିଲେ ।ଏଥିସହିତ ରୁଙ୍ଗଟା ଏକାଦଶ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ସହ ନିଜର ଟିମର ସର୍ବୋତ୍ତମ ଅନୁଶାସନ ଟିମ ଭାବରେ ପୁରସ୍କୃତ ହୋଇଥିଲା । ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ୩୦ ହଜାର ଟଙ୍କା ଓ ରନର୍ସ ଅପ ଟିମକୁ ୨୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଗଣେଶ୍ୱର ମହାନ୍ତ (ଏମ.ପି ପ୍ରତିନିଧି ), ରାଜୁ ମହାନ୍ତ(ସି.ଏମ.ପ୍ରତିନିଧି), ବବିରାଣୀ ମହାନ୍ତ (ପୌର ସଭ୍ୟା), ଲକ୍ଷ୍ମଣ ମହାନ୍ତ (ସମାଜ ସେବୀ), ଦେବେନ୍ଦ୍ର ପିଙ୍ଗୁଆ (ଏସ.ଡି.ପି.ଓ), ଅଶୋକ ନାୟକ(ବଡ଼ବିଲ ଆଇ.ଆଇ.ସି),ପ୍ରଶାନ୍ତ ସାମଲ (ଯୋଡ଼ା ଆଇ.ଆଇ.ସି) ବିଶ୍ୱରଞ୍ଜନ ପାଢ଼ୀ (ସିଜିଏମ), ଆନନ୍ଦ ଚରଣ ସାହୁ (ସିଜିଏମ, ମାନବ ସମ୍ବଳ), ସୁରେଶ ମହାପାତ୍ର (ପ୍ଲାଣ୍ଟ ମୁଖ୍ୟ), ଭି.ଏନ.ଝା (କାରଖାନା ପରିଚାଳକ), କଲ୍ୟାଣ କମଳ ଭୂୟାଁ, କେ.ସି. ପାତ୍ର, ଏସ.କେ. ବାରିକ, ଚନ୍ଦ୍ର ଶେଖର ମିଶ୍ର ସରୋଜ ମହାପାତ୍ର, ସଞ୍ଜୟକୁମାର କନୌଜିୟା, ସୁଶୀଲ ପ୍ରଧାନ, ଭାଗୀରଥ ପଣ୍ଡା, ଅଜୟ ମହାନ୍ତ , ଅନିଲ ମହାନ୍ତ ଏବଂ ଅବିନାଶ ମହାନ୍ତ ଇତ୍ୟାଦି ଏହି ଅବସରରେ ଉପସ୍ଥିତ ଥିଲେ ଏବଂ ଟୁର୍ଣ୍ଣାମେଣ୍ଟରେ ସୁନିଲ ଗୁପ୍ତା, ପୁରେନ୍ଦ୍ର ମହାନ୍ତ,ଜେଠୁରାମ ପାତ୍ର ପରିଚାଳନା କରିଥିବା ବେଳେ ବିଘ୍ନେଶ ପରିଡ଼ା , ସୁବଳ ଜେନା ସ୍କୋର ବୋର୍ଡ କାର୍ଯ୍ୟ ତୁଲାଇଥିଲେ ଏବଂ ସୁରେଶ ସାଣ୍ଡିଲ, ବିନ୍ନୀ କର ଧାରା ବିବରଣୀ ପ୍ରବେଶ କରେଇଥିଲେ। ପ୍ରଣୟ କୁମାର ଦେଓ (ନିର୍ଦ୍ଦେଶକ) ଓ ଲକ୍ଷ୍ମଣ ମହାନ୍ତ(ସମାଜ ସେବୀ)ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସୂଚାରୁ ରୂପେ ପରିଚାଳିତ ହୋଇଥଲା ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି